R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୫
ତିଥି : ଅମାବାସ୍ୟା
୧୮ ଜାନୁଆରୀ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ


समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 105
18 January 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# କୋଲକାତାରୁ ଆସିବ ୧ ଲକ୍ଷ କୋଟି ନିବେଶ

- ୨୭ ଏମ୍‌ଓୟୁ, ୧୯ ବିନିଯୋଗ ପ୍ରସ୍ତାବ
- ୯୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି
- ଓଡ଼ିଶା ଏବେ ପୂର୍ବ ଭାରତର ଶିଳ୍ପ ଅଭିବୃଦ୍ଧିର ସହ-ସଞ୍ଚାଳକ




ଭୁବନେଶ୍ୱର, ୧୭ ।୧ (ସବ୍ୟୁ) : କୋଲକାତାରୁ ଆସିବ ୧ ଲକ୍ଷ କୋଟିର ନିବେଶ। ୪ଟି ଗୋଲ ଟେବୁଲ ବୈଠକରେ ୧୩୦ ଜଣଙ୍କ ସହ କଥାବାର୍ତ୍ତା କରାଯାଇଛି । ଏବଂ ୧୯ଟି ନିବେଶ ପାଇଁ ୨୭ଟି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏହି ନିବେଶ ଦ୍ୱାରା ୯୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୂର୍ବୋଦୟ ଯୋଜନାରେ ଏବେ ଓଡ଼ିଶା ଏବେ ପୂର୍ବ ଭାରତରେ ପରବର୍ତ୍ତୀ ପର୍ଯ୍ୟାୟ ଶିଳ୍ପ ଅଭିବୃଦ୍ଧିରେ ସହଯୋଗୀ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟକୁ ନିବେଶ ଆସିବା ପାଇଁ କୋଲକାତାର ନିବେଶକଙ୍କ ସମ୍ମିଳନୀ କରାଯାଇଥିଲା। ଆଇଟିସି ସୋନାରରେ ହୋଇଥିବା ନିବେଶକଙ୍କ ରୋଡ ଶୋ'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶିଳ୍ପପତିମାନଙ୍କୁ ଓଡ଼ିଶାର ଶିଳ୍ପକ୍ଷେତ୍ରରେ ସହଯୋଗୀ ହେବା ଲାଗି ଆମନ୍ତ୍ରଣ କରିଥିଲେ। ସେ କହିଥିଲେ ଯେ, ଆର୍ଥିକ କ୍ଷେତ୍ରରେ ଓଡ଼ିଶା ସୁଦୃଢ଼ ଓ ଅର୍ଥନୀତି କ୍ଷେତ୍ରରେ ସୁରକ୍ଷିତ। ସମ୍ବଳ ଭିତ୍ତିକ ଅର୍ଥନୀତିକୁ ରୂପାନ୍ତରିତ କରିବା ପାଇଁ ମୂଲ୍ୟ ଯୁକ୍ତ ନିବେଶକୁ ଗୁରୁତ୍ୱ ଦିଆଯାଉଛି। ଅଗ୍ରଣୀ ଉତ୍ପାଦନ ହବ୍ ହେବା ସହ ସ୍ଥାୟୀତ୍ୱ ଓ ଦ୍ରୁତଗତିରେ ନିବେଶ ବୃଦ୍ଧି ପାଉଛି। ଓଡ଼ିଶାର ବିସ୍ତିର୍ଣ୍ଣ ବେଳାଭୂମି ପାରାଦ୍ୱୀପ, ଧାମରା, ଗୋପାଳପୁର ଭଳି ବନ୍ଦର ଓ ବନ୍ଦର ଭିତ୍ତିକ ଶିଳ୍ପାୟନ ପୂର୍ବ ଓ କେନ୍ଦ୍ରୀୟ ଭାରତରେ ବେଶ ପ୍ରତିଫଳନ କରିବ। ଏହି ନିବେଶକ ସମ୍ମିଳନୀରେ ୧୩୦ଟି ମତ ବିନିମୟ ହୋଇଥିଲା। ବିଶେଷକରି ପୋଷାକ, ବୈଷୟିକ, ଟେକ୍ସଟାଇଲ ଆଦି କ୍ଷେତ୍ରରେ ୧୮ ପ୍ରମୁଖ (୯ ପୃଷ୍ଠାରେ)

# ଗୋ ମାଫିଆଙ୍କ ଘରେ ପୋଲିସ ଚଢ଼ାଉ

## ବିପୁଳ ଟଙ୍କା, ସୁନା, ରୁପା ଅଳଙ୍କାର ଠାବ



ବାରିପଦା/ଭଦ୍ରକ/ ଢ଼େଙ୍କିକୋଟ/ ଠାକୁରମୁଣ୍ଡା, ୧୭ ।୧ (ସବ୍ୟୁ) : କେନ୍ଦୁଝର ପୁଲିସର ଏକାଧିକ ଦଳ କେନ୍ଦୁଝର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର୪୬ଟି ସ୍ଥାନରେ ବେଆଇନ ଗୋରୁ ବ୍ୟବସାୟୀଙ୍କ ବାସଭବନରେ ଚଢ଼ାଉ କରିଛନ୍ତି । ଚଢ଼ାଉ ଟିମରେ ସାମିଲ କର୍ମଚାରୀମାନେ ଗୋମାଫିଆଙ୍କ ଘରେ ବିପୁଳ ପରିମାଣର ନଗଦ ଟଙ୍କା ଓ ସୁନାରୂପା ଅଳଙ୍କାର ଦେଖି ତଟସ୍ଥ ହୋଇଯାଇଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅଧୀନ ଘିଆଯୋଡ଼ି, ବିଶୋଇ, କରଞ୍ଜିଆ ତେଣ୍ଟୋପୋଷି, ଚଢ଼େଇଭୋଳ, କେନ୍ଦରାଇ, ଠାକୁରମୁଣ୍ଡା ରେ ଥିବା ଗୋ ମାଫିଆଙ୍କ ଘରେ ଆଜି ଭୋର୍ ସମୟରୁ କେନ୍ଦୁଝର ପୋଲିସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅଧୀନ ଘିଆଯୋଡ଼ି, (୯ ପୃଷ୍ଠାରେ)

# ରାଉରକେଲା ବିମାନ ଦୁର୍ଘଟଣା : ଆହତ ସୁଶାନ୍ତ ମୃତ

ରାଉରକେଲା, ୧୭ ।୧ (ସବ୍ୟୁ): ମୁମ୍ବାଇରୁ ଆସି ରାଉରକେଲାରେ ବିମାନ ପହଞ୍ଚି ସାରିଥିଲା । ସ୍ଥାନୀୟ ଡାକ୍ତରଖାନାରୁ ଗୁରୁତର ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସରେ ନେବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଥିଲା । ଅଳ୍ପ ସମୟ ମଧ୍ୟରେ ଗୁରୁତର ବ୍ୟକ୍ତି ରାଉରକେଲାରୁ ମୁମ୍ବାଇ ଅଭିମୁଖେ ଏୟାର ଆମ୍ବୁଲାନ୍ସରେ ଯାଇଥାନ୍ତେ । ଅଧିକ ଚିକିତ୍ସା ପାଇଁ ମୁମ୍ବାଇର ଘରୋଇ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଗତ ୧୦ ତାରିଖ ଦିନ ବିମାନ ଦୁର୍ଘଟଣାର ଶିକାର ହୋଇଥିବା ସୁଶାନ୍ତ ବିଶ୍ୱାଳଙ୍କର ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି ।

ସୁଶାନ୍ତ ଗୁରୁତର ହେବା ସୂଚନା ପାଇ "ଇଣ୍ଡିଆ ୱାନ ଏୟାର'ର ମୁଖ୍ୟ ନିର୍ବାହୀ ଅଧିକାରୀ ରାଉରକେଲାସ୍ଥିତ ହସ୍ପିଟାଲରେ ପହଞ୍ଚି ଥିଲେ । ତଥ୍ୟ ନେବାରେ ଜଣାପଡ଼ିଛି ଯେ ମୁମ୍ବାଇରୁ ଏୟାର ଆମ୍ବୁଲାନ୍ସ ଅପରାହ୍ନ ୧ଟା ୪୦ ମିନିଟରେ ରାଉରକେଲା ବିମାନବନ୍ଦରରେ ପହଞ୍ଚି ସାରିଥିଲା । ସୁଶାନ୍ତଙ୍କୁ ଆଇସିୟୁରୁ ବାହାର କରି ଆମ୍ବୁଲାନ୍ସ ବିମାନବନ୍ଦରକୁ ନେବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ତାଙ୍କୁ ମୁମ୍ବାଇର ନାନାବତୀ ହସ୍ପିଟାଲକୁ ନେବାକୁ ସମସ୍ତ ପ୍ରକ୍ରିୟା ମଧ୍ୟ ସରିଥିଲା। ସେପଟେ ସେହି ଦିନର ଅନ୍ୟତମ ଯାତ୍ରୀ ସୁଶାନ୍ତଙ୍କ ଭଉଣୀ ଅନିତା ସାହୁ ଚିକିତ୍ସିତ ହେଉଛନ୍ତି। ତାଙ୍କ ମୁଣ୍ଡରେ ୧୮ ଟି ଷ୍ଟିଚ୍ ପଡ଼ିଛି ।

ସୂଚନାଯୋଗ୍ୟ, ଭୁବନେଶ୍ୱରରୁ କୋଲକାତା ଯାଉଥିବା ବେଳେ ଜଲଦା କାଏଁସର ଗ୍ରାମର ଏକ ପଡ଼ିଆ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ୯ ସିଟର ପ୍ଲେନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣା ଗତ ୧୦ ତାରିଖ ମଧ୍ୟାହ୍ନରେ ଘଟିଥିଲା ।

# ଜାନୁଆରୀ ୨୬ରେ ଆତଙ୍କୀ ହାମ୍‌ଲା ସନ୍ଦେହ

ନୂଆଦିଲ୍ଲୀ, ୧୭ ।୧ : ସାଧାରଣତନ୍ତ୍ର ଦିବସରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ଦେଖା ଦେଇଥିବାରୁ ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ହାଇ ଆଲର୍ଟ ଜାରି କରାଯାଇଛି। ବିଶେଷ କରି ଗୁଇନ୍ଦା ସୂଚନାକୁ ଆଧାର କରାଯାଇ ଏହି ପଦକ୍ଷେପ ନିଆଯାଇଛି। ଖଲିସ୍ତାନୀ ଓ ବାଂଲାଦେଶ ସଂଯୁକ୍ତ ଆତଙ୍କବାଦୀ ଦିଲ୍ଲୀ ସମେତ ଅନ୍ୟ କେତେକ ସହରକୁ ଟାର୍ଗେଟ କରିପାରନ୍ତି ବୋଲି ଗୁଇନ୍ଦା ସଂସ୍ଥା ପକ୍ଷରୁ ସୂଚନା ଦିଆଯିବା ସହ ଆଲର୍ଟ ଜାରି କରାଯାଇଥିବା ଜଣାପଡିଛି।

ସୂତ୍ର ଅନୁଯାୟୀ ପଞ୍ଜାବରେ ଏବେ ଗ୍ୟାଙ୍ଗଷ୍ଟାରଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହି ଗ୍ୟାଙ୍ଗଷ୍ଟାରମାନେ ଖଲିସ୍ତାନୀ ଓ ବିଦେଶରୁ (୯ ପୃଷ୍ଠାରେ)

# ୧୯ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧୭ ।୧ (ସବ୍ୟୁ) : ଆସନ୍ତା ସୋମବାର ଜାନୁଆରୀ ୧୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଆସନ୍ତା ସୋମବାର "ଜନ ଅଭିଯୋଗ ଶୁଣାଣି ବନ୍ଦରହିବ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଲୋକଙ୍କୁ ଅସୁବିଧାରେ ନ ପଡ଼ିବା ପାଇଁ ବିଭାଗ ପକ୍ଷରୁ ଆଗୁଆ ସୂଚନା ଦିଆଯାଉଛି।

## ମହାନଦୀ କମିଟି ଦ୍ୱିତୀୟ ବୈଠକ

# ଛତିଶଗଡ଼ ଯିବ ମନ୍ତ୍ରିସ୍ତରୀୟ କମିଟି

### ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବଢ଼ାଇବା ଲାଗି ଆବେଦନ

### ୨୩ରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର, ୧୭ ।୧ (ସବ୍ୟୁ) : ଛତିଶଗଡ ସହ ଥିବା ମହାନଦୀ ଜଳ ବିବାଦ ସମ୍ପର୍କରେ ଆଲୋଚନା କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ମହାନଦୀ କମିଟି ଆସନ୍ତା ୩୧ ଓ ଫେବୃଆରୀ ପହିଲାରେ ଛତିଶଗଡ ଯିବ। ଏହା ପୂର୍ବରୁ ୨୩ ତାରିଖରେ ସର୍ବଦଳୀୟ ବୈଠକ ବସିବ। ଏହାଛଡ଼ା ଯେଉଁମାନେ ମହାନଦୀ ଆନ୍ଦୋଳନ ସହ ସମ୍ପୃକ୍ତ ଥିଲେ , ପରିବେଶ ବିତ୍ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି।

ମହାନଦୀ ଜଳ ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଆଜି ରାଜୀବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ସୋଫିଆ ଫିର୍ଦୋସ, ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କମିଟି ଛତିଶଗଡ ସହ ଆପୋଷ ସମାଧାନ ଦିଗରେ ଆଲୋଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଛତିଶଗଡ଼ ସରକାରଙ୍କ ସହ ଆଲୋଚନା କରାଯିବ ଏବଂ କମିଟି ଛତିଶଗଡ ଯାଇ ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବେ। ସମାଧାନ ନିମନ୍ତେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୧୩ (୯ ପୃଷ୍ଠାରେ)

# ଷଡ଼ଯନ୍ତ୍ର ଲାଗି ବିଧାୟକ ନିଲମ୍ବିତ : ଲେଲିନ୍

ଭୁବନେଶ୍ୱର, ୧୭ ।୧ (ସବ୍ୟୁ) : ବିଜେଡି ବିଧାୟକ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରାଯିବା ପଛର କାରଣ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବିଜେଡିକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ର ହେଉଥିଲା। ଯାହା ମିଡ୍ ଡେ ଅପରେସନ୍ ଥିଲା। ଏହା ବିଫଳ ହୋଇଛି ବୋଲି ଦଳୀୟ ମୁଖପାତ୍ର ଲେଲିନ୍ ମହାନ୍ତି କହିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ପୂର୍ବରୁ ମିଡ୍ ନାଇଟ୍ ଅପରେସନ୍ ଫେଲ୍ ହୋଇଥିଲା। ଏବେ ମିଡ୍ ଡେ ଅପରେସନ୍ ବି ବିଫଳ ହୋଇଛି। ବିଜେଡିକୁ ଦୁର୍ବଳ କରିବା ପାଇଁ ବିଜୟ ମହାପାତ୍ର, ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ ଯୋଜନା କରୁଥିଲେ। କିଛି ମାସ ( ୯ ପୃଷ୍ଠାରେ)

## ତଥ୍ୟ ସହ ଅଭିଯୋଗ କରନ୍ତୁ : ଅରବିନ୍ଦ

ଭୁବନେଶ୍ୱର, ୧୭ ।୧ (ସବ୍ୟୁ) : ଭୁଲ ଭୁଲେୟା କାହାଣୀ ନକହି ଯଦି ଅଭିଯୋଗ ଅଛି ତଥ୍ୟ ସହ କୁହନ୍ତୁ। ଅଭିଯୋଗକୁ ପ୍ରମାଣିତ କରିବା ଦରକାର। ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନାହିଁ ବୋଲି ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି।

ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତିଙ୍କ ବୟାନର ଜବାବ୍ ରଖି ଅରବିନ୍ଦ କହିଛନ୍ତି ଯେ ଦଳ ମୋତେ ବୁଝାଉ, ମୁଁ କେଉଁ ମିଡ ଡେ ଅପରେସନ୍ କରିଛି। କାହା ସହ କେଉଁ ଦିନ ଓ କେତେବେଳେ ବସିଥିଲି କହିଲେ ଭଲ ହେବ। ମୁଁ ଏବେ ରାଜନୀତି ଜୀବନ ଆରମ୍ଭ କରୁଛି। ପୂର୍ବରୁ ମୋ ରାଜନୀତି ସହ କୌଣସି ସମ୍ପର୍କ ନଥିଲା। ସନାତନ ମହାକୁଡଙ୍କ ସହ ମୋର କେବେ ଦେଖା ହୋଇନାହିଁ। କେବଳ ବିଧାନସଭାରେ ଦେଖା ହୁଏ ଓ ମୁଁ ତାଙ୍କୁ ସମ୍ମାନ କରେ। ଏପରିକି ଲବିରେ ବସି ମଧ୍ୟ ଆଲୋଚନା କରିନାହିଁ। ବିଜୟ ମହାପାତ୍ର ବିଜେଡିରେ ନାହାଁନ୍ତି। ତାଙ୍କ ରାଜନୀତି ଭିନ୍ନ। ମୁଁ ଏବେ ମୋର ରାଜନୈତିକ ଜୀବନ ଆରମ୍ଭ କରୁଛି ଓ ପାଟକୁରାରେ ସଂଗଠନ ( ୯ ପୃଷ୍ଠାରେ)

# ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ଲାଗି ପ୍ରସ୍ତୁତି

ଭୁବନେଶ୍ୱର, ୧୭ ।୧ (ସବ୍ୟୁ) : ରାଜ୍ୟରେ ୨୦୨୭ ମସିହାରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ୧୭ ଜାନୁଆରୀ ୨୦୨୬ ତାରିଖ ରେ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆରଡିସି ସ୍ତରୀୟ ପ୍ରାକ୍ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ରେଞ୍ଜ ଅନ୍ତର୍ଗତ ୧୦ଟି ଜିଲ୍ଲାର ଜିଲ୍ଲାପାଳ, ପୌର କମିଶନର, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଡ଼େପୁଟି କଲେକ୍ଟର (ଜି ଆଣ୍ଡ ଏମ୍ ବିଭାଗ) ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେଛରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟତଃ ୨୦୨୭ ରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଏବଂ ନିର୍ବାଚନ ଜନିତ ଅନ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଉ ମାତ୍ର ଏକ ବର୍ଷ ଥିବାରୁ ଏବେଠୁ ପ୍ରସ୍ତୁତି ଗ୍ରହଣ (୯ ପୃଷ୍ଠାରେ)



# ରାଶିର ଉପକାରିତା

**ଶୀତଦିନେ ଆମ ସ୍ୱାସ୍ଥ୍ୟ ପାଇଁ ରାଶି ଏକ ବରଦାନ ସଦୃଶ । ଏହାର ପ୍ରକୃତି ଗରମ ହୋଇଥିବାରୁ ଏହା ଶରୀରକୁ ଭିତରୁ ଉଷ୍ମତା ପ୍ରଦାନ କରିବା ସହ ଅନେକ ରୋଗରୁ ରକ୍ଷା କରିଥାଏ । ତେଣୁ ଶୀତଦିନେ ଖାଦ୍ୟରେ ରାଶିକୁ ସାମିଲ କରିବାକୁ ଭୁଲନ୍ତୁ ନାହିଁ । ଆସନ୍ତୁ ଜାଣିବା ରାଶିର ମୁଖ୍ୟ ଉପକାରିତା ସମ୍ପର୍କରେ ।**

୧. ଶରୀରକୁ ଗରମ ରଖେ

ରାଶିର ପ୍ରକୃତି ଗରମ ହୋଇଥାଏ, ଯାହା ଶୀତ ଦିନେ ଶରୀରକୁ ପ୍ରାକୃତିକ ଭାବେ ଉଷ୍ମ ରଖେ । ଏହାକୁ ଖାଇବା ଦ୍ୱାରା ଶରୀରର ମେଟାବୋଲିଜିମ୍ ବୃଦ୍ଧି ପାଏ, ଯାହା ଶକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରେ । ଶୀତ ପ୍ରକୋପରୁ ବଞ୍ଚିବା ପାଇଁ ଗୁଡ଼ ସହିତ ରାଶି ଲଡୁ ଖାଇବା ଅତ୍ୟନ୍ତ ଲାଭଦାୟକ । ଏହା ଥଣ୍ଡା ଜନିତ ସମସ୍ୟାରୁ ରକ୍ଷା କରିବା ସହ ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିଥାଏ ।

୨. ହାଡ଼କୁ ମଜବୁତ କରେ

ରାଶିରେ ପ୍ରଚୁର ପରିମାଣରେ କ୍ୟାଲସିୟମ୍, ମାଗ୍ନେସିୟମ୍ ଏବଂ ଫସଫରସ୍ ଥାଏ, ଯାହା ହାଡ଼ ପାଇଁ ଅତ୍ୟନ୍ତ ଜରୁରୀ । ଶୀତଦିନେ ଅନେକ ସମୟରେ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ଦେଖାଯାଏ, ଯାହାକୁ ରାଶି ଦୂର କରିଥାଏ । ଏଥିରେ ଥିବା ଜିଙ୍କ୍ ହାଡ଼ର ଘନତ୍ୱ ବଢ଼ାଇବାରେ ସାହାଯ୍ୟ କରିଥାଏ ।



୩. ଚର୍ମ ଏବଂ କେଶର ସୌନ୍ଦର୍ଯ୍ୟ ବୃଦ୍ଧି କରେ

ଶୀତଦିନେ ଚର୍ମ ଶୁଷ୍କ ହୋଇଯାଏ, କିନ୍ତୁ ରାଶିରେ ଥିବା ପ୍ରାକୃତିକ ତେଲ ଚର୍ମକୁ କୋମଳ ଓ ସତେଜ ରଖେ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚର୍ମରେ ଥିବା କୁଞ୍ଚନ ଦୂର କରି ବୟସ୍କ ଦେଖାଯିବାକୁ ରୋକିଥାଏ । ରାଶି ସେବନ କଲେ କେଶ ଝଡ଼ିବା କମିଥାଏ ଏବଂ କେଶର ଚମକ ବୃଦ୍ଧି ପାଏ । ଏହା କେଶ ମୂଳକୁ ପୋଷଣ ଦେଇ ଶକ୍ତ କରିବାରେ ବେଶ୍ ସହାୟକ ହୋଇଥାଏ ।

୪. ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ

ରାଶିରେ ଜିଙ୍କ୍, ସେଲେନିୟମ୍ ଏବଂ ଆଇରନ୍ ଭଳି ପୋଷକ ତତ୍ତ୍ୱ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ଶୀତଦିନେ ହେଉଥିବା ସାଧାରଣ ଜ୍ୱର, ଥଣ୍ଡା ଏବଂ କାଶରୁ ବଞ୍ଚିବା ପାଇଁ ରାଶି ଏକ ଉତ୍ତମ ଖାଦ୍ୟ । ଏହା ଶରୀରରେ ଶ୍ୱେତ ରକ୍ତ କଣିକା ତିଆରି କରିବାରେ ସାହାଯ୍ୟ କରେ, ଯାହା ସଂକ୍ରମଣ ସହ ଲଢ଼ିଥାଏ । ପ୍ରତିଦିନ ରାଶି ଖାଇବା ଦ୍ୱାରା ଶରୀର ସୁସ୍ଥ ଓ ନିରୋଗ ରହିଥାଏ ।

୫. ହୃଦୟକୁ ସୁସ୍ଥ ରଖେ

ରାଶିରେ ମୋନୋ-ଅନସାଚୁରେଟେଡ୍ ଫ୍ୟାଟି ଏସିଡ୍ ଥାଏ, ଯାହା ଶରୀରରେ ଖରାପ କୋଲେଷ୍ଟ୍ରଲ୍ କମାଇବାରେ ସାହାଯ୍ୟ କରେ । ଏଥିରେ ଥିବା 'ସେସାମିନ୍' ନାମକ ଉପାଦାନ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ବହୁତ ପ୍ରଭାବଶାଳୀ ହୋଇଥାଏ। ଏହା ରକ୍ତ ସଞ୍ଚାଳନକୁ ଠିକ୍ ରଖେ, ଯାହା ଦ୍ୱାରା ହୃଦଘାତର ଆଶଙ୍କା ହ୍ରାସ ପାଇଥାଏ । ହୃଦୟକୁ ସୁସ୍ଥ ରଖିବା ପାଇଁ ଶୀତଦିନେ ରାଶି ତେଲ ବା ରାଶିକୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ୍ ।

# ରାଣୀଙ୍କ ଆକ୍ସନ୍ ଦମଦାର

ଆଗକୁ ୩୦ ଜାନୁଆରୀରେ ପରଦାକୁ ଆସିବାକୁ ଯାଉଛି ଫିଲ୍ମ ମର୍ଦ୍ଦାନୀ ଯେଉଁଥିରେ ରାଣୀଙ୍କର ଦମଦାର ଆକସନ୍ ଦେଖିବାକୁ ମିଳିବ । ଅନ୍ୟ ଭାଗ ଅପେକ୍ଷା ତୃତୀୟ ଭାଗରେ ଦର୍ଶକ ରାଣୀଙ୍କୁ ଏକ ଭିନ୍ନ ରୂପରେ ଦେଖିବେ ବୋଲି ମେକର୍ସ ମତ ଦେଇଛନ୍ତି । ସେହିଭଳି ନିକଟରେ ଏକ ସାକ୍ଷାତକାରରେ ରାଣୀ ଏହି ଭୂମିକାକୁ କରିବାକୁ ତାଙ୍କୁ କେତେ ପରିଶ୍ରମ କରିବାକୁ ପଡିଛି ସେନେଇ କଥା ହୋଇଛନ୍ତି । ଏଭଳି ଚରିତ୍ର କରିବା ପାଇଁ ତାଙ୍କୁ ଦେବୀ ଦୁର୍ଗା ଓ କାଳୀଙ୍କ ଠାରୁ ପ୍ରେରଣା ମିଳିଛି ବୋଲି ସେ କହିଛନ୍ତି । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ସେ ଆଶା ରଖିଛନ୍ତି । ଏହା ତାଙ୍କ ପାଇଁ ଏକ ଫିଲ୍ମ ନୁହେଁ ବରଂ ଏକ ଦାୟିତ୍ୱଥିଲା ଯାହାକୁ ସେ ନିଜ ମନପ୍ରାଣ ଦେଇ କରିଛନ୍ତି । ସେହିଭଳି ସବୁଥର ଦର୍ଶକ ତାଙ୍କୁ ଏତେ ଭଲପାଇବା ଦେଇଛନ୍ତି ଯେ ଚରିତ୍ରପାଇଁ ତାଙ୍କର ଦାୟିତ୍ୱ ଆହୁରି ବଢିଯାଇଛି । ଦର୍ଶକ ତାଙ୍କର ଏହି ଆକସନ୍ ଅନ୍ଦାଜକୁ ପସନ୍ଦ କରିବେ ବୋଲି ସେ ଆଶା ରଖିଛନ୍ତି ।



## ଓଡିଆ ରୁଚି

# ଆଳୁ ଖିରି

**ସାମଗ୍ରୀ -** ଆଳୁ ୫ଟି, ଖୀର ଦୁଇ ଲିଟର, ଚିନି ଆବଶ୍ୟକ ଅନୁସାରେ, ଗୁଜୁରାତି ୪ଟି, କାଜୁ ୧୦ଟି, କିସମିସ ୧୦ଟି, ଘିଅ ଦୁଇ ଚାମଚ ।

**ପ୍ରଣାଳୀ-** ପ୍ରଥମେ କାଜୁ କିସମିସକୁ ଘିଅରେ ଭାଜି ନିଅନ୍ତୁ । ଗୁଜୁରାତିକୁ ଗୁଣ୍ଡ କରିନିଅନ୍ତୁ। ଆଳୁକୁ ସିଝାଇ ଚୋପା ଛଡାଇ ଚକଟି ରଖନ୍ତୁ । ଏହାପରେ ଗୋଟିଏ ମୋଟାଚକି ପାତ୍ରରେ ଖୀରକୁ ଆଞ୍ଚରେ ବସାଇ ଫୁଟାନ୍ତୁ । ଏହା ଫୁଟିଗଲେ ଏଥିରେ ଆଳୁ ଚକଟା ପକାଇ ଫୁଟାନ୍ତୁ। କିଛି ସମୟ ପରେ ଏଥିରେ ଚିନି ପକାନ୍ତୁ । ମିଶ୍ରଣ ଫୁଟି ଫୁଟି ବହଳିଆ ହୋଇଗଲେ ଏଥିରେ କାଜୁ କିସମିସ ଭଜା, ଗୁଜୁରାତି ଗୁଣ୍ଡ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଆଞ୍ଚ ବନ୍ଦ କରି ନିଅନ୍ତୁ ପ୍ରସ୍ତୁତ ହୋଇଯିବ ଆଳୁ ଖି ରୀ ।



## ଇତିହାସ

୧୮୪୨ - ମହାରାଷ୍ଟ୍ରର ମହାନ୍ ବିଦ୍ୱାନ ମହାଦେବ ଗୋବିନ୍ଦ ରାନାଡେଙ୍କ ଜନ୍ମ।

୧୭୭୮ - ଜେମ୍ସ କୁକ୍ ହବାଇ ଦୀପସମୂହର ଆବିଷ୍କାର କରିବା ସହିତ ଏହାକୁ ସାଣ୍ଡୱିଚ୍ ଆଇଲାଣ୍ଡ ନାଁ ଦେଇଥିଲେ ।

୧୯୩୦- ରବିନ୍ଦ୍ର ନାଥ ଟାଗୋରଙ୍କର ସାବରମତି ଆଶ୍ରମ ଗସ୍ତ ।

୧୯୪୭ - ପ୍ରସିଦ୍ଧ ଅଭିନେତା ତଥା ଗାୟକ କୁନ୍ଦନଲାଲ୍ ସେହଗଲଙ୍କର ନିଧନ।

୧୯୬୮ - ଆମେରିକା ଓ ସୋଭିଏତ୍ ସଙ୍ଘ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ନିୟନ୍ତ୍ରଣ ପାଇଁ ଏକ ସନ୍ଧିରେ ସହମତ ହୋଇଥିଲା ।


୧୯୭୬ - ଫ୍ରାନ୍ସ ଗୁପ୍ତଚର ଅଭିଯୋଗରେ ୪୦ ଜଣ ସୋଭିଏତ ଅଧିକାରୀଙ୍କୁ ଦେଶରୁ ନିଷ୍କାସନ କରିଥିଲା ।

୨୦୦୨ - ଆମେରିକା ଭାରତକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେବା ପାଇଁ ସହମତ ହୋଇଥିଲା ।

୨୦୦୨ - ସିୟରା ଲିଓନ୍‌ରେ ଗୃହଯୁଦ୍ଧର ସମାପ୍ତିର ଘୋଷଣା ।

# ଚନ୍ଦ୍ରରେ ହୋଟେଲ

ଆମେରିକାର ଜଣେ ୨୨ ବର୍ଷୀୟ ଯୁବକ ଚନ୍ଦ୍ରରେ ହୋଟେଲ ନିର୍ମାଣ କରିବାକୁ ଯୋଜନା କରୁଥିବା ଜଣା ପଡିଛି । ଯୁବକଙ୍କର ଷ୍ଟାର୍ଟଅପ ଅଧିନରେ ୨୦୩୨ ପର୍ଯ୍ୟନ୍ତ ଚନ୍ଦ୍ରରେ ଏହା ନିର୍ମାଣ ହେବବୋଲି ସୂଚନା ରହିଛି । ଏହି ପ୍ରକଳ୍ପରେ ସ୍ପେସ ଏକ୍ସ ଓ ନିଭିଡିଆ ଇନ୍ଭେଷ୍ଟ କରିବେ । ତେବେ ଏହି ହୋଟେଲରେ ରହିବା ଲୋକଙ୍କୁ ଟିକେ ମହଙ୍ଗା ପଡିବ, ହୋଟେଲରେ ଗୋଟିଏ ରୁମ ଭଡାରେ ନେବାପାଇଁ ୮.୩ କୋଟି ଟଙ୍କା ଡିପୋଜିଟ କରିବାକୁ ହେବ । ଏହାପରେ ଅଲଗା ଭଡା ପାଇଁ ଅର୍ଥ ଲାଗିବ, ଯାହା ଏ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ନାହିଁ। ତେବେ ଆଲୋଚନା ଅନୁସାରେ ଗୋଟିଏ ରାତିପାଇଁ ପାଖାପାଖି ୩.୪ କୋଟିରୁ ୮୩ କୋଟି ରହିବ ।



ପ୍ରଥମରୁ କରାଯାଇଥିବା ଡିଜାଇନ ଅନୁସାରେ ଏହାକୁ ପବନରେ ଫୁଲିପାରୁଥିବା ବେଲୁନ ଭଳି କରାଯାଇଛି । ଡିଜାଇନ ଅନୁସାରେ ଏଥିରେ ୪ଜଣ ପର୍ଯ୍ୟଟକ ରହିପାରିବେ । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ରୋବଟିକ ଟେକନୋଲୋଜି ବ୍ୟବହାର କରିବ ବୋଲି ଜଣାପଡିଛି । ଏହି ଟେକ୍ନୋଲୋଜି ସହାୟତାରେ ଚନ୍ଦ୍ରର ମାଟି ଇଟାରେ ପରିବର୍ତ୍ତିତ ହୋଇପାରିବ, ଯାହାକୁ ବ୍ୟବହାର କରି ଏଠାରେ ଖୁବ ମଜବୁତ ହୋଟେଲର ନିର୍ମାଣ ହେବ । ସେହିଭଳି ଏହି ହୋଟେଲର ଡିଜାଇନ ସେନଫ୍ରାନ୍ସିସ୍କୋର ପ୍ରସିଦ୍ଧ ପ୍ୟାଲେସ ଅଫ ଫାଇନ ଆର୍ଟସ ଠାରୁ ପ୍ରେରିତ ହେବ ବୋଲି ଚର୍ଚ୍ଚା ହେଉଛି । କମ୍ପାନୀ ନିଜର ପ୍ରଥମ ଟେଷ୍ଟ ମିଶନ ୨୦୨୯ରେ ଚନ୍ଦ୍ରକୁ ପଠାଇବ ଯେଉଁଥିରେ ଚନ୍ଦ୍ରର ମାଟିର ବିଭିନ୍ନ ପରୀକ୍ଷା କରାଯିବ । ଯଦି ସମସ୍ତ ପ୍ରକ୍ରିୟା ସଠିକ ଢଙ୍ଗରେ ହୁଏ ତେବେ ୨୦୩୨ ସୁଦ୍ଧା ଏହି ହୋଟେଲ ଶୀଘ୍ର ନିର୍ମାଣ ହୋଇଯିବ ।

# ସୋସିଆଲ କୋଟ୍ସ

ପ୍ରତିଦିନ କିଛି ନୂଆ ଶିଖିବାକୁ ମିଳୁଛି, ହେଲେ ଅବଶୋଷ ଯେ ଏଗୁଡିକ ବହୁତ ବର୍ଷ ପୂର୍ବରୁ ଶିଖିବାର ଥିଲା । ବର୍ତ୍ତମାନ ଶିଖିବା ବେଳକୁ ସମୟ ବଦଳି ବଦଳି ଯାଉଛି ଏବଂ ଟେକନିକ ଅପଡେଟ ହୋଇଚାଲିଛି ।



ଅମିତାଭ ବଚ୍ଚନ, ଅଭିନେତା



ଅନ୍ୟମାନଙ୍କ ସହିତ ନୁହେଁ ସବୁବେଳେ ନିଜ ସହିତ ଲଢେଇ କରିଥାଏ । ସବୁବେଳେ କିଭଳି ପଛ ପ୍ରଦର୍ଶନ ଠାରୁ ଆହୁରି ଭଲ କରିବେ ସେଥିପାଇଁ ଚେଷ୍ଟିତ ରହିଥାଏ । ଏହାମୋତେ ଏକ ଭଲ କଳାକାର କରାଇବ ବୋଲି ଆଶା ରହିଛି ।

ଜୟଦିପ ଅହଲାୱତ, ଅଭିନେତ୍ରୀ


ହନି ସିଂଙ୍କୁ ବର୍ତ୍ତମାନ କେବଳ ତାଙ୍କ ପରିବାର ହିଁ ଆୟତକୁ ଆଣିପାରିବେ । ତାଙ୍କ ବାପା ମା ଓ ଭଉଣୀଙ୍କୁ ବର୍ତ୍ତମାନ ଆଗକୁ ଆସି ତାଙ୍କୁ ନିୟନ୍ତ୍ରଣ କରିବାର ଅଛି ।



ଜସବୀର ଜସୀ , ସିଙ୍ଗର

# କୁକୁର ପୂଜା ପାଇଁ ଲକ୍ଷାଧି କି ଭିଡ଼ !

ଉତ୍ତର ପ୍ରଦେଶର ବିଜନୌରରେ ଗୋଟିଏ କୁକୁର ଚାରି ଦିନ ଧରି ମନ୍ଦିରରେ ଦେବଦେବୀଙ୍କ ପରିକ୍ରମା କରୁଛି । ଯାହାକୁ ଦେଖିବାପାଇଁ ଲୋକଙ୍କ ଭିଡ ମନ୍ଦିରରେ ଲାଗିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ ହଜାର ଲୋକ ଉକ୍ତ କୁକୁରକୁ ଦେଖିବାକୁ ଆସିସାରିଲେଣି। ଏପରିକି ଶ୍ରଦ୍ଧାଳୁମାନେ କୁକୁରକୁ ମୁଣ୍ଡିଆ ମାରିବା ସହିତ ଭୋଗ ମଧ୍ୟ ଅର୍ପଣ କରୁଛନ୍ତି । ଏପରିକି କୁକୁରଟି କିଛି ନଖାଇ ମନ୍ଦିର ଭିତରେ ବୁଲୁଥିବା ଲୋକମାନେ ମତ ଦେଉଛନ୍ତି । ଏପରିକି କୁକୁରଟି ବିନା ରହି ଏହି ପରିକ୍ରମା କରୁଛି । ଲୋକମାନେ ତା ପାଇଁ ବିଭିନ୍ନ ପ୍ରକାରର ପ୍ରସ୍ତୁତି ଯେପରି ଖାଇବା ଓ ଶୋଇବାର ବ୍ୟବସ୍ଥା କରିଛନ୍ତି ହେଲେ କୁକୁରଟି କେଉଁଥିପାଇଁ ଆଗ୍ରହ ନଦେଖାଇ ପରିକ୍ରମା ଜାରି ରଖିଥିବା ଦେଖିବାକୁ ମିଳିଛି । ଲୋକମାନେ ବର୍ତ୍ତମାନ ଏହାକୁ ଠାକୁରଙ୍କ ଚମତ୍କାରିତା ବୋଲି ତୁଳନା କରୁଛନ୍ତି । ହେଲେ ସୋସିଆଲ ମିଡିଆରେ କୁକୁରର ମାନସିକ ଅବସ୍ଥା ଠିକ ନାହିଁ ତେଣୁ ତୁରନ୍ତୁ ତାକୁ ପଶୁ ଚିକିତ୍ସକଙ୍କର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ମସ୍ତିଷ୍କରେ କିଛି ସଂକ୍ରମଣ କିମ୍ବା ଟ୍ୟୁମର ହେଲେ କୁକୁରଙ୍କର ବ୍ୟବହାରରେ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିଥାଏ ବୋଲି ସୋସିଆଲ ମିଡିଆରେ ପଶୁ ଚିକିତ୍ସକମାନେ ମତ ଦେଉଥିବା ଦେଖିବାକୁ ମିଳିଛି ।



## ମାଘମାସ କୃଷ୍ଣପକ୍ଷ ଅମାବାସ୍ୟା
## ତା ୧୮.୧.୨୦୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ-** ପରୋପକାର, ସମାଜସେବା, ଧର୍ମକାର୍ଯ୍ୟରେ ଆଗ୍ରହ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସ୍ୱଳ୍ପ ଲାଭ, ବନ୍ଧୁଦର୍ଶନ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଭବ, ଆର୍ଥିକ ସହାୟତା, ଦୂରଯାତ୍ରା, ସହଯୋଗ ବୃଦ୍ଧି, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମାମଙ୍ଗଳା ।

**ବୃଷ-**କର୍ମକ୍ଷେତ୍ରେ ବାଧା, ମାନସିକ ଅବସାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସାବଧାନ, ସ୍ୱଜନ ବିରୋଧ, ଆର୍ଥିକ ସମସ୍ୟା, ଶରୀର କଷ୍ଟ, ସମ୍ମାନ ହାନି, ଦାମ୍ପତ୍ୟ କଳହ, ବିଦ୍ୟାରେ ଅସଫଳ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୨, ଆରାଧନା-ଭଗବାନ ଶଙ୍କର ।

**ମିଥୁନ-** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ଉତ୍ତମ ସ୍ୱାସ୍ଥ୍ୟ, ମନରେ ପ୍ରସନ୍ନତା, ଗୃହଶତ୍ରୁ, ବ୍ୟବସାୟରେ ଲାଭ, ଆଶା ସଫଳ, ବନ୍ଧୁ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନୃସିଂହ ।

**କର୍କଟ-**ଦ୍ରବ୍ୟଲାଭ, କାର୍ଯ୍ୟକ୍ଷେତ୍ରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାଦିଷ୍ଟ ଭୋଜନ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, ଖୁସି ରହିବେ, ତୀର୍ଥାଟନ, ଶରୀର ସୁସ୍ଥ, ଅଚାନକ କଳହ, କଚେରୀ ମାମଲାର ସମାଧାନ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା-ମା ଭଗବତୀ ।

**ସିଂହ-** ଶୁଭଖବର, ଅତିଥି ଆଗମନ, ଆର୍ଥିକ ଋଦ୍ଧି, ଶୁଭକାର୍ଯ୍ୟେ ଧନବ୍ୟୟ, ନୂଆ ଯୋଜନାରେ ଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଶତ୍ରୁତା, କାର୍ଯ୍ୟରେ ବାଧା, ସନ୍ତାନସୁଖ, ବିଦ୍ୟାରେ ସଫଳତା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୋସେବା ।

**କନ୍ୟା-** ଅପମାନଯୋଗ, କାର୍ଯ୍ୟକ୍ଷେତ୍ରେ ଅସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଉଚ୍ଚଆଶାରେ ବିଳମ୍ବ, ଅଯଥା ଖର୍ଚ୍ଚ, ଉତ୍ତମ ସ୍ୱାସ୍ଥ୍ୟ, ସନ୍ତାନ ସମସ୍ୟା, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ମା ବଗଳାମୁଖୀ ।

**ତୁଳା-** ତୀର୍ଥାଟନ, ନୂତନ ବ୍ୟବସାୟରେ ସହଯୋଗ, ବ୍ୟବସାୟରେ ଉନ୍ନତି, ସମ୍ମାନ ପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ବହୁ କାର୍ଯ୍ୟରେ ଓ ପିଲାଙ୍କକ୍ଷେତ୍ରରେ ଖୁସି ମିଳିବ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ବିଛା-** ଶୁଭଖବର, କାର୍ଯ୍ୟ ପ୍ରତି ଅନାଗ୍ରହ, ଅର୍ଥସମସ୍ୟା, ଜନସେବା, ବ୍ୟବସାୟରେ ବାଧା, ବନ୍ଧୁ ବିଦ୍ରୋହ, ସ୍ୱାସ୍ଥ୍ୟଲାଭ, ଜ୍ୟେଷ୍ଠା ନକ୍ଷତ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମହାଲକ୍ଷ୍ମୀ ।

**ଧନୁ-** ଶୁଭକାର୍ଯ୍ୟ, ଧନଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଅସୁସ୍ଥତା, ନୂତନ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ରାଧାକୃଷ୍ଣ ।

**ମକର-** ବନ୍ଧୁ ସହଯୋଗ, , ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର,, ଭାତୃପ୍ରୀତି, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା-ମାଦକ୍ଷିଣକାଳୀ ।

**କୁମ୍ଭ-** ପଦୋନ୍ନତି, କାର୍ଯ୍ୟକ୍ଷେତ୍ରେ ଖୁସି, ଆଶା ସଫଳ, ଦୂରଯାତ୍ରାରେ ଲାଭ, ବନ୍ଧୁ ସହଯୋଗ, ମାନସମ୍ମାନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା- ଶଙ୍କର ।

**ମୀନ-** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ଉଚ୍ଚ ସମ୍ମାନ, ପରିବାରର ଅସହଯୋଗ, ଶତ୍ରୁ ଉପଦ୍ରବ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ ।










କୋଲକାତା ପୁଞ୍ଜିନିବେଶକଙ୍କ ସମ୍ମିଳନୀରେ ଶିଳ୍ପ ସଂସ୍ଥାର ପ୍ରମୁଖ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି ।

# ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ, (ସବ୍ୟୁ): ଶନିବାର ପୂର୍ବାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏହି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତେବେ ବୈଠକ ଆରମ୍ଭରୁ ପ୍ରଥମେ ଆଦର୍ଶ ଗୁରୁକୁଳ ସୋସାଇଟି ସାଧାରଣ ପରିଷଦ ବୈଠକ ହୋଇଥିଲା। ଆଦର୍ଶ ଗୁରୁକୁଳ ପାଇଁ ବିର୍ଲା ସହ ପୂର୍ବରୁ ହୋଇଥିବା ଚୁକ୍ତିକୁ ବାତିଲ କରାଯାଇଛି। ନୂତନ ସଂସ୍ଥା ସହ ଏନେଇ ଏମଓୟୁ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଆଦର୍ଶ ଗୁରୁକୁଳ ପାଇଁ ମାଟିତୋଟାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ । ସେପଟେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ସଂଶୋଧିତ ମାର୍ଗଦର୍ଶିକାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି। ରାଜ୍ୟ ସରକାରଙ୍କ ଚୁଡାନ୍ତ ଅନୁମୋଦନ ଆସିବା ପରେ ଗଣତି ମଣତି ଆରମ୍ଭ ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ୧୧ ପୃଷ୍ଠାର ଏସଓପି ପ୍ରସ୍ତୁତ କରିଛି। ରତ୍ନ ଅଳଙ୍କାର ଗଣତି ମଣତି ସମୟରେ କେବଳ ପାଳିଆ ସେବାୟତ ରହିବେ। ବାହାର



କାଠ ନିକଟରୁ ସର୍ବସାଧାରଣ ଦର୍ଶନ କରିପାରିବେ। ରତ୍ନ ଅଳଙ୍କାରର ଗଣତି ମଣତି ସମୟରେ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବ। ନୀତି ବହୁଳ ଦିନ ମାନଙ୍କରେ ଏବଂ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ସମୟରେ ଗଣତି ମଣତି ହେବ ନାହିଁ। ତେବେ ରତ୍ନ ଅଳଙ୍କାର ଡିଜିଟାଇଜେସନ ହେବ। ସରକାରଙ୍କ ଅନୁମୋଦନ ମିଳିବା ପରେ ହିଁ ଦିନ, ତିଥି, ଲଗ୍ନ ଓ ବାର ଦେଖି ସ୍ଥିରିକୃତ କରାଯିବ। ଭକ୍ତଙ୍କ ଦର୍ଶନ ଯେଭଳି ପ୍ରଭାବିତ ହେବ ନାହିଁ ତାହା ଉପରେ ଗୁରୁତ୍ୱ ଦିଆଯିବ। ପରିଚାଳନା କମିଟି ବୈଠକ ଶେଷ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ଏହି ସୂଚନା ଦେଇଛନ୍ତି।

ସେପଟେ ଶ୍ରୀମନ୍ଦିର ପ୍ରଶାସନର ଚାରୋଟି ଭକ୍ତ ନିବାସରେ ଚାରି ଚକିଆ ଯାନ ପାଇଁ ଦିନକୁ ୫ ଶହ ଟଙ୍କା ପାର୍କିଂ ଫି ରଖାଯାଇଥିବା ବେଳେ ଏହି ନିୟମରେ ପରିବର୍ତ୍ତନ ଆଣିଛି ଶ୍ରୀମନ୍ଦିର ପ୍ରଶାସନ। ଏଣିକି ଚାରିଚକିଆ ଯାନ ପାର୍କିଂ କଲେ ଆଉ ୫ ଶହ ଟଙ୍କା ନୁହେଁ ଅନ୍ୟ ପାର୍କିଂ ଫି ଭଳି ୨୪୦ ଟଙ୍କା ଦେବାକୁ ପଡିବ । ଆସନ୍ତାକାଲି ଠାରୁ ଏହି ନୂତନ ପାର୍କିଂ ଫି ଲାଗୁ କରାଯିବ। ସେପଟେ ମହାପ୍ରଭୁଙ୍କ ନୂତନ ରତ୍ନ ପଲଙ୍କ ପ୍ରସ୍ତୁତ ହୋଇଛି। ସେବାୟତଙ୍କ ପରାମର୍ଶ ଓ ଶୁଭ ବେଳା ଦେଖି ମହାପ୍ରଭୁଙ୍କ କାର୍ଯ୍ୟରେ ରତ୍ନ ପଲଙ୍କ ବ୍ୟବହୃତ ହେବ। ଖୁବଶୀଘ୍ର ସର୍ବସାଧାରଣଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବ। କିନ୍ତୁ ଗୁଣ୍ଡିଚା ମନ୍ଦିରକୁ ଆଉ ନିଲାମ ଦିଆଯିବ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଗୁଣ୍ଡିଚା ମନ୍ଦିର ଯାଇ ବୁଲି ଦେଖିବା ପରେ ଏସଓପି ଆଧାରରେ ସର୍ବସାଧାରଣଙ୍କ ପାଇଁ ଖୋଲିବ। ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପାଇଁ ପ୍ରବେଶ ଫି ଦଶ ଟଙ୍କା ରଖାଯାଇଥିବା ବେଳେ ମୋବାଇଲ ଓ ଜୋତା ଷ୍ଟାଣ୍ଡ ନିଃଶୁଳ୍କ ରହିବ। ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟର ଦଶାବତାର ମୂର୍ତ୍ତି ଲାଗିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଛି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ଏନେଇ ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ କଟକଣା ଉଭୟ ସେବାୟତ ଓ ଭକ୍ତଙ୍କ ପାଇଁ ଲାଗୁ ହେବ। କୌଣସି ସୁରକ୍ଷା କର୍ମୀ ମୋବାଇଲ ଫୋନ୍ ଖୁଲମଖୁଲା ଶ୍ରୀମନ୍ଦିର ଭିତରେ ବ୍ୟବହାର କରିପାରିବେ ନାହିଁ। ତେବେ କଥାବାର୍ତ୍ତା ହେବା ପାଇଁ ଶ୍ରୀମନ୍ଦିର ଭିତରେ ଥିବା ଶାଖା କାର୍ଯ୍ୟାଳୟରେ ଫୋନ୍ ବ୍ୟବହାର କରିପାରିବେ। ଯଦି ଖୁଲମଖୁଲା ମୋବାଇଲ ଫୋନ୍ ବ୍ୟବହାର କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବ୍ରାଉନସୁଗର ସମେତ ୨ବାଇକ୍ ଜବତ : ୨ ଗିରଫ




ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ପୁଲିସ ନବିନାବାଗ ଗାନ୍ଧୀପଡିଆରେ ଚଢଉ କରି ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍ଥାନୀୟ ଖ୍ରୀଷ୍ଟିଆନ ସାହି ର ସୁନୀଲ କୁମାର ସାହୁ (୨୬) ଏବଂ ପଲ୍ଲା କୋଣାର୍କନଗର ର ସିଦ୍ଧାର୍ଥଶଙ୍କର ଦାସ (୨୬)। ପୁଲିସ ସୂଚନା ଅନୁସାରେ, ଗାନ୍ଧୀପଡିଆରେ ଆଜି ମଧ୍ୟାହ୍ନ ସମୟରେ ସିଦ୍ଧାର୍ଥ ଓ ସୁନିଲ ବ୍ରାଉନସୁଗର କାରବାର କରୁଥିବା ଖବର ପାଇ ପୁଲିସ ଚଢଉ କରିଥିଲା। ଚଢଉବେଳେ ସେମାନଙ୍କ ଠାରୁ ୨୦ଗ୍ରାମ ବ୍ରେଉନସୁଗର, ଦୁଇଟି ବାଇକ୍ ଓ ୪ଟି ମୋବାଇଲ ଫୋନ୍ ଏବଂ ନଗଦ ୩୯ହଜାର ଟଙ୍କା କୁ ଜବତ କରିଛି। ଏହି ଘଟଣାରେ ଏସଆଇ ଦିନେଶ ପିଙ୍ଗୁଆଙ୍କ ଅଭିଯୋଗ କ୍ରମେ ପୁଲିସ ୩୯/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି ।

# ଡକାୟତି ଯୋଜନା ବେଳେ ୫ ଗିରଫ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଜଙ୍କିଆ ବେଣାଗାଁ ରାସ୍ତାର ଏକ ନିଛାଟିଆ ଘର ପାଖରେ ବେଡ଼ ଧରଣର ଡକାୟତି ଯୋଜନା କରୁଥିବା ବେଳେ ବିଶେଷ ସୂତ୍ରରୁ କଣାସ ପୋଲିସ ଖବର ଘଟଣା ସ୍ଥଳରେ ଚଢ଼ାଉ କରି ୫ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଓ ମଟର ସାଇକେଲ ପୋଲିସ ଜବତ କରିଛି । ଖବର ନେବାରେ ଜଣାପଡିଛି ଜଙ୍କିଆ ଥାନା ମଶାଣିଆ ଗ୍ରାମର ପ୍ରିତମ କୁମାର ଦାସ (୨୦),ଓରବରସିଂ ଗ୍ରାମର ଅନ୍ତର୍ଯ୍ୟାମୀ ବଳିଆରସିଂହ (୨୧),ନିରାକାରପୁର ଥାନା କାଶିପୁର ଗ୍ରାମର ଚିନ୍ମୟ କୁମାର ନାୟକ (୨୩),ନିରାକାରପୁର ଗ୍ରାମର ସୁଭାଶିସ ମାଣିଆ (୧୯),ଗଡିଶାଗୋଦା ଥାନା ତଇଲା ଗ୍ରାମର ସୁଶିଲ କୁମାର ମାର୍ଥା (୨୪)ଙ୍କୁ ଘଟଣା ସ୍ଥଳରୁ କଣାସ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ନି ୩ଟି ଲୁହାରଡ,୧ଟି ଛୁରୀ, ୧ଟି ଫାର୍ଷା ଓ ଦୁଇଟି ମଟର ସାଇକେଲ ଜବତ କରିଛି ।

# ଅନୁସୂଚିତ ଜାତିଙ୍କ ଜମି ସରକାରଙ୍କ ବିନାଅନୁମତିରେ ବିକ୍ରୟ ଅବୈଧ:ହାଇକୋର୍ଟ

କଟକ,(ସବ୍ୟୁ): ରାଜ୍ୟ ସରକାରଙ୍କ ଅନୁମତି ବିନା ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଜମି ବିକ୍ରି କରିବା ଅବୈଧ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । ରମଣୀମଣି ବେହେରାଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ରମଣୀମଣି ବେହେରା ( ସାଧାରଣ ବର୍ଗ) ୧୯୬୯ ଏବଂ ୧୯୭୨ ମସିହାରେ ଭଗବତ ବେହେରା ଓ ଶମ୍ଭୁ ବେହେରା (ଅନୁସୂଚିତ ଜାତି)ଙ୍କ ଠାରୁ କିଛି ଜମି କିଣିଥିଲେ । ଓଡ଼ିଶା ଭୂସଂସ୍କାର ଅଧିନିୟମ (ଓଏଲିଆର ଆକ୍ଟ) ର ଧାରା ୨୨ ଅନୁଯାୟୀ, ଏଭଳି ବିକ୍ରି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ଆବଶ୍ୟକ। କିନ୍ତୁ ଏହି ଜମି ବିକ୍ରିଖର୍ଦ୍ଦି ପୂର୍ବରୁ ଏଭଳି କୌଣସି ଅନୁମତି ନିଆଯାଇ ନଥିଲା। ଏହି ଆଧାରରେ ତାଙ୍କ ଆବେଦନକୁ ମୟୂରଭଞ୍ଜ ଜିଲ୍ଲାପାଳ ଖାରଜ କରି ଦେଇଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନ କାରିଣୀଙ୍କ ପକ୍ଷରୁ ଯୁକ୍ତିରେ କୁହାଯାଇଥିଲା କି, ସେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଜମିଟିକୁ ଦଖଲ କରି ରଖିଥିବାରୁ ଏହା ଉପରେ ତାଙ୍କର ମାଲିକାନା ସତ୍ତ୍ୱ ରହିଛି। ସେ ଏହି ଜମିର ପ୍ରକୃତ ମାଲିକ । ତେଣୁ ତାଙ୍କ ନାମରେ ଏହି ଜମିକୁ କରାଯିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ମାମଲାରେ ରାୟ ଦେଇ କହିଛନ୍ତି ଯେ ଯଦି କୌଣସି ଜମି ହସ୍ତାନ୍ତର ଆଇନଗତ ଭାବେ ଅବୈଧ, ତେବେ ସେଠାରେ 'ପ୍ରତିକୂଳ ଦଖଲ' (ଆଡଭର୍ସ ପଜେସନ୍) ର ଦାବି ଗ୍ରହଣଯୋଗ୍ୟ ନୁହେଁ। ଏହି ଆଧାରରେ ହାଇକୋର୍ଟ ଆବେଦନକାରିଣୀଙ୍କ ପିଟିସନ୍‌କୁ ଖାରଜ କରିବା ସହ ଜିଲ୍ଲାପାଳଙ୍କ ଆଦେଶକୁ କାଏମ୍ ରଖିଛନ୍ତି।

## ଅଭିଭାବକ,ଶିକ୍ଷକ ବୈଠକ

ସାକ୍ଷୀଗୋପାଳ , (ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଅବିଭାବକ ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକ ରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରବି ନାରାୟଣ ମହାପାତ୍ର ଙ୍କ ସଭାପତିତ୍ୱରେ ରେ ପି ଟି ଏ ସଦସ୍ୟ ସଦସ୍ୟା ବୃନ୍ଦ ଉପସ୍ଥିତ ରହି ବିଦ୍ୟାଳୟ କାର୍ଯ୍ୟ ର ସଫଳ ରୂପାୟନ ନିମନ୍ତେ ମତ ଓ ମନ୍ତବ୍ୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମ ଟିକୁ ସଂଯୋଜନା କରିଥିଲେ ।

# ବେଗ ନିୟନ୍ତ୍ରଣ - ଆମ ବସ୍‌ରେ ପ୍ରବଳ ଭିଡ

ଭୁବନେଶ୍ୱର,(ତଥ୍ୟ) ସଡକ ଦୁର୍ଘଟଣାକୁ ଏଡାଇବା ପାଇଁ କ୍ରୁଟ୍ କର୍ତ୍ତୃକକ୍ଷ ମୋ ବସ୍‌ର ବେଗ କମାଇବା ଏବେ ରାଜଧାନୀର ବସ୍ ଯାତ୍ରୀଙ୍କ ପାଇଁ ସମସ୍ୟା ହୋଇଛି। ବେଗ କମିବା ଯୋଗୁଁ ବସ୍ ଚଳାଚଳର ସମୟ ବଢିଛି। ଏଥିଯୋଗୁଁ କେବଳ ବସ୍‌ରେ ଭିଡ ହେଉନାହିଁ, ଲୋକେ ବି ଠିକଣା ସମୟରେ ନିଜ ଗନ୍ତବ୍ୟସ୍ଥଳରେ ପହଁଚି ନପାରି ଅନ୍ୟ ପରିବହନରେ ଯିବାକୁ ବାଧ ହେଉଛନ୍ତି। ରାଜଧାନୀରେ କ୍ରୁଟ୍ କର୍ତ୍ତୃପକ୍ଷ ୭୦ଟି ରୁଟ୍‌ରେ ୩୭୧ଟି ବସ୍ ଚଳାଉଛନ୍ତି। ଏଥି ମଧ୍ୟରେ କୋଣାର୍କ, ପୁରୀ, କଟକ, ନିଆଳି ଆଦି ରୁଟ୍ ରହିଛି। ଏଥିଯୋଗୁଁ ସହର ଭିତରେ ଚଳାଚଳ କରୁଥିବା ବସ୍ ସଂଖ୍ୟା କମିଯାଉଛି। ତେବେ ନିକଟରେ ଘଟିଥିବା ଆମ୍ ବସ୍ ଦୁର୍ଘଟଣା ଓ ଏହାକୁ ନେଇ ଅଟୋ ଚାଳକଙ୍କ ଆନ୍ଦୋଳନ ପରେ କ୍ରୁଟ୍ କର୍ତ୍ତୃପକ୍ଷ ବସ୍‌ର ବେଗକୁ ସର୍ବାଧିକ ୪୦ କିଲୋମିଟର ବେଗ କରିଦେଇଛନ୍ତି।

ଏଥିଯୋଗୁଁ ଯେଉଁ ରୁଟ୍‌ରେ ବ୍ୟବଧାନରେ ଗୋଟିଏ ମୋ ବସ୍ ମିଳିଯାଉଥିଲା ଏବେ ସେଠାରେ ଯାତ୍ରୀଙ୍କୁ ଅଧଘଣ୍ଟାରୁ ଅଧିକ ଅପେକ୍ଷା କରିବାକୁ ପଡୁଛି। ତେବେକେ ସ୍ଥଳରେ ଯାତ୍ରୀମାନେ ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଏହା ଫଳରେ ବସ୍ ଭିତରେ ବସୁଥିବା ଯାତ୍ରୀଙ୍କ ସଂଖ୍ୟା ତୁଳନାରେ ଛିଡା ହେଉଥିବା ଯାତ୍ରୀଙ୍କ ସଂଖ୍ୟା ଅଧିକ ରହୁଛି। କର୍ତ୍ତୃପକ୍ଷଙ୍କ କଟକଣା ଯୋଗୁଁ ଫାଙ୍କା ରାସ୍ତା ପାଇଲେ ମଧ୍ୟ ଚାଳକମାନେ ଗାଡିକୁ ଜୋରରେ ଚଳାଇ ପାରୁ ନାହାନ୍ତି। ପୂର୍ବରୁ କଟକଣା ରହିଥିଲେ ମଧ୍ୟ ଫାଙ୍କା ରାସ୍ତାରେ ଚାଳକମାନେ ଟିକେ ଅଧିକ ବେଗରେ ଗାଡି ଚଳାଇ ସମୟ ଅପଚୟକୁ ରୋକି ପାରୁଥିଲେ। ଏବେ କିନ୍ତୁ ଆଉ ତାହା ହେଉନାହିଁ। ସହରରେ ବସ୍ ସଂଖ୍ୟାରେ ବୃଦ୍ଧି ନକରି ହଠାତ୍ ଏଭଳି ବେଗ ନିୟନ୍ତ୍ରଣ କଟକଣା ଏବେ ଆମ ବସ୍ ଯାତ୍ରୀଙ୍କ ପାଇଁ ସମସ୍ୟା ହୋଇଛି। ଗୋଟିଏ ପଟେ ବସ୍ ଭିତରେ ପ୍ରବଳ ଭିଡ ଓ ଅନ୍ୟ ପଟେ ଠିକଣା ସମୟରେ ନପହଞ୍ଚିବାର ଭୟ ଯୋଗୁଁ ସେମାନେ ଏବେ ଆମ ବସ୍ ତୁଳନାରେ ଅନ୍ୟ ପରିବହନକୁ ଆପଣେଇବାରେ ଲାଗୁଛନ୍ତି।

ଉଲ୍ଲେଖନୀୟ ଯେ ଆମ ବସ୍‌ରେ ସରକାର ମହିଳା, ଛାତ୍ରଛାତ୍ରୀ, ବୟସ୍କମାନଙ୍କ ପାଇଁ ସରକାର ରିହାତି ବ୍ୟବସ୍ଥା ଲାଗୁ କରିଥିବାରୁ ଦିନକୁ ଦିନ ବସ୍ ଯାତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ବର୍ତ୍ତମାନ ଦିନକୁ ହାରାହାରି ୨ଲକ୍ଷ ୬୫ହଜାର ଯାତ୍ରୀ ଆମ ବସ୍‌ରେ ଯାତ୍ରା କରୁଛନ୍ତି। ଏହାଦ୍ୱାରା କେବଳ ଲୋକଙ୍କର ଅର୍ଥ ସଞ୍ଚୟ ହେଉନଥିଲା, ରାଜଧାନୀରେ ପ୍ରଦୂଷଣ ହ୍ରାସ ପାଇବା ସହିତ ରାସ୍ତାରେ ଭିଡ ବି ହ୍ରାସ ପାଇଥିଲା। ହେଲେ ଦୁର୍ଘଟଣା ରୋକିବାପାଇଁ ହଠାତ୍ ସରକାରଙ୍କର ଏଭଳି ପଦକ୍ଷେପ ଏବେ ରାଜଧାନୀର ପରିବହନ ବ୍ୟବସ୍ଥାର ସୁଗମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ଖୁବ୍‌ଶୀଘ୍ର ନିଷ୍ପତ୍ତିରେ ସଂଶୋଧନ କିମ୍ବା ବସ୍ ସଂଖ୍ୟା ବୃଦ୍ଧି ନକଲେ ପୂର୍ବବସ୍ଥା ସୃଷ୍ଟି ହେବବୋଲି ଭିଡରେ ନୟାନ୍ତ ହେଉଥିବା ଯାତ୍ରୀମାନେ ମତ ଦେଉଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ଜୁନିଅର ରେଡକ୍ରସ କାର୍ଯ୍ୟନିର୍ବାହୀ ବୈଠକ

# ନୂତନ ଜିଲ୍ଲା ସଚିବ ଭାବେ ଦାୟିତ୍ୱ ନେଲେ ଡ. ପ୍ରଜ୍ଞାପାରମିତା ଜେନା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାଶିକ୍ଷାଧିକାରୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନ ରେ ଜୁନିୟର୍ ରେଡ୍ କ୍ରସ୍ (ଜେଆରସି) ଖୋର୍ଦ୍ଧାର




କାର୍ଯ୍ୟ ନିର୍ବାହୀ ବୈଠକ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇ ନୂତନ ଜିଲ୍ଲା ସଚିବ ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ନିଯୁକ୍ତିରେ ଜିଲ୍ଲାର ଶିକ୍ଷା ଜଗତ ଓ ଜେଆରସି ସଂଘର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଡା. ଜେନାଙ୍କ ଦକ୍ଷ ନେତୃତ୍ୱରେ ଜେଆରସି କାର୍ଯ୍ୟକ୍ରମ ଆହୁରି ସକ୍ରିୟ ଓ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଖୋର୍ଦ୍ଧା ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧ୍ୟକ୍ଷା ତଥା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ରାୟ ସ୍ୱାଗତ ଜଣେଇବା ସହ ରେଡ଼କ୍ରସର ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତାର ବାର୍ତ୍ତାକୁ ଉଲ୍ଲେଖ କରିବା ସହିତ ଆଗାମୀ ଦିନ ପାଇଁ କାର୍ଯ୍ୟପନ୍ଥା ସ୍ଥିରକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ପୂର୍ବତନ ଜିଲ୍ଲା ସଚିବ ଭାସ୍କର ଲେଙ୍କାଙ୍କୁ ଗଭୀର କୃତଜ୍ଞତା ଜଣାଯାଇଛି। ତାଙ୍କ କାର୍ଯ୍ୟକାଳରେ ଜେଆରସି ଖୋର୍ଦ୍ଧା ଅନେକ ସଫଳତା ଓ ଉପଲବ୍ଧି ଅର୍ଜନ କରିଛି। ଶ୍ରୀ ଲେଙ୍କାଙ୍କ ନୂତନ ଦାୟିତ୍ୱ ପାଇଁ ସମସ୍ତଙ୍କ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଜେଆର୍‌ସି ଖୋର୍ଦ୍ଧା ପରିବାର ପକ୍ଷରୁ ମଧ୍ୟ ଡ. ଜେନାଙ୍କୁ ସ୍ୱାଗତ କରାଯାଇଛି। ଏହି ବୈଠକରେ ରାଜ୍ୟ ଜୁନିଅର ରେଡ଼କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଉପ ସଭାପତି ଡ଼ଃ ନିରଞ୍ଜନ ମହାନ୍ତି, ଯୁଗ୍ମ ସଚିବ ମୁରଲୀଧର ପରିଡା, କାର୍ଯ୍ୟକାରୀ ସଚିବ ସୁଧାକର ମହାପାତ୍ର, ଏବିଇଓ ପ୍ରଭାତ କୁମାର ସେଠି, ଡିପିଇଓ ଦିଲ୍ଲୀପ କୁମାର ମୁଦି, ପ୍ରଧାନଶିକ୍ଷକ ତଥା ବ୍ଲକ ସଚିବ ଓ ବ୍ଲକ ସଂଯୋଜକ ସହ ଖୋର୍ଦ୍ଧା ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧିକାରୀ ତୋଫାନ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ରାଉତରାୟ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ରଶ୍ମିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବିଭିନ୍ନ ତାଲିମ ଶିବିର, ସଚେତନତା କାର୍ଯ୍ୟକ୍ରମ, ସାମାଜିକ ସେବା ଶିବିର, ରକ୍ତ ଦାନ ଶିବିର, ଟ୍ରାଫିକ କ୍ଲବ, ରେଡ ରିବନ କ୍ଲବ ଓ ଫାଷ୍ଟ ଏଡ୍ କ୍ଲବ ଉପରେ ଆଲୋଚନା ହୋଇଥିଲା।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଅଟୋ ଡ୍ରାଇଭର ଜୀବନ୍ତ ଦଗ୍ଧ

ଫୁଲବାଣୀ, (ସବ୍ୟୁ) : କନ୍ଧମାଳ ଜିଲା ଫୁଲବାଣୀ ସହର ସରକାରୀ ଆଇଟିଆଇଠାରୁ ଅଳ୍ପ ଦୂର ସଦର ଥାନା ଅନ୍ତର୍ଗତ ଦାତପାଜୁ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏକ କାର -ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡି ଜଳି ଯାଇଛି। ଏଥିରେ ଅଟୋ ଚାଳକ ଚାପି ହୋଇ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି । ସେ ହେଲେ ବରୁଣ ମଲ୍ଲିକ(୨୦) । ଖଜୁରୀପଡା ବ୍ଲକ ଦାତପାଜୁ ପଞ୍ଚାୟତ ମିଣିଆକାଠି ଗ୍ରାମରେ ତାଙ୍କ ଘର । ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଅଟୋରେ ଥିବା ଅନ୍ୟ ୨ ଜଣଙ୍କୁ ଏବଂ କାରରେ ଥିବା ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । କାର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି ।ଦୁର୍ଘଟଣା କିପରି ଏବଂ କେଉଁ ପରିସ୍ଥିତିରେ ଘଟିଲା ତାହା କେହି କହିପାରୁ ନାହାନ୍ତି। ବରୁଣଙ୍କ ଭାଇ ବାବୁଲା ଓ ଦଡକି ପଞ୍ଚାୟତ ସିଙ୍ଗାପଡାର ଶୈଳେନ୍ଦ୍ର କହଁର ଗୁରୁତର ହୋଇଛନ୍ତି। ସେମାନଙ୍କ ଶରୀରର ପ୍ରାୟ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିବା ଜଣାପଡିଛି । ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି।ଖବରରୁ ଜଣାପଡିଛି, ବରୁଣ ଓ ବାବୁଲା ଫୁଲବାଣୀରୁ ଅଟୋ ଯୋଗେ ନିଜ ଗ୍ରାମ ମିଣିଆକାଠିକୁ ଯାଉଥିଲେ। ବରୁଣ ଅଟୋ ଚଲାଉଥିଲେ । ବାବୁଲା ବସିଥିଲେ । ଦାତପାଜୁ ନିକଟରେ ବୌଦ୍ଧ ପଟୁ ଆସୁଥିବା ଏକ କାର ସହିତ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା।

## କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ ଘଟଣା

# କଳାବ୍ୟାଚ ପିନ୍ଧି ରୋଗୀ ସେବା, ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ ଘଟଣା ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଜୁନିୟର ଡାକ୍ତର । କଳାବ୍ୟାଚ ପିନ୍ଧି ଆଉଟ୍ ଡୋରରେ ଶନିବାର ରୋଗୀସେବା କରୁଥିବା ଦେଖିବାକୁ ମିଳିଥିଲା । ସୁରକ୍ଷା ନମିଳିବା ପର୍ଯ୍ୟନ୍ତ ସେମାନେ କଳାବ୍ୟାଚ ପିନ୍ଧିବେ ବୋଲି କହିଛନ୍ତି । ଆକ୍ରମଣ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ସେଥିରେ ଡାକ୍ତରମାନେ ସନ୍ତୁଷ୍ଟ ନୁହଁନ୍ତି ।

ଡାକ୍ତରଙ୍କୁ ମାଡ ଘଟଣା ନେଇ ସ୍ୱାସ୍ଥ୍ୟ ସଚିବ ହସ୍ପିଟାଲରେ ପହଞ୍ଚି ସୁରକ୍ଷା ସମୀକ୍ଷା କରିଥିଲେ । ଆମେ ଡାକ୍ତରଙ୍କ ଯନି ନେବୁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି । ସୁରକ୍ଷାକୁ ନେଇ ଆଲୋଚନା ପରେ ଡାକ୍ତରଙ୍କ ଦାବି ଉପରେ ପଦକ୍ଷେପ ନିଆଯିବ । ଅନ୍ୟ ପକ୍ଷରେ ଜୁନିୟର ଡାକ୍ତର ସଂଘ ସୁରକ୍ଷାକୁ ନେଇ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଡିଜିପିଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଡିସିପିଙ୍କୁ ଦେଇଛନ୍ତି । ଡିସିପି ଜଗମୋହନ ମିନାଙ୍କ କହିବାନୁଯାୟୀ ହସ୍ପିଟାଲରେ ପିସିଆର୍ ପାଟ୍ରୋଲିଂ କରିବ ଓ ସୁରକ୍ଷା ବ୍ୟବସ୍ଥା ପୋଲିସ ପକ୍ଷରୁ କଡାକଡି କରାଯିବ । ହେଲେ ଡାକ୍ତରଙ୍କ ଦାବି ମଧ୍ୟରେ ମୁଖ୍ୟ ଦାବି ରହିଛି ବିଭିନ୍ନ ବିଭାଗୀୟ ଆଉଟ୍ ଡୋରରେ ଗନ୍‌ମ୍ୟାନ୍ ସୁରକ୍ଷାକର୍ମୀ ମୁତୟନ କରିବା ପାଇଁ । ଡାକ୍ତରଙ୍କ ଉପରେ ଆକ୍ରମଣ ହେଉଛି । ସେଥିପାଇଁ ଡାକ୍ତରମାନେ ରୋଗୀସେବା ସମୟରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ତେଣୁ ତାଙ୍କ ସୁରକ୍ଷାକୁ ନେଇ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି । ଶୁକ୍ରବାର



ଶୁକ୍ରବାର ଆଉଟ୍ ଡୋରରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ରୋଗୀଙ୍କ ସହ ଆସିଥିବା ଆଟେଣ୍ଡାଣ୍ଟ ଚିକିତ୍ସା ସମ୍ପର୍କିତ କଥାକୁ ନେଇ ମାଡ ମାରିବାରୁ ତାଙ୍କ ହାତ ଭାଙ୍ଗିଯାଇଛି । ଦୁଇମାସ ପୂର୍ବରୁ ଏହିପରି ଏକ ଘଟଣା କ୍ୟାପିଟାଲ ହସ୍ପିଟାଲରେ ଘଟିଥିଲା । କେବଳ କ୍ୟାପିଟାଲ ହସ୍ପିଟାଲ ନୁହେଁ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଆକ୍ରମଣକୁ ନେଇ ସ୍ୱାସ୍ଥ୍ୟ ବିଭାଗରେ ମଧ୍ୟ ଆଲୋଚନା ହୋଇଛି । ହେଲେ ଡାକ୍ତରଙ୍କ କହିବା କଥା ଗନମ୍ୟାନ୍ ସୁରକ୍ଷା କର୍ମୀ ନମିଳିବା ପର୍ଯ୍ୟନ୍ତ ସେମାନେ କଳାବ୍ୟାଚ୍‌ପିନ୍ଧି ରୋଗୀ ସେବା କରିବେ । ରୋଗୀ ସେବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଜୁନିୟର ଡାକ୍ତର ସଂଘ ସ୍ପଷ୍ଟ କରିଛି ।

# ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡ଼ିଶାର ଚାବିକାଠି : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ, ବୁଝାମଣା ପତ୍ର ଓ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ବିଭାଗୀୟ ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରୁଛି । ମହିଳା ସଶକ୍ତିକରଣ "ବିକଶିତ ଓଡ଼ିଶା" ଗଠନର ମୂଳଦୁଆ ବୋଲି ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଏପରି ଉଦ୍ୟମର ସଫଳତା ତୃଣମୂଳସ୍ତରରେ କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଉପସ୍ଥିତିରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୧୦ଟି ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ 'ନାରୀ ଅଦାଲତ'ର ଶୁଭାରମ୍ଭ କରିଥିଲେ । ଏହି ଉଦ୍ୟମକୁ ସାଧୁବାଦ ଜଣାଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ 'ନାରୀ ଅଦାଲତ', ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ କରି ଲିଟିଗେସନ ହ୍ରାସ କରିବା ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ କରିବ । ଜାନୁଆରୀ ୧୭ ରୁ ଜାନୁଆରୀ ୨୪ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ସପ୍ତାହବ୍ୟାପୀ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ର ମଧ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡି-କମ୍-କ୍ରେଚ୍) ଯୋଜନାର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ମଧ ଉନ୍ମୋଚନ କରାଯାଇଥିଲା । ଏହା ସହିତ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ରାଜ୍ୟ ବଜେଟରୁ ୨.୪୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଯାଜପୁରରେ ଉତ୍କଳ ବାଳାଶ୍ରମର ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଏବଂ ଗଜପତି ଜିଲ୍ଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ସୁବିଧାଗୁଡ଼ିକ ଶିଶୁ ଯତ୍ନ ପ୍ରତିଷ୍ଠାନ, ଶିଶୁ କଲ୍ୟାଣ କମିଟି ଏବଂ କିଶୋର ନ୍ୟାୟ ବୋର୍ଡକୁ ଗୋଟିଏ ଛାତ ତଳେ ଏକାଠି କରିବ । ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲାମାନଙ୍କୁ ଶିଶୁ-ଅନୁକୂଳ, ସହଜ ଏବଂ ସମୟାନୁବର୍ତ୍ତୀ ସେବା ପ୍ରଦାନ କରିବ । କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଶୁଭା ଶର୍ମା, ଆଇନ ବିଭାଗର ପ୍ରମୁଖ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର କଲେକ୍ଟର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ନାରୀ ଅଦାଲତର ସଦସ୍ୟ ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ ।

## ଧାନକିଣା ଅବ୍ୟବସ୍ଥା ପ୍ରତିବାଦରେ ବିକ୍ଷୋଭ

# ଶିଳ୍ପପତିମାନେ ଜିଲ୍ଲାର ସ୍ୱାର୍ଥକୁ ଅଣଦେଖା କରିଛନ୍ତି : ଭକ୍ତ

ଝାରସୁଗୁଡ଼ା/ଭୁବନେଶ୍ୱର, (ସବ୍ୟୁ): ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଜୀବନ ସାର୍ଥକ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଝାରସୁଗୁଡ଼ା ଠାରେ ମନରେଗା ଉଚ୍ଛେଦ, ବିଜୁଳି ଚକ୍ରାନ୍ତ, ଧାନ କିଣା ଅବ୍ୟବସ୍ଥା ବିରୋଧରେ କଂଗ୍ରେସର ମହାସମାବେଶ ଆୟୋଜିତ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରଥମେ ପିସିସି ସଭାପତି, ଓଡ଼ିଶା ପ୍ରଭାରୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ପୁରୁଣା ବସଷ୍ଟାଣ୍ଡ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ବେରାମାଳ ଛକରେ ଦୁର୍ଗାମନ୍ଦିର ଦର୍ଶନ କରିବା ସହ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ବିଶାଳ ଶୋଭାଯାତ୍ରା ଏମସିଏଲ ଅଡିଟୋରିୟମ ପାଖରେ ପହଞ୍ଚିଥିଲା ଏବଂ ସେଠାରେ ଆୟୋଜିତ ସଭାରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଝାରସୁଗୁଡ଼ା ଜିଲ୍ଲାର ଅଧିବାସୀ ଏକ ବିଷାକ୍ତ ପରିବେଶ ବଳୟ ଭିତରେ କାଳାତିପାତ କରୁଛନ୍ତି । ବାୟୁମଣ୍ଡଳ ଏତେ ଦୂଷିତ ହୋଇଛି ଯେ ବିଜୁଳିବତି ଜଳି ମଧ୍ୟ ରାତିରେ ସହରର ରାସ୍ତା ଦିଶୁନି । କିନ୍ତୁ ଶିଳ୍ପପତିମାନେ ଝାରସୁଗୁଡ଼ା ବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଯଦି ଆମେ ପରିବେଶ ପାଇଁ ଲଢ଼େଇ ନକରିବା ବା ଜାଗ୍ରତ ନହେବା ଝାରସୁଗୁଡ଼ା ଭବିଷ୍ୟତରେ ମଣିଷ ପାଇଁ ଆଉ



ବାସପୋଯୋଗୀ ରହିବ ନାହିଁ । ସାରା ରାଜ୍ୟରେ କଂଗ୍ରେସ ଦଳ ମନରେଗା ଉଚ୍ଛେଦ, ବିଜୁଳି ଉପଭୋକ୍ତା ଓ ଚାଷୀଙ୍କୁ ପ୍ରତାରଣା ପ୍ରତିବାଦରେ ଲଢ଼େଇ କରୁଛି । ଦେଶର ଗ୍ରାମାଞ୍ଚଳର ଗରିବ ଜନସାଧାରଣଙ୍କୁ ରୋଜଗାର ଯୋଗାଇ ଦେବାପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂ ଓ ତତ୍କାଳନୀ ଉପା ଅଧକ୍ଷା ସୋନିଆ ଗାନ୍ଧୀ ଯେଉଁ ମହାତ୍ମା ଗାନ୍ଧୀ ନରେଗା ଯୋଜନାର ପ୍ରଣୟନ କରିଥିଲେ । ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ସରକାରଙ୍କ ବିଜୁଳି ଉପଭୋକ୍ତା, ଚାଷୀ ଏବଂ ମୋଟରଗାଡ଼ି ଚାଳକ ମାରଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ସିଦ୍ଧାର୍ଥ ଦାସ, ହମିଦ ହୁସେନ, ଅମିତା ବିଶ୍ୱାଳ, ଯଶୋବନ୍ତ ସିଂ ଲାଗୁରି, ଅରବିନ୍ଦ ଦାସ, ମାନସ ମଲ୍ଲିକ, ସସ୍ମିତା ପଣ୍ଡା, ସୁବ୍ରତ ଦାସ, ମିଲନ ପଟ୍ଟନାୟକ, ଅମିତ ଗୁରୁ, ସଂଜୟ ମହାପାତ୍ର, ଦେବାନନ୍ଦ ବାରିକ, ଲିଙ୍ଗରାଜ ବଢ଼େଇ, ସଲିମ ଖାନ, କାଜଲ ଘୋଷ, ଗୁଡୁ ଅଗସ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ): ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ବିଧାନସଭା ପରିସରରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି, କଥାକାର ପ୍ରବୀଣା ମହାନ୍ତି, ପ୍ରକାଶକ ସରୋଜ ବଳ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ, 'ସନ୍ଦେହର ସଳିତା' ଉପନ୍ୟାସଟି ସାଧାରଣ ଓ ସାବଲୀଳ ଭାଷାରେ ଲେଖାଯାଇଛି । ସାଧାରଣ ପାରିବାରିକ ଜୀବନର ଘଟଣାବଳୀକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରାଯିବା ସହ ଭାଗ ଭାଗ ହୋଇ ଲେଖାଯାଇଥିବାରୁ ପାଠକଙ୍କୁ ଛୁଇଁପାରିବ । ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯୁବପିଢ଼ି ଏପରି ଉପନ୍ୟାସ ରଚନା କରିବା ଆବଶ୍ୟକ ବୋଲି ବାଚସ୍ପତି କହିଥିଲେ । ଅନ୍ୟ ଅତିଥିମାନେ ଉନ୍ମୋଚିତ ଉପନ୍ୟାସ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ । ଭୁବନେଶ୍ୱରୀ ପଣ୍ଡାଙ୍କର ପୂର୍ବରୁ ପାଞ୍ଚଟି ଗଳ୍ପ ପୁସ୍ତକ ପ୍ରକାଶ ପାଇସାରିଛି । ସେଗୁଡ଼ିକ ହେଲା, ଜୀବନର ବାଟେଘାଟେ, ଜୀବନର ଚଉହଦି, ଏମିତି ଏ ଜୀବନ, ଜୀବନ କହୁଛି ଗପ ଓ ସିନ୍ଦୁର । ଆଜି ଉନ୍ମୋଚିତ ହୋଇଥିବା 'ସନ୍ଦେହର ସଳିତା' ତାଙ୍କର ପ୍ରଥମ ଉପନ୍ୟାସ । ଟାଇମ୍ ପାସ୍ ପକ୍ଷରୁ ଏହାକୁ ପ୍ରକାଶ କରାଯାଇଛି ।

## ଶ୍ରମିକ ଓ କୃଷକ ମିଳିତ ମଞ୍ଚର ଗଣ ବିକ୍ଷୋଭ

ରଣପୁର, (ସବ୍ୟୁ) :ଶ୍ରମିକ ଓ କୃଷକ ମଞ୍ଚର ରଣପୁର ବ୍ଲକ ଆଗରେ ବିକ୍ଷୋଭ କରାଯାଇଛି ।ସାଥୀ ଗଦାଧର ପ୍ରଧାନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ତିନୋଟି ମିଳିତ ସଂଗଠନ ର ରାଜ୍ୟ ଓ ଜିଲ୍ଲା ନେତୃତ୍ୱ ମାନେ ବିଜେପି ନେତୃତ୍ୱାଧୀନ ମୋଦୀ ଓ ମୋହନ ଡବଲ ଇଞ୍ଜିନି ସରକାରର ଶ୍ରମିକ,କୃଷକ ଓ ଶ୍ରମ ଜୀବି ଜନଗଣ ବିରୋଧି ଓ ମାଲିକ ସପକ୍ଷ ବାଦୀ ନୀତି କୁ ତୀବ୍ର ସମାଲୋଚନା କରିଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ ବେହେରା ଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ଭେଟି ୫ ଦଫା ଦାବୀ ପତ୍ର ମହା ମହିମ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । । ଏହି ଆନ୍ଦୋଳନ ରେ ରାଜ୍ୟ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, କ୍ଷେତ ମଜଦୁର ନେତା ନିତ୍ୟାନନ୍ଦ ପରିଡ଼ା, ରାଜ୍ୟ ଶ୍ରମିକ ନେତା ସୁରେଶ ସ୍ୱାଇଁ, ଧୁଶାସନ ଜେନା, ସୁଶୀଲ ମହାନ୍ତି, ସବ୍ୟସାଚୀ ସେନାପତି, ଭିକାରୀ ଚରଣ ସାହୁ, କୁଳମଣି ପଲେଇ, ମଞ୍ଜୁଲତା ପ୍ରଧାନ ଓ ଉର୍ମିଳା ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।ଷୀ ଙ୍କ ଠାରୁ ୩୭୬ ବସ୍ତା ୧୬୪.୯୮ କିଣ୍ଟାଲ ଧାନ କ୍ରୟ କରାଯାଇଛି ।

# ସହଯୋଗ ଓଡ଼ିଶାର ସ୍ମୃତିଚାରଣ ସଭା

ଫୁଲନଖରା , (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ନଖରା ଗ୍ରାମର ଦାମୋଦର ସାହୁଙ୍କ ଧର୍ମପନି ପୁନି ସାହୁଙ୍କର ଚତୁର୍ଦ୍ଦଶାହ ଉପଲକ୍ଷେ ପୂଜ୍ୟପୂଜା ସାଂସ୍କୃତିକ ସେବା ସଂଗଠନ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ବରିଷ୍ଠ ସାମ୍ବାଦିକ ଓ ସହଯୋଗ ଓଡ଼ିଶା ଅନୁଷ୍ଠାନର ସାଧାରଣ ସମ୍ପାଦକ ଲଳିତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ସହଯୋଗ ଓଡ଼ିଶା ସଂଗଠନ ଉପରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ଉପସଭାପତି ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, କଂଗ୍ରେସ ନେତା ଅଶୋକ କୁମାର ଦାସ, କଂଗ୍ରେସ ନେତ୍ରୀ ଗୀତାଞ୍ଜଳି ମହାନ୍ତି, ବରିଷ୍ଠ ନାଗରିକ ଫଗୁମଣି ସାହୁ, କାମାକ୍ଷା ପ୍ରସାଦ ସ୍ୱାଇଁ, କେଦାରନାଥ ଜେନା, ଗୋପାଳଚନ୍ଦ୍ର ସାହୁ, ସାମ୍ବାଦିକ ଅଜୟ କୁମାର ଦାଶ, ଉତ୍ତମ ଗୃହିଣୀ, ପରୋପକାରୀ, ସ୍ନେହୀ ମହିଳା ଥିଲେ ବୋଲି ସମସ୍ତେ କହିଥିଲେ ।

## ବରିଷ୍ଠ ନାଗରିକ ସଂଘ ବାର୍ଷିକ ଉତ୍ସବ

ବାଲିପାଟଣା ,(ସବ୍ୟୁ) :ବରିଷ୍ଠ ନାଗରିକ ଜନକଲ୍ୟାଣ ସଂଘର ୧୦ ମ ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗା ମାଧବ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁରେନ୍ଦ୍ର ନାଥ ସେଠୀ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ରେ ବାଲିପାଟଣା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ,ମୁଖ୍ୟ ବକ୍ତା ଭାବେ ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ,ସମ୍ମାନିତ ଅତିଥି ଭାବେ ଏସ ଆଇ ପାୟଲ ପ୍ରଧାନ,ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।ସମ୍ପାଦକ ଟହଲି ଭୋଇ ବାର୍ଷିକ ବିବରଣୀ ପାଠ ଓ ପୂର୍ଣ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସାଗତ ଭାଷଣ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ କମିଟି ର ସଦସ୍ୟ ରବୀନ୍ଦ୍ର ନାଥ ସ୍ୱାଇଁ,ଅଶୋକ ସାହୁ,ଅଧ୍ୟାପକ ରାଧାକାନ୍ତ ମହାନ୍ତି କୋଷାଧକ୍ଷ କ୍ଷେତ୍ରମୋହନ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବ୍ୟତିକ୍ରମର ଅପୂର୍ବ ନମୁନା, ନେତାଜୀ ଉତ୍ସବରେ ନାଚିକା ଓ ନାରଙ୍ଗୀଦେଇ ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ବିକାଶ ଯୁବ ପରିଷଦ ଦ୍ୱାଦଶ ନେତାଜୀ ସୁଭାଷ ଉତ୍ସବ ଜୟ ହିନ୍ଦ୍ ୨୦୨୬ ପାଳନ କରିବା ଅବସରରେ ଏକ ଭିନ୍ନତା ସୃଷ୍ଟି ହୋଇଛି । ଅତିଥିମାନେ କୋରାପୁଟ ର ଆଦିବାସୀ ଜଣ ନେତା ନାଚିକା ଲିଙ୍ଗା ଓ ରାୟଗଡା ଜେଲ୍ ରେ ଥିବା ଜନ ନେତ୍ରୀ ନାରଙ୍ଗୀ ଦେଇ ମାଝୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଛି । ଦ୍ୱାଦଶ ନେତାଜୀ ଉତ୍ସବ କୁ ବିପ୍ଳବୀଣୀ ପାର୍ବତୀ ଗିରି ଓ ନେତାଜୀଙ୍କ ଘନିଷ୍ଠ ସହଯୋଗୀ ତଥା ଜୟ ହିନ୍ଦ୍ ନା ରା ର ରୂପକାର ଅବିଡ ହସନ ସଫରାନୀ ଙ୍କୁ ଉତ୍ସର୍ଗ କରାଯାଇଥିଲା । ଉପଦେଷ୍ଟା ଦେବୀପ୍ରସାଦ ପୃଷ୍ଟି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର ମୁଖ୍ୟ ଅତିଥି, ନେତାଜୀ ଙ୍କ ବଡଭାଇ ବିପ୍ଳବୀ ଶରତ ଚନ୍ଦ୍ର ବୋଷଙ୍କ ନାତି ଅଭିଜିତ ବୋଷ ରୟ, ମୁଖ୍ୟବକ୍ତା ଓ ଆବିଦ୍ ହସନ ସଫ୍ରାନୀଙ୍କ ନାତୁଣୀ ଜ୍ୱାଇଁ ସାଜିଦ ମହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନେତାଜୀ ଉତ୍ସବ ଜରିଆରେ ପରିଷଦ ଦେଶ ବ୍ୟାପୀ ଯୁବ ସମାଜ ମଧ୍ୟରେ ନେତାଜୀ ଙ୍କ ଆଦର୍ଶ ଗ୍ରହଣ କରି ଅନ୍ୟାୟ, ଆତ୍ୟଚର୍ ଓ ଶୋଷଣ ବିରୁଦ୍ଧରେ ସ୍ୱର ଉଠାଇବା ପାଇଁ ସଚେତନତା ସୃଷ୍ଟି କରିବା କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ । ନେତାଜୀ ସୁଭାଷ ମାନେ ସାଲିସ ବିହୀନ ସଂଗ୍ରାମ ବୋଲି ବିପୁଳ କରତାଳି ମଧ୍ୟରେ କହିଥିଲେ । ରାଜନୀତିକ ସ୍ୱାଧୀନତା ହାସଲ ହୋଇଥିଲେ ମଧ ଆଜିର ଦିନରେ ସଂଖ୍ୟାଧିକ ଲୋକେ ଆର୍ଥିକ ସ୍ୱାଧୀନତା ପାଇବାରୁ ବଞ୍ଚିତ । ଯୁବ ସମାଜ ମଧ୍ୟରେ ସୁଭାଷ ପରିବର୍ତ୍ତନ ସମ୍ଭବ ଓ ପରିବର୍ତ୍ତନ ପାଇଁ କଣ୍ଟକିତ ରାସ୍ତାକୁ ଅତିକ୍ରମ କରିବାର ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ ।

## ପ୍ରମୁଖ ସଚିବ ଉଷା ପାଢୀଙ୍କ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ

# ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଶ୍ରୀମତୀ ପାଢ଼ୀ । ପ୍ରମୁଖ ଶାସନ ସଚିବ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାରେ ପହଞ୍ଚିବା ପରେ ସର୍ବ ପ୍ରଥମେ ଗୋବିନ୍ଦପାଲି ଗସ୍ତ କରି ବସ୍ ଷ୍ଟାଣ୍ଡ ର ସ୍ଥିତି ସମୀକ୍ଷା କରିଥିଲେ । ତତ୍ ପରେ ମାଥିଲି ସ୍ଥିତ ନୂତନ ଭାବେ ନିର୍ମାଣଧିନ ବସ୍ ଷ୍ଟାଣ୍ଡ ମଧ ବୁଲି ଦେଖିଛନ୍ତି ପ୍ରମୁଖ ଶାସନ ସଚିବ । ମାଲକାନଗିରି ପହଞ୍ଚିବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି । ପରେ ପୌର ପରିଷଦ ମାଲକାନଗିରି ର ନୂତନ ଭାବେ ନିର୍ମିତ ହେଉଥିବା କୋଠା ବୁଲି ଦେଖିଛନ୍ତି । ସେହିପରି



ପୌର ପରିଷଦର ଏମଭି ୪୨ ସ୍ଥିତ ଜବରଦସ୍ତି କଲୋନୀରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟର୍ ଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଛନ୍ତି ଶ୍ରୀମତୀ ପାଢ଼ୀ । ସ୍ୱଚ୍ଛ କର୍ମଚାରୀଙ୍କ କଣ ସବୁ ସମସ୍ୟା ରହିଛି, ସେମାନଙ୍କର ଜୀବନ ଜୀବିକା ରେ କିଭଳି ଉନ୍ନତି ହୋଇପାରିବ ସେଥି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବି ବି ଗୁଡା ଟ୍ୟାଙ୍କ ପରିଦର୍ଶନ କରି ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ପୌର ପରିଷଦ ର ଅଧିକାରୀ ଏଥି ନିମନ୍ତେ ୨ କୋଟି ଟଙ୍କାର ଆର୍ଥିକ ପାଣ୍ଠି ଆବଶ୍ୟକତା ରହିଛି ବୋଲି ସଚିବଙ୍କୁ ଅବଗତ କରାଇଥିଲେ । ତୁରନ୍ତ ଡିପିଆର ପ୍ରସ୍ତୁତ କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ପାଣ୍ଠି ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରମୁଖ ଶାସନ ସଚିବ । ସେ ସହରରେ ନିର୍ମାଣ ଚାଲିଥିବା ବସ୍ ଷ୍ଟାଣ୍ଡ କାର୍ଯ୍ୟ ର ଅଗ୍ରଗତି ମଧ ତଦାରଖ କରିଥିଲେ । ବସ୍ ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ । ସେହିପରି ଏୟାରଷ୍ଟ୍ରିପ ପରିଦର୍ଶନରେ ଯାଇ ରାସ୍ତା ଓ କୋଠାବାଡ଼ି ବିଭାଗ ଯନ୍ତ୍ରୀଙ୍କ ସହ ଏହାର ସ୍ଥିତି ଓ ରହିଥିବା ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କିଭଳି ଶୀଘ୍ର ଏୟାର ଷ୍ଟ୍ରିପ କାର୍ଯ୍ୟକ୍ଷମ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ପୌର ପରିଷଦ ଦ୍ୱାରା ପରିଚାଳିତ ଆଦର୍ଶ ଶ୍ମଶାନ ଗସ୍ତ କରି ଏହାର ରକ୍ଷଣାବେକ୍ଷଣ ବୁଲି ଦେଖିଥିଲେ । ଏହି ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କିମ୍‌ସରେ ବର୍ଷକର ଶିଶୁର ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ (କିମସ)ରେ ଜଣେ ଏକ ବର୍ଷ ବୟସର ଶିଶୁଠାରେ ଜଟିଳ ଓ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି । ଶିଶୁଟିର ମୁଣ୍ଡର ଆକାର ଅସ୍ୱାଭାବିକ ରହିଥିବା ବେଳେ ଆଖି ଫୁଲିବା ଓ ବୃଦ୍ଧି ବିଳମ୍ବ ହେଉଥିଲା ଏପରି ଅବସ୍ଥାରେ ଶିଶୁଟିକୁ ପରିବାର ଲୋକେ କିମ୍‌ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ । ପରୀକ୍ଷା ପରେ ଶିଶୁଟି କ୍ରୁଜନ୍ ସିଣ୍ଡ୍ରୋମ୍‌ରେ ପୀଡିତ ଓ ଖପୁରୀ ଭିତରେ ବିପଜ୍ଜନକ ଭାବରେ ଉଚ୍ଚ ଚାପ ଥିବା ଜଣାପଡିଥିଲା । ଏଭଳି ଅବସ୍ଥାରେ ଚିକିତ୍ସା କରାନଗଲେ ତାହା ଶିଶୁର ମସ୍ତିଷ୍କ ବିକାଶକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇବାର ସମ୍ଭାବନା ଥିଲା । ତୁରନ୍ତ କିମ୍‌ସର ବିଶେଷଜ୍ଞମାନେ ଶିଶୁଠାରେ ସଫଳତାର ସହ କ୍ରାନିଓଫେସିଆଲ୍ ଅସ୍ତ୍ରୋପଚାର କରିଥିଲେ । ଏହା ଏକ ଜଟିଳ ଓ ବିରଳ ଅସ୍ତ୍ରୋପଚାର ହୋଇଥିଲେ ମଧ କିମ୍‌ସ ଡାକ୍ତର ଏଥିରେ ସଫଳ ହୋଇଥିଲେ । ଶିଶୁଟି ଏବେ ସୁସ୍ଥ ଅଛି ଓ ସାଧାରଣ ଜୀବନଯାପନ କରୁଛି ।

ଏହା ଏକ ବିରଳ ଜନ୍ମଗତ ରୋଗ ଯେଉଁଥିରେ ଖପୁରିର କିଛି ହାଡ଼ ସମୟ ପୂର୍ବରୁ ଯୋଡ଼ି ହୋଇଯାଏ । ଏହା ମସ୍ତିଷ୍କ ବୃଦ୍ଧି ପାଇବା ସହିତ ଖପୁରୀକୁ ସାଧାରଣ ଭାବରେ ବିସ୍ତାର ହେବାରୁ ବାଧା ଦିଏ । ଫଳରେ ମସ୍ତିଷ୍କ ଉପରେ ଚାପ ବଢ଼ିଯାଏ, ମୁହଁ ବିକୃତ ଦେଖାଯାଏ ଏବଂ ଆଖି ଫୁଲିଯାଏ । ଏଭଳି ଅସ୍ତ୍ରୋପଚାର ଏକ ବଡ଼ ସଫଳତା । ଭାରତରେ ବହୁତ କମ୍ ଉତ୍ସର୍ଗୀକୃତ କ୍ରାନିଓଫେସିଆଲ୍ କେନ୍ଦ୍ର ଅଛି । ଦେଶର ପୂର୍ବାଞ୍ଚଳରେ ଏଭଳି କେନ୍ଦ୍ର ନଥିବା କୁହାଯାଉଛି । ଏହି ସଫଳତା ସହ କିମସ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପ୍ରଶିକ୍ଷିତ ବିଶେଷଜ୍ଞଙ୍କ ଏକ ଦଳ ଦ୍ୱାରା ପରିଚାଳିତ ବିରଳ ଏବଂ ଜଟିଳ କ୍ରାନିଓଫେସିଆଲ୍ ବ୍ୟାଧିରେ ପୀଡିତ ଶିଶୁଙ୍କ ଚିକିତ୍ସା ପାଇଁ ଏକ ଉତ୍କର୍ଷ କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି । କିମସର ପ୍ରଫେସର ସୁନୀଲ କୁମାର ରାଉତ (ପ୍ଲାଷ୍ଟିକ୍ ସର୍ଜରୀ), ପ୍ରଫେସର ଦୀପ୍ତି ରଞ୍ଜନ ସତପଥୀ (ନ୍ୟୁରୋସର୍ଜରୀ), ବରିଷ୍ଠ ଆନାସ୍ଥେସିଓଲୋଜିଷ୍ଟ ଡା ସଞ୍ଜୟ କୁମାର ମାଝୀ ଓ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ସେବାରଞ୍ଜନ ବିଶ୍ୱାଳ, ପ୍ରଫେସର ବନ୍ଧ୍ୟା ସାହୁ ଓ ଡା ମୁକେଶ ଜୈନ ପ୍ରମୁଖଙ୍କ ନେଇ ଏକ ବହୁମୁଖୀ କ୍ରାନିଓଫେସିଆଲ୍ ବିଶେଷଜ୍ଞ ଦଳ ଏଥିରେ ସାମିଲ ଥିଲେ । ଡା ଜୟନ୍ତ ଲେଙ୍କା (ପ୍ଲାଷ୍ଟିକ୍ ସର୍ଜରୀ), ଡା ସୌରଭ ଗୁଡିଆ (ନ୍ୟୁରୋସର୍ଜରୀ) ଓ ଶିଶୁ ଆଇସିୟୁ ଦଳ ମଧ ଏଥିରେ ସହାୟତା କରିଥିଲେ । ଏଭଳି ବିରଳ ଓ ସଫଳ ଚିକିତ୍ସାରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଂପୃକ୍ତ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ଏକ ଚ୍ୟାଲେଞ୍ଜିଂ ମାମଲା ହୋଇଥିବା ବେଳେ ଦଳର ଉତ୍ସର୍ଗୀକୃତ ପ୍ରୟାସକୁ ଶ୍ରୀ ସାମନ୍ତ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଓୟୁଟିଆରର ତୃତୀୟ ସମାବର୍ତ୍ତନ ଉତ୍ସବ ୧୯ ରେ

# ୧୧୪୪ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଡ଼ିଗ୍ରୀ ସାର୍ଟିଫିକେଟ୍

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ର ତୃତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୯ ତାରିଖ ରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ସଭାପତିତ୍ୱ କରିବେ ।ଭୁବନେଶ୍ୱର ରେଳ ଅଡିଟୋରିୟମ ଠାରେ ପୂର୍ବାହ୍ନରେ ଏକ ଭବ୍ୟ ଉତ୍ସବ ଅନୁଷ୍ଠିତ ହେବ ବୋଲି କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଛନ୍ତି । ପ୍ରଫେସର ବିଶ୍ୱାଳ କହିଛନ୍ତି ଯେ ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳଙ୍କ ସହ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁର ର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ ଅନ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।ସମାବର୍ତ୍ତନ ଉତ୍ସବର ସ୍ୱତନ୍ତ୍ର ମଞ୍ଚରେ ୭୩୯ ଜଣଙ୍କୁ ସ୍ନାତକ,୩୩୭ ଜଣଙ୍କୁ ସ୍ନାତକୋତ୍ତର, ୪ଜଣଙ୍କୁ ପ୍ରଥମ ଥର ପାଇ ପିଏଚ୍ଡି,୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ବିଶ୍ୱବିଦ୍ୟାଳୟର ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ,୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯିବ । ସାମ୍ବାଦିକ ସମ୍ମିଳନୀରେ କୁଳପତିଙ୍କ ସହ ବିଶ୍ୱବିଦ୍ୟାଳୟର ରେ ଜି ଷ୍ଟ ର ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା,କନ୍ଭୋକେସନ୍ ର ଦାୟିତ୍ୱରେ ଥିବା ପ୍ରଫେସର ଅଚ୍ୟୁତ ନନ୍ଦ ଆଚାର୍ଯ୍ୟ,ଡିନ୍ ,ଏକାଡେମିକ୍ ଆଫାୟାର, ପ୍ରଫେସର ରଞ୍ଜନ କୁମାର ଜେନା,ପ୍ରଫେସର ଅରୁଣା ତ୍ରିପାଠି ,ପ୍ରଧ୍ୟାପକ, ଇଲେକ୍ଟ୍ରୋନିକ୍ସ ଏବଂ ଯନ୍ତ୍ରପାତି ଇଞ୍ଜିନିୟରି ,ଡିନ୍ ସ୍ନାତକୋତ୍ତର ଅଧ୍ୟୟନ ଏବଂ ଗବେଷଣା ପ୍ରମୁଖ ଉପସ୍ଥିତ ଥିଲେ ।



## ଯୁକ୍ତ ୨ ସାର୍ଟିଫିକେଟ ଓ ମାର୍କ ସିଟ୍ ଯାଞ୍ଚ ଫିସ୍ ଦୁଇ ଗୁଣା ବୃଦ୍ଧି ତୁରନ୍ତ ପ୍ରତ୍ୟାହାର ଦାବି

ବାରିପଦା, (ସବ୍ୟୁ): ଏଆଇଡିଏସଓ ପକ୍ଷରୁ ବାରିପଦା ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଶାଖା କାର୍ଯ୍ୟାଳୟ ସଚିବଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ୧୨ ତାରିଖରେ ଏକ ବିଜ୍ଞପ୍ତି ମାଧ୍ୟମରେ ଯୁକ୍ତ୨ ସାର୍ଟିଫିକେଟ ଓ ମାର୍କ ସିଟ ଯାଞ୍ଚ ଫିସ୍ ଦୁଇ ଗୁଣା ବୃଦ୍ଧି କରାଯାଇଛି। ଏହା ଛାତ୍ରଛାତ୍ରୀଙ୍କ ଚରମ ସ୍ୱାର୍ଥ ବିରୋଧୀ। ତେଣୁ ଫିସ ବୃଦ୍ଧିକୁ ଆମେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ବିରୋଧ କରାଯାଇ ଫିସ୍ ବୃଦ୍ଧି ଅବିଳମ୍ବେ ପ୍ରତ୍ୟାହାର କରିବା ପାଇଁ ଦୃଢଦାବି କରୁଛୁ। ଏହି କାର୍ଯ୍ୟକ୍ରମରେ ସଂଗଠନର ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ ଫୁଲ ଚାନ୍ଦ ଲୋ, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନାରା, ଜିଲ୍ଲା କମିଟି ସଦସ୍ୟ ବିର୍ସା ମୁଣ୍ଡା ଦାସ, ପୂର୍ଣ୍ଣଚନ୍ଦ୍ର, ବଜିରାଉତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଟିପିଏସଓଡିଏଲକୁ ମିଳିଲା ଟାଇମ୍ସ ବିଜନେସ ଆୱାର୍ଡ



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସଓଡିଏଲ)କୁ ଗ୍ରାମୀଣ ବିଦ୍ୟୁତ ବିତରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଇମ୍ସ ବିଜନେସ ଆୱାର୍ଡ ମିଳିଛି । 'ଦି ଟାଇମ୍ସ ଇଣ୍ଡିଆ ଗ୍ରୁପ' ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ,କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି । ସମଗ୍ର ଦକ୍ଷିଣ ଓଡ଼ିଶାରେ ଗ୍ରାମୀଣ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଟିପିଏସଓଡିଏଲର ନିରନ୍ତର ଓ ପ୍ରଭାବଶାଳୀ ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି କରିଛି । ଟିପିଏସଓଡିଏଲ ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା- ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସେବା ଯୋଗାଉଛି । ବିଜୁଳି ଯୋଗାଣ କ୍ଷେତ୍ରର ସିଂହ ଭାଗ ଦୁର୍ଗମ ଜଙ୍ଗଲ ଓ ପାହାଡ଼ ଘେରା ଅଞ୍ଚଳ ହୋଇଥିଲେ ସୁଦ୍ଧା କମ୍ପାନୀ ନିର୍ଭରଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ କରିବାରେ ସଫଳ ହୋଇଛି । ଯାହା ସମଗ୍ର ଅଞ୍ଚଳର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି । ଜିଲ୍ଲାଗୁଡ଼ିକରେ ଥିବା ଡାକ୍ତରଖାନା, ଅଙ୍ଗନଓ୍ୱାଡ଼ି କେନ୍ଦ୍ର, ଜଳସେଚନ ଭିତ୍ତିଭୂମି, ଶିଳ୍ପ ଓ କ୍ଷୁଦ୍ର ଉଦ୍ୟୋଗକୁ କମ୍ପାନୀ ୨୪ ଘଣ୍ଟିଆ ବିଜୁଳି ସେବା ଯୋଗାଇବାରେ ସମର୍ଥ ହୋଇଛି । ଯାହାଫଳରେ ଅତ୍ୟାବଶ୍ୟକ ସେବା ସଫଳତା ପୂର୍ବକ କାର୍ଯ୍ୟରତ ରହିଥିବା ବେଳେ କୃଷି ଓ ଦୁର୍ଗମ ଅଞ୍ଚଳରେ ଜୀବନଜୀବିକାକୁ ମଧ୍ୟ ପ୍ରୋତ୍ସାହନ ମିଳିପାରୁଛି ।ଗ୍ରାମୀଣ ବିଜୁଳି ଯୋଗାଣ କ୍ଷେତ୍ରରେ କମ୍ପାନୀର ଏହି ସଫଳତା ପଛରେ ରହିଛି – ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କମ୍ପାନୀର କ୍ରମାଗତ ନିବେଶ । କମ୍ପାନୀ ସ୍କାଡା ପରିଚାଳିତ ରିଅଲ ଟାଇମ ମନିଟରିଂ କରିବା ସହ ଜିଆଇଏସ ସମନ୍ୱିତ ନେଟଓ୍ୱର୍କ ପ୍ଲାନିଂ ଓ ଡ୍ରୋନ ନିରୀକ୍ଷଣ ଭଳି ଅତ୍ୟାଧୁନିକ ବ୍ୟବସ୍ଥାକୁ ଲାଗୁ କରିଛି । ଦେଶର ଅନ୍ୟତମ ବାତ୍ୟା ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା ପଶ୍ଚିମ ଓଡ଼ିଶାରେ ଗୁଣାତ୍ମକ ବିଜୁଳି ଯୋଗାଣକୁ ଏକ ଆହ୍ୱାନ ଭାବେ ନେଇ ଟିପିଏସଓଡିଏଲ ନିଜର ଅହରହ ପ୍ରୟାସ ଜାରି ରଖିଛି ଓ ଗ୍ରାମୀଣ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କାର୍ଯ୍ୟ ସମ୍ପାଦନ କରୁଛି । ଭୂତଳ କେବଲିଂ, ନୂତନ ପ୍ରାଥମିକ ସବଷ୍ଟେସନ, ଡିଟିଆର ସଂଖ୍ୟା ବୃଦ୍ଧି ଓ ଭୋଲଟେଜ ସମସ୍ୟାର ସମାଧାନ ନିମନ୍ତେ ନୂଆ ଭିତ୍ତିଭୂମିମାନ ସ୍ଥାପନ କରି ବିଜୁଳି ନିରାପତ୍ତା ଓ ଗୁଣବତ୍ତାକୁ ପ୍ରାଧାନ୍ୟ ଦେଉଛି । ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦକ୍ଷିଣ ଓଡ଼ିଶା ଭଳି ଆହ୍ୱାନପୂର୍ଣ୍ଣ କ୍ଷେତ୍ରରେ ଦଳଗତ ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ ସମ୍ପାଦନ କରିପାରିଥିବାରୁ ଆମକୁ ଏହି ପୁରସ୍କାର ମିଳିଛି ।

## ଗଞ୍ଜେଇ ସହ ବାଇକ ଜବତ ୨ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଆଜି ବ୍ରହ୍ମପୁର ଫାଷ୍ଟଗେଟ ନିକଟରୁ ଏକ ବାଇକରୁ ୩୨ କେଜି ଗଞ୍ଜେଇ ଜବତ ହୋଇଛି । ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିବା ହିଞ୍ଜିଳିର ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି । ଗଜପତି ଜିଲାରୁ ୨ ଜଣ ଯୁବକ ଏକ ବାଇକରେ ୩୨ କେଜି ଗଞ୍ଜେଇ ଧରି ବ୍ରହ୍ମପୁର ଆଡକୁ ଯାଉଥିବା ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା । ବିଭାଗର ଉପ ଅଧୀକ୍ଷକ ସୃତିକାନ୍ତ ରାଉତଙ୍କ ନେତୃତ୍ୱରେ ଏସଆଇ ସଂଗୀତା ମହାପାତ୍ର ଓ ନମ୍ରତା ନାହାକ ଓ ତାଙ୍କ ଟିମ ଫାଷ୍ଟଗେଟ ଠାରେ ନାକାବନ୍ଦୀ ଆରମ୍ଭ କରିଥିଲେ । ଏହି ସମୟରେ ଦିଗପହଣ୍ଡି ପଟୁ ଆସୁଥିବା ଏକ ବାଇକକୁ ସନ୍ଦେହରେ ଯାଞ୍ଚ କରିବା ପରେ ସେଥିରେ ବସିଥିବା ଉପରୋକ୍ତ ୨ ଅଭିଯୁକ୍ତଙ୍କ ବ୍ୟାଗରୁ ୩୨ କେଜି ଗଞ୍ଜେଇ ମିଳିଥିଲା । ଅବକାରୀ ଟିମ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବାଇକ ଓ ମୋବାଇଲ ଜବତ ହୋଇଛି ।

## ରାଜ୍ୟ ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଂଚ ଗଞ୍ଜାମ ଶାଖାର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର , (ସବ୍ୟୁ): ଗଞ୍ଜାମ ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏନ ଜିଓ ହଲଠାରେ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ପାରିତ ହୋଇଥିବା ଭେ ଲି ଡେ ସନ ଆକ୍ଟ କର୍ମଚାରୀ ଙ୍କ ଅଧିକାରକୁ କ୍ଷୁର୍ଣ୍ଣ ଓ ସଙ୍କୁଚିତ କରିବା ପାଇଁ ଏକ ଅଗଣତାନ୍ତ୍ରିକ ଚକ୍ରାନ୍ତ ବିରୁଦ୍ଧରେ ଆଲୋଚନା ହୋଇଥିଲା । ପେନସନ ଦେବା କାହାର ଦୟା ନୁହେଁ ।ଏହା ୩୦ ରୁ ୩୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଦେଶର ସେବାର ପ୍ରତିଫଳନ ଯାହା ସମ୍ମାନର ସହ ବଞ୍ଚିବାର ଅଧିକାର ବୋଲି ଉଚ୍ଚ ନ୍ୟାୟାଳୟ ରାୟ ଦେଇ ସାରିଛନ୍ତି । ଏହି କ୍ରମରେ ଦେଶର ସାତଟି ପେ କମିଶନ ସମ୍ମାନ ସହ ପେନସନ ନିର୍ଦ୍ଧାରଣ କରିଛନ୍ତି । ନିକଟରେ ସର୍ବଭାରତୀୟ ରାଜ୍ୟ ପେନସନ ଫେଡେରେସନର କାର୍ଯ୍ୟକାରୀ ବୈଠକ ଆନ୍ଧ୍ର ପ୍ରଦେଶର ବିଜୟଓ୍ୱାଡା ଠାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦେଶର ଅଧିକାଂଶ ରାଜ୍ୟ ପ୍ରତିନିଧି ଯୋଗ ଦେଇଥିଲେ । ଫେବ୍ରୁୟାରୀ ମାସ ଠାରୁ କଳା ବ୍ୟାଜ ପିନ୍ଧିବା ୫ ପ୍ରତି ବ୍ଲକ ରେ ସଚେତନତା ସଭା କରି ମାର୍ଚ୍ଚ ୨୫ ଠାରୁ ଜନ୍ତରମନ୍ତର ଠାରେ ଗଣ ଧାରଣା ଦେଇ କେନ୍ଦ୍ର ସରକାରଙ୍କ ଠାରେ ଚାପ ସୃଷ୍ଟି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସରକାରଙ୍କ ଆର୍ଥିକ ସ୍ଥିତି ସଚ୍ଛଳ ଥିବା ସତ୍ତ୍ୱେ ୧୮ ମାସର ବକେୟା ମାହାଙ୍ଗା ଭତ୍ତା, ୧୨ ବର୍ଷର କମ୍ୟୁଟେସନ ଫେରସ୍ତ, ଅନ୍ୟ ରାଜ୍ୟ ଭଳି ୬୫ ବର୍ଷରେ ଅତିରିକ୍ତ ପେନସନ ପ୍ରଦାନ, ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ ଇତ୍ୟାଦି ବହୁ ଦିନର ଦାବି କେନ୍ଦ୍ର ଓ ରାଜ୍ୟ ସରକାର ପୂରଣ କରୁନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନାରେ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ଦଳାଇ, ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ସମୀର ଆଚାର୍ଯ୍ୟ ,ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଜେନ୍ଦ୍ର ପଣ୍ଡା ଇ କନ୍ୟାକୁମାରୀ, କେ ସୁଜାତା କୁମାରୀ ସୁବୁଦ୍ଧି, ଶାନ୍ତି ଦେବୀ, ଗୌରୀ ଶଙ୍କର ଦାସ, ନିଗମନନ୍ଦ ପଣ୍ଡା କବିରାଜ ସାହୁ ବ୍ରଜେନ୍ଦ୍ର ଉପାଧ୍ୟାୟ,ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ସୁନ୍ଦର ଖାଡ଼ଙ୍ଗା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବୁଲା କୁକୁର ବନ୍ଧ୍ୟାକରଣ ଅଭିଯାନ: ପ୍ରଥମ ଦିନ ୭

ବ୍ରହ୍ମପୁର , (ସବ୍ୟୁ): ମହାନଗର ନିଗମରେ ବଢୁଥିବା ବୁଲା କୁକୁର ସମସ୍ୟାର ସୁସ୍ଥ ଓ ମାନବିକ ସମାଧାନ ପାଇଁ କୁକୁରଙ୍କ ବନ୍ଧ୍ୟାକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଲକ୍ଷ୍ୟରେ ଶନିବାର ଦିନ ନିଗମ ପକ୍ଷରୁ ବୁଲା କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଉଦଘାଟନ କରିଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଡେପୁଟି ମେୟର ବିବେକ ରେଡ୍ଡୀ, ମୁଖ୍ୟ ବିତ୍ତ ଅଧିକାରୀ ଦେବ କୁମାର ସାହୁ, ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଅଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା, ସିଟି ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ସତ୍ୟନାରାୟଣ କର, ଜିଲ୍ଲା ଏସ୍ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ଆର ମୁରଲୀ ମୋହନଙ୍କ ସମେତ ନିଗମର ବହୁ କର୍ପୋରେଟର ଓ ଠିକା ସଂସ୍ଥାର ପ୍ରତିନିଧି ଓ ପଶୁପ୍ରେମୀ ଉପସ୍ଥିତ ଥିଲେ। ହ୍ମପୁରରେ ପ୍ରାଥମିକ ପର୍ଯ୍ୟାୟରେ ମହାନଗର ନିଗମ ଅଞ୍ଚଳରେ ଗୋଟିଏ କୁକୁର ଧରା ଗାଡ଼ି ବୁଲିବ। ଏବେ ବ୍ରହ୍ମପୁରରେ ପାଖାପାଖି ୧୧ ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି। ପ୍ରତି ମାସରେ ପ୍ରାୟ ୫–୬ ଶହ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବ୍ୟବସ୍ଥା କରିଛି । ସେମାନଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବେଙ୍ଗାଲୁରୁ ସ୍ଥିତ ଏନିମାଲ ଓ୍ୱେଲଫେୟାର ଅର୍ଗାନାଇଜେସନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୨ ବର୍ଷ ପାଇଁ ଏହି ବନ୍ଧ୍ୟାକରଣ ପ୍ରକ୍ରିୟା ଜାରି ରହିବ। ଏହାଦ୍ୱାରା ସହରରେ ବୁଲା କୁକୁରଙ୍କର ସଂଖ୍ୟା ବୃଦ୍ଧିକୁ ରୋକିବାକୁ ଲକ୍ଷ୍ୟ ରହିଛି। ବନ୍ଧ୍ୟାକରଣ ପାଇଁ ଅନୁଭବୀ ଜଣେ ପଶୁ ଡାକ୍ତର, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଲାଇଭଷ୍ଟକ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ ରହିଛନ୍ତି। ପ୍ରଶିକ୍ଷିତ ପଶୁ ଚିକିତ୍ସକଙ୍କ ଦ୍ୱାରା ନିରାପଦ ଭାବେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯିବ ଏବଂ ପରେ ସେମାନଙ୍କୁ ଯଥା ସ୍ଥାନରେ ଛାଡ଼ି ଦିଆଯିବ। ପ୍ରଥମ ଦଫାରେ ଏହି କାର୍ଯ୍ୟକ୍ରମ ପଶୁ ଚିକିତ୍ସାଳୟ ନିକଟସ୍ଥ ମିଲିଟାରୀ ଲାଇନ ଅଞ୍ଚଳରୁ ଆରମ୍ଭ ହୋଇ ପ୍ରଥମ ଦିନରେ ୭ଟି କୁକୁର ଧରି ସେମାନଙ୍କ ବନ୍ଧ୍ୟା କରଣ କରାଯାଇଛି ।

## ବିଜେପିର କର୍ମଶାଳା



ଭଂଜନଗର , (ସବ୍ୟୁ) : ଭଞ୍ଜନଗର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲ୍ଲା ସଭାପତି ନୀଳମାଧ ପାତ୍ରଙ୍କ ସଭାପତିତ୍ୱରେ ବିଭି ଜି, ରାମ ଜି ବିଷୟ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବିଜେପି ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତିଙ୍କ ସମେତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପାଳ, ସିମାଞ୍ଚଳ ସାହୁ, ବୁଲୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି, କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା, ଏଭଳି ପ୍ରସ୍ତାବ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବାର ଯଥାର୍ଥତା ସଂକ୍ରାନ୍ତରେ ଅବଗତ କରାଇଥିଲେ । ଏହାସହ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସିଥିବା ଦଳୀୟ କର୍ମୀଙ୍କୁ ଆୟୋଜିତ କର୍ମଶାଳାରେ ଯୋଗ ଦେଇଥିଲେ । ଅନ୍ୟ ପକ୍ଷରେ ମନରେଗା ଯୋଜନା ବାବଦରେ, ବିରୋଧୀ କଂଗ୍ରେସ ଦଳ ବହୁତ ଗର୍ଜନ କରୁଛି । ସେମାନେ ଗଳାବାଟ ଦେଇ, ଦୁର୍ନୀତି କରି। ଜାଣିଛନ୍ତି । ଜଳ ବିହୁନେ ମାତ୍ର ଅବସ୍ଥା ଯାହା, ଦୁର୍ନୀତି ବିହୁନେ କଂଗ୍ରେସ ଦଳର ଅବସ୍ଥା ସେୟା ବୋଲି, ସାମ୍ବାଦିକ ସମ୍ମିଳନୀରେ ନିଜର ପ୍ରତିକ୍ରିୟା ରଖିଥିଲେ ଜିଲ୍ଲା ପ୍ରଭାରୀ ଶ୍ରୀ ମହାନ୍ତି । ଏଣୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବିକଶିତ ଭାରତ ଜୀ ରାମ ଜୀ ଯୋଜନା କୁ ସଠିକ ଢଙ୍ଗରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ପାଇଁ ଲୋକଙ୍କୁ ସଚେତନ କରିବାକୁ, ଆହ୍ୱାନ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁନୀଲ ପାଢ଼ୀ, ସମୀର ନାୟକ, ପ୍ରତିମା ସାହୁ, ଗୀତାଞ୍ଜଳୀ ନାୟକ, ଏମପି ପ୍ରତିନିଧି ସନ୍ତୋଷ ତିଆଡି, ଏବଂ ମହେନ୍ଦ୍ର ପଣ୍ଡାଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା, ଦଳୀୟ କର୍ମୀ ଏବଂ ସମର୍ଥକମାନେ ସାମିଲ ହୋଇଥିଲେ ।

## ଆନ୍ତର୍ଜାତୀୟ ବକ୍ସିଂ ରେଫରି ଜର୍ଜ ଶିଶିର ପାଣିଗ୍ରାହୀଙ୍କ ପୁନେ ଯାତ୍ରା



ବ୍ରହ୍ମପୁର ,(ସବ୍ୟୁ): ଆସନ୍ତା ୧୯ ତାରିଖ ଠାରୁ ମହାରାଷ୍ଟ୍ରର ପୁନେ ସହର ସ୍ଥିତ ଆର୍ମି ସ୍ପୋର୍ଟସ ଇନଷ୍ଟିଚ୍ୟୁଟ ଠାରେ ଅନୁଷ୍ଠିତ ହେବ। ୧୯ ବର୍ଷରୁ ମହିଳା ଓ ପୁରୁଷ ବକ୍ସିଂ ପ୍ରତିଯୋଗିତା ୧୯ ତାରିଖ ଠାରୁ ଆରମ୍ଭ ହୋଇ ୨୩ ତାରିଖରେ ସମାପ୍ତ ହେବ।ଚୟନ ଶିବିର ରେ ଟେକ୍ନିକାଲ ଅଫିସିଆଲ ଭାବେ ଆନ୍ତର୍ଜାତୀୟ ବକ୍ସିଂ ରିଫେରୀ ତଥା କୋଚ ଶିଶିର କୁମାର ପାଣିଗ୍ରାହୀ ପୁନେ ଅଭିମୁଖେ ଯାତ୍ରା କରିଛନ୍ତି ।ଏହି ଚୟନ ଶିବିର ରେ ପ୍ରାୟ ଭାରତର ବିଭିନ୍ନ ରାଜ୍ୟ ଜାତୀୟ ପଦକ ବିଜେତା, ଯୋଗ୍ୟ ପୁରୁଷ ଏବଂ ମହିଳା ବକ୍ସର ଅଂଶ ଗ୍ରହଣ କରିବେ । ଏହି ଚୟନ ଶିବିରରେ ମହାରାଷ୍ଟ୍ର ରାଜ୍ୟର ପୁନେ ସହର ସ୍ଥିତଆର୍ମି ସ୍ପୋର୍ଟସ ଇନଷ୍ଟିଚ୍ୟୁଟ ଠାରେ ଅନୁଷ୍ଠିତ ହେବ ବୋଲି କେ ପ୍ରଭାକର ରାଓ ଜଣାଇଛନ୍ତି । ଆର୍ଶିବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ,ରାଜ୍ୟ ବକ୍ସିଂ ସମ୍ପାଦକ ଅନିଲ ବୋହିଦାର ,ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, କେ ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ ନାୟକ, ଶରତ ମହାପାତ୍ର, ବସନ୍ତ ପାଣିଗ୍ରାହୀ, ଉପେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ରାଉତ, ପୂର୍ଣ୍ଣ ପାତ୍ର ଓ ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ବ୍ରହ୍ମପୁରର ସମସ୍ତ ସଦସ୍ୟ, ବହୁ ବକ୍ସର ଓ କ୍ରୀଡାବିତ ଶୁଭେଚ୍ଛା ଜଣାଇଛନ୍ତି।

## ଆଗରପଡ଼ାରେ ସିରିଜ ଚୋରୀ

ଆଗରପଡ଼ା,(ସବ୍ୟୁ): :ଶୁକ୍ରବାର ରାତିରେ ଆଗରପଡ଼ାରେ ସିରିଜ୍ ଚୋରୀ ହୋଇଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ,ସ୍ଥାନୀୟ ବିଟିପୁର ହଜାରୀସାହୀର ମନସିଜ ଗଞ୍ଜନ ସିଂହ ସନ୍ଧ୍ୟା ସମୟରେ ଘର ଦାଣ୍ଡରେ ହିରୋ ସୁପର ସ୍ପେଲେଣ୍ଡର ନଂ–ଓଡି–୨୨ଏସ–୧୯୦୭ ବାଇକ ରଖି ବଜାରକୁ ଆସିଥିଲେ। ରାତି ପ୍ରାୟ ୮ଟା ବେଳେ ଘରକୁ ଯାଇ ଦେଖିଲେ ବାଇକ ନାହିଁ। ସେ ଚାରିଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ବାଇକ ପାଇ ନଥିଲେ। ଏହି ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଥାନା କେସ ନଂ ୧୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଇନ୍ସପେକ୍ଟର ସୁଜାତା ଖମାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଆଗରପଡ଼ା ଦୁଇଟି ହୋଟେଲରୁ ୪ଟି ଗ୍ୟାସ ଚୁଲା ସିଲିଣ୍ଡର ଚୋରୀ ହୋଇଥିବାର ଅଭିଯୋଗ ହୋଇଛି। ଏହି ସଂପର୍କରେ ଥାନା କେସ ନଂ.୧୯/୨୬ରେ ଅନ୍ୟଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରୀ ରଖିଛି।

## ଗୁରୁଗୌରବ ସୀତାନାଥ ସ୍ମରଣିକା ଉନ୍ମୋଚିତ

ନୀଳଗିରି , (ସବ୍ୟୁ) : ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ନୀଳଗିରି, ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ପ୍ରଥମ ଅଧକ୍ଷ ଏବଂ ଜଳେଶ୍ୱର ଦୀନକୃଷ୍ଣ କଲେଜର ଓଡ଼ିଆ ବିଭାଗର ରିଡର୍ ଗତ ଜାନୁଆରୀ ୩ତାରିଖ ୯୦ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ନୀଳଗିରି ଏବଂ ସନ୍ତରାଗଡିଆ ସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ସର୍ବବିଧ ଉନ୍ନତି ହୋଇଥିଲା। ତାଙ୍କ ଏକଦଶାହରେ ସନ୍ତରାଗଡିଆ ସ୍ଥିତ ବାସଭବନରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ବ୍ୟକ୍ତିତ୍ୱଙ୍କ ସମାଗମ ହୋଇଥିବା ବେଳେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ସୀତାନାଥଙ୍କ ମାନସସନ୍ତାନ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତତିନି ତରଫରୁ ଗୁରୁ ଗୌରବ ସୀତାନାଥ ନାମକ ସ୍ମରଣିକା ବହୁ ବିଶିଷ୍ଟବ୍ୟକ୍ତିଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ଏହି ସ୍ମରଣିକାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଶୋକବର୍ତ୍ତା ପ୍ରଦାନ କରିଥିଲେ। ଏହି ଏକଦଶାହ ଏବଂ ସ୍ମରଣିକା ଉନ୍ମୋଚନ ଉତ୍ସବରେ ପ୍ରଫେସର ବିପିନବିହାରୀ ବିଶ୍ୱାଳ, ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫେସର ଅନାଦିଚରଣ ଗାହାଣ, ପ୍ରାଧ୍ୟାପକ ଡ଼ଃ ରାଖାଲ ଚନ୍ଦ୍ର ଘଡ଼େଇ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଲେଶ୍ୱର ସଂସଦୀୟ ପ୍ରାର୍ଥୀନୀ ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କାଳିପଦ ପଣ୍ଡା, ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବଡପୁଅ ଡଃ ଅକ୍ଷୟ ପାଣିଗ୍ରାହୀ, ଅମିୟ କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲଥିଲେ।

## ମୟୂରଭଞ୍ଜ କୁଇଜ୍ ପ୍ରତିଯୋଗୀତା



ବାରିପଦା, (ସବ୍ୟୁ): ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲାପ୍ରଶାସନ ଆନୁକୂଲ୍ୟରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତତ୍ତ୍ୱାବଧାନରେ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଶନିବାର ଅପରାହ୍ଣ ବାରିପଦା ସହର ତଥା ଆଖପାଖ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଲିଖିତ 'ମୟୂରଭଞ୍ଜ କୁଇଜ୍' ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀ ଚଉରାର ୯ମ ଶ୍ରେଣୀ ଛାତ୍ର ଆୟୁଷ ସାମଲ ପ୍ରଥମ, ଏମ୍.କେ.ସି. ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ନୈତିକ ଦାସ ଦ୍ୱିତୀୟ ଏବଂ ହରି ବଳଦେବଜୀଉ ଶିଶୁ ବିଦ୍ୟାମନ୍ଦିର ୮ମ ଶ୍ରେଣୀ ଛାତ୍ର ପୂର୍ଣ୍ଣେନ୍ଦୁ କୁମାର ବେହେରା ତୃତୀୟ ସ୍ଥାନ ଲାଭକରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସ ସନ୍ଧ୍ୟା ଜିଲ୍ଲାପାଳଙ୍କ କାଉନସିଲ୍ ହଲରେ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ପରିଚାଳନା କରିଥିଲେ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା, କୋଷାଧକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଓ ବରିଷ୍ଠ ସଦସ୍ୟ ସର୍ବଶ୍ରୀ ନରସିଂହ ବାରିକ, ଶଙ୍କର ଜେନା, ଭାସ୍ୱତୀ ପଣ୍ଡା ଏବଂ ସ୍ନେହଲତା ନାୟକ ପ୍ରମୁଖ।

## ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିଲେ ଜିଲ୍ଲା ବିଚାରପତ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲ ଖୋଲିବା ନେଇ ଘୋଷଣାର ଦେଢ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ବ୍ଲକ ପରିସରରେ ଥିବା ରାଜୀବଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅସ୍ଥାୟୀ କୋର୍ଟ ଖୋଲିବା ନେଇ ପ୍ରସ୍ତୁତି କଚ୍ଛପ ଗତିରେ ଚାଲିଥିବାରୁ ସାଧାରଣ ଲୋକଙ୍କ ଭରସା କମିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଶନିବାର ଜିଲା ବିଚାରପତି ସତ୍ୟନାରାୟଣ ମିଶ୍ର ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ହାଜତ ପାଇଁ ଉଦ୍ଦିଷ୍ଟ ଘରର ସିଲ ଖୋଲିବା ଦିଗରେ ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂ ସହ ଆଲୋଚନା କରିଥିବା ବେଳେ ଫେବୃଆରୀ୧୫ତାରିଖ ସୁଦ୍ଧା କୋର୍ଟ କାର୍ଯ୍ୟାଳୟ,ଶୌଚାଳୟ ନିର୍ମାଣ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସାରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ,ବିଡିଓ ନାରାୟଣ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ନୟାଖଣ୍ଡି ମୌଜାରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କୋର୍ଟ ପାଇ ଉଦ୍ଦିଷ୍ଟ ଯାଗା ପରିଦର୍ଶନ କରିଥିଲେ । ରେଜିଷ୍ଟ୍ରାର ଶଶିକାନ୍ତ ପ୍ରଧାନ,କୋର୍ଟ ପରିଚାଳକ ପ୍ରିୟଙ୍କା ମିଶ୍ର,ସରକାରୀ ଓକିଲ ଲମ୍ବୋଦର ନାୟକ,ଆଇନଜୀବୀ ପ୍ରମୋଦ ଦାସ,ନିରଞ୍ଜନ ବେହେରା,ଲିଙ୍ଗରାଜ ମହାନ୍ତି,ତହସିଲଦାର ଅମିତ ରଞ୍ଜନ ହୋତା,ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ ଓ ସମ୍ପାଦକ ମୁକ୍ତିକାନ୍ତ ଶତପଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସମେତ କୋର୍ଟ ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଅବକାରୀ ଚଢ଼ାଉ, ଦୁଇ ଗିରଫ

ସୋର, (ସବ୍ୟୁ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ୍ ସହ କୁଡ଼େଇ ଗ୍ରାମରେ ଚଢ଼ାଉ କରି ନିର୍ମଳ ଦଳେଇ ନିକଟରୁ ୪୫ ଲିଟର ଦେଶୀମଦ,ଫଟାଆମ୍ବ ଗ୍ରାମର କୁନି ସିଂ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ସାମିଲ ହୋଇଥିଲେ।

## ବରିଷ୍ଠ ସାମ୍ବାଦିକ ମଳୟ ମହାନ୍ତଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ସାମ୍ବାଦିକ ପରିବାର ପକ୍ଷରୁ ଶନିବାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ନବମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ତତସହିତ ତାଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଶିବିରକୁ ଉଦଘାଟନ କରିଥିବା ବେଳେ ଶିବିରରେ ୪୧ୟୁନିଟ ରକ୍ତ ସଂଗୃହିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, କଳିଙ୍ଗ କେଶରୀ ଜେନା, ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ମିଶ୍ର ଓ ଅରୁଣ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଆୟୋଜକଙ୍କ ପକ୍ଷରୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ସାମ୍ବାଦିକମାନଙ୍କ ଉପସ୍ଥିତିରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବ୍ୟକ୍ତିବିଶେଷ ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକ ପାତ କରିଥିଲେ। ସାମ୍ବାଦିକତାରେ ଶ୍ରୀ ମହାନ୍ତ ଜଣେ ଅନୁଷ୍ଠାନ। ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜି ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ରେଡକ୍ରସର ଆଜୀବନ ସଭ୍ୟ ଅମରସେଠୀ ଶିବିର ପରିଚାଳନା କରିଥିବାବେଳେ ତପନ କୁମାର ଦାସ, ସୋମନାଥ ସିଂ ଓ ଡଃ ନିରୋଜ ଲୋଚନ ପୋଥାଳ ତାଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଆୟୋଜକ ସାମ୍ବାଦିକ ପରିବାରର ସଦସ୍ୟବୃନ୍ଦ ନିଜନିଜ ଦାୟିତ୍ୱ ନିର୍ବାହ କରିଥିଲେ।

## ଟିପିଏନଓଡିଏଲର ଉପଭୋକ୍ତା ସମ୍ମିଳନୀ



ବାଲେଶ୍ୱର,(ସବ୍ୟୁ): ଟିପିଏନଓଡିଏଲ ପକ୍ଷରୁ ବାଲେଶ୍ୱରର ନୋସୀ ପରିସରରେ ବାଲେଶ୍ୱର, ଭଦ୍ରକ ଓ ବାରିପଦା ସର୍କଲର ଏଚଟି ଓ ଇଏଚ୍‌ଟିର ପ୍ରମୁଖ ଉପଭୋକ୍ତାମାନଙ୍କୁ ନେଇ ଉପଭୋକ୍ତା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଗଜାନନ କାଲେ, ବାଣିଜ୍ୟ ଓ ବିଇ ମୁଖ୍ୟ ଜୟଦୀପ ରୟ, ପରିଚାଳନା ମୁଖ୍ୟ ନିଲେଶ ପୋଟଫୋଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ମାନବ ସମ୍ବଳ ମୁଖ୍ୟ ରମେନ୍ଦ୍ର ବନିକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ତଥା ସଦସ୍ୟମାନେ ଉପସ୍ଥିତ ଥିଲେ।ଆୟୋଜିତ ଉପଭୋକ୍ତା ସମ୍ମିଳନୀରେ ଟିପିଏନଓଡିଏଲର ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ ସେବା, ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ ତଥା ଅଭିନବ ଉପଭୋକ୍ତା–କୈନ୍ଦ୍ରୀକ ଆଭିମୁଖ୍ୟ ବିଷୟରେ ଆଲୋକପାତ କରାଯିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ନେଇ ବିଶେଷ ଉପସ୍ଥାପନା କରଯାଇଥିଲା ଓ ଉପସ୍ଥିତ ଉଦ୍‌ଯୋଗ ପ୍ରତିନିଧିମାନେ ମଧ୍ୟ ଟିପିଏନଓଡିଏଲର ବିଦ୍ୟୁତ ପରିଚାଳନା ନେଇ ନିଜର ମତାମତ ପ୍ରକାଶ କରିବା ସହ ବିତରଣ କ୍ଷେତ୍ରରେ ହୋଇଥିବା ରୂପାନ୍ତରଣକୁ ନେଇ ପ୍ରଶଂସା କରିଥିଲେ ଓ ଏହି ଅବସରରେ ସିଇଓ ଶ୍ରୀ କାଲେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଏନଓଡିଏଲ ପ୍ରତିଶ୍ରୁତିବଦ୍ଧ ରହିଥିବାବେଳେ ଗ୍ରାହକ–କୈନ୍ଦ୍ରିକ ସେବା, ବିଦ୍ୟୁତ ସୁରକ୍ଷା, ସୌରୀକରଣ ଏବଂ ନିରନ୍ତର ଭତ୍ତିଭୂମି ସୁଦୃଢ଼ୀକରଣ ଦିଗରେ କାର୍ଯ୍ୟରତ ରହିଛି ବୋଲି କହିଥିଲେ । ବିଦ୍ୟୁତ୍ ନିର୍ଭରଯୋଗ୍ୟତା ତଥା ସୌରଶକ୍ତିର ବହୁଳ ବ୍ୟବହାର କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ସଶକ୍ତ କରିବା ପାଇଁ ଟିପିଏନଓଡିଏଲ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ସେ ଦୋହରାଇଥିଲେ । ଏହି କାଯ୍ୟକ୍ରମରେ ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡା ଓ ଭଦ୍ରକ ଅଧିକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ରନାଥ ସାହୁଙ୍କ ସମେତ ତିନୋଟି ସର୍କଲର ସମସ୍ତ ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଉଦ୍‌ଯୋଗ ପ୍ରତିନିଧୀମାନଙ୍କୁ ନେଇ ଭାରତର ବଢୁଥିବା ବିଦ୍ୟୁତ ଆବଶ୍ୟକତା ପୂରଣରେ ନବୀକରଣୀୟ ଶକ୍ତିର ଭୂମିକା ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

# ଶିବ ମନ୍ଦିର ଭିତରେ ପୂଜକଙ୍କ ସନ୍ଦେହଜନକ ମୃତ୍ୟୁ

ଜଗତସିଂହପୁର, (ସବ୍ୟୁ) : ସଦର ଥାନା ପୁନଙ୍ଗ ଗାଁରେ ଅଘଟଣ ଗାଁ ଭିତରେ ଥିବା ଏକ ଶିବ ମନ୍ଦିର ଭିତରୁ ପୂଜକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଉଛନ୍ତି ପୁନଙ୍ଗ ଗାଁର ଓମ ପ୍ରକାଶ ପଣ୍ଡା (୨୫) । ପ୍ରତିଦିନ ଭଳି ଆଜି ନିଧାରୁରେ ଗାଁ ଭିତରେ ଥିବା ନିଜ ମାର୍ଫତରେ ଥିବା ଶିବ ମନ୍ଦିରକୁ ଓମ ପ୍ରକାଶ ପୂଜା କରିବାକୁ ଯାଇ ଆଉ ଫେରି ନଥିଲେ ପରେ ଗ୍ରାମବାସୀ ଖୋଜାଖୋଜି କରିବା ପରେ ଓମ ପ୍ରକାଶ ମନ୍ଦିର ଭିତରେ ଥିବା ଶିବ ଲିଙ୍ଗ ଉପରେ ପଡି ରହିଥିବା ଦେଖିବାକୁ ପାଇଥିଲେ ମନ୍ଦିର ଭିତରେ ରକ୍ତ ପଡିଥିବା ବେଳେ ଓମ ପ୍ରକାଶଙ୍କ ମୁଣ୍ଡରୁ ରକ୍ତ ବାହାରୁଥିବା ଦେଖାଯାଇଥିବା ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଥିଲା । ଏହା ଦେଖିବା ପରେ ଗ୍ରାମବାସୀମାନେ ପୋଲିସକୁ ଖବର ଦେଇଥିଲେ । ଜଗତସିଂହପୁର ଥାନା ଅଧିକାରୀ ସରୋଜକାନ୍ତ ସାମଲ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଅଧିକ ତଦନ୍ତ କରିଥିଲେ । ଓମ ପ୍ରକାଶଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ମୃତ୍ୟୁର ସଠିକ କାରଣ ଜଣାପଡି ନଥିଲେ ମଧ୍ୟ ମନ୍ଦିର ଭିତରେ ଗୋଡ ଖସି ଯିବାରୁ ତଳେ ପଡି ମୁଣ୍ଡ ମାଡ ହୋଇ ତାଙ୍କର ମୃତ୍ୟୁ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବାଜପୁରା ସଂଘବଦ୍ଧ ଆକ୍ରମଣ ଘଟଣା : ୫ କୋର୍ଟ ଚାଲାଣ

କୁଆଖିଆ, (ସବ୍ୟୁ) : ମାହାଙ୍ଗା ଥାନା କୁମ୍ଭାରବସ୍ତପୁର ଫାଣ୍ଡି ଅନ୍ତର୍ଗତ ବାଜପୁରା ଗ୍ରାମରେ ଶୁକ୍ରବାର ଦିନ ଠାକୁରାଣୀଙ୍କ ମାଗଣ ଏବଂ ପୂର୍ବ ଶତ୍ରୁତାକୁ ନେଇ ଘଟି ଯାଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ଆଜି ମାହାଙ୍ଗା ପୋଲିସ ପିଡିତ ପରିବାରର ଏତଲା ଆଧାରରେ ମୁଖ୍ୟ ଅଭିଯୁକ୍ତ ଙ୍କ ସମେତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ମାହାଙ୍ଗା ଆଇଆଇସି ପରେଶ କୁମାର ରାଉତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବାଜପୁରା ଗ୍ରାମର ଦିଳୀପ ସାହୁଙ୍କ ସମେତ ସୂର୍ଯ୍ୟକାନ୍ତ ସାହୁ, ସୌଭାଗ୍ୟରଞ୍ଜନ ବେହେରା, ଦେବୀ ପ୍ରସନ୍ନ ବେହେରା ଏବଂ ବଡଚଣା ଥାନା ଅଧିନ ପୁରୁଷୋତ୍ତମପୁର ଗ୍ରାମର ଘନଶ୍ୟାମ ସାହୁ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ବାଜପୁରା ଗ୍ରାମର ଆହତ ସୌମ୍ୟରଞ୍ଜନ ରାଉତଙ୍କ ବାପା ଅଜୟ କୁମାର ରାଉତଙ୍କ ଲିଖିତ ଅଭିଯୋଗ କ୍ରମେ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଥାନା କେସ ନଂ ୧୩/୨୬ରେ ଏକ ମାମଲା ରୁଜୁ କରି ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଅପର ପକ୍ଷେ ପ୍ରତିପକ୍ଷଙ୍କ ପକ୍ଷରୁ ମଧ୍ୟ ଏକ ପାଲଟା ଅଭିଯୋଗ କରାଯାଇଥିବା ଜଣାଯାଇଛି । ଗ୍ରାମରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଧ୍ୟାନ ରଖିଥିବାବେଳେ ପୋଲିସ ପେଟ୍ରୋଲିଂ ଜାରି ରଖିଛି । ତେବେ ଏହି ଘଟଣାରେ ସଂପୃକ୍ତ ଥିବା କେତେକ ବ୍ୟକ୍ତି ଫେରାର ଥିବା ଜଣାଯାଇଛି ।

# ପୁସ୍ତକମେଳାର ତୃତୀୟ ସନ୍ଧ୍ୟା

## ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମନୁଷ୍ୟ ଜୀବନର ବେଦ




ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ତୃତୀୟ ସଂଧ୍ୟା । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । ଆଜିର ଆସରର ବିଷୟ ବସ୍ତୁ ଥିଲା 'ଶ୍ରୀମଦ୍ ଭଗବଦ୍ ଗୀତା ଓ ଯୁବପିଢ଼ି' । ଆଜିର ଆସରରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆଧାତ୍ମିକ ବାଦୀ, ସମାଜ ସଂସ୍କାରକ, ପ୍ରବଚକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ କହିଥିଲେ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମନୁଷ୍ୟ ଜୀବନର ବେଦ । ସେ ଏହି ଅବସରରେ ଆଜିର ଯୁବପିଢ଼ୀଙ୍କୁ ଆଧାତ୍ମିକ ମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଜଳେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ବିବେକାନନ୍ଦ ସାହୁ, ଆଧାତ୍ମିକବାଦୀ ପ୍ରବକ୍ତା ସ୍ୱାମୀ ଶ୍ରୁତିସାଗରାନନ୍ଦ ସରସ୍ୱତୀ ଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜଗତସିଂହପୁର ରବିନାରାୟଣ ଜେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପରିଷଦକୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଶ୍ରୀ ପ୍ରକାଶ କୁମାର ପାତ୍ର ଓ ଅରୋଶ୍ରୀ ଅଂଶୁମାନ ନାୟକ ଗୀତା ପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ଭବାନୀ ଶଙ୍କର ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା । ଆଜିର ଆସରରେ କବି ଭାନୁଦେବ ବିଶ୍ୱାଳଙ୍କ କବିତା ସଂକଳନ 'ମଲ୍ଲୀ ମହ୍ଲାର' ଉନ୍ମୋଚିତ ହୋଇଥିଲା । ପରିଶେଷରେ ପରିଷଦର କାର୍ଯ୍ୟକାରୀଣୀ ସଦସ୍ୟ ଦୁର୍ଯ୍ୟୋଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ 'ସର୍ଗତ' ସାହିତ୍ୟ ସଂସଦ, ଚାଳଦଣ୍ଡା, କୁଜଙ୍ଗ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ମହିମା କଲେଜ୍ ଅଫ୍ ନର୍ସିଂ, ଜଗତସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୮ନମ୍ବର କେନାଲବନ୍ଧ ଆରଡ଼ି ରାସ୍ତା କାର୍ଯ୍ୟ ନିମ୍ନମାନର

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ଅଂଚଳ ଦେଇ ଯାଇଥିବା ୮ନମ୍ବର କେନାଲବନ୍ଧ ଆରଡ଼ି ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଚାଲିଛି । ଦାୟିତ୍ୱରେ ଥିବା ଠିକାଦାର ଜଣକ ରାସ୍ତାର ଉଭୟ ପାର୍ଶ୍ୱ ଖନନ କରି ପଥର ଗୁଣ୍ଡ ଭର୍ତ୍ତି କରୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଏହି ରାସ୍ତାର ଉଭୟ ପାର୍ଶ୍ୱର ସଂପ୍ରସାରଣ କେତେ ଓସାରର କରାଯାଉଛି । କେତେ ଫୁଟ ଗାତ ଖୋଳାଯିବାର ନିୟମ ରହିଛି । ଦେଖିବାକୁ ମିଳୁଛି ଯେ ଠିକାଦାର ଜଣକ ଏକ ହାତର ଉର୍ଦ୍ଧ୍ୱ ଚଉଡା ଓ ତାଖଣ୍ଡେ ଗଭୀରର ଗାତ ଖୋଳୁଛନ୍ତି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କେନାଲ ପାର୍ଶ୍ୱର ଗାତରେ ହାର୍ଡ ମେଣ୍ଟାଲ ପରିବର୍ତ୍ତେ ପଥର ଗୁଣ୍ଡ ପକାଇବା ଯୋଗୁ ବର୍ଷାଦିନେ ରାସ୍ତା ଧୋଇଯିବାର ଆଶଙ୍କା ସୃଷ୍ଟି ହେଉଛି । ଏପରିକି ରାସ୍ତା କାର୍ଯ୍ୟଚାଲିଥିବା ବେଳେ ଦାୟିତ୍ୱରେ କନିଷ୍ଠଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଲୋକେ ଚର୍ଚ୍ଚା କରୁଛନ୍ତି ଡବଲ ଇଂଜିନ ସରକାର ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଛି । ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ବିରୋଧୀ ଦଳ ବି ପାଟି ଖୋଲୁ ନାହାନ୍ତି । ଏଣୁ ତୁରନ୍ତ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ସହ ରାସ୍ତାକାର୍ଯ୍ୟରେ ହେଉଥିବା ଅନିୟମିତତା ସଂପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଇ ଏଥିରେ ସଂପୃକ୍ତଥିବା ଠିକାଦାର ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ନିରଞ୍ଜନ ବେହୁରା ନାଉଗାଁ ବ୍ଲକ ବିଜୁ ଜନତା ଦଳ ସଭାପତି



ନାଉଗାଁ ,(ସବ୍ୟୁ) : ନାଉଗାଁ ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ନିରଞ୍ଜନ ବେହୁରାଙ୍କ ନିଯୁକ୍ତି ହୋଇଛି । ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାଉଗାଁ ବ୍ଲକର ବିଜୁ ଜନତା ଦଳୀୟ କର୍ମୀ, ସମର୍ଥକ ଓ ବିଭିନ୍ନ ମହଲରୁ ତାଙ୍କ ପ୍ରତି ଶୁଭେଚ୍ଛା ଓ ସ୍ୱାଗତର ସୁଅ ଛୁଟିଛି । ଏହି ଅବସରରେ ବର୍ତ୍ତମାନ ବିରୋଧୀ ଦଳର ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ, ବିଜେଡି ରାଜ୍ୟ ଉପ-ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ନେତୃବୃନ୍ଦଙ୍କୁ ଶ୍ରୀ ବେହୁରା ଧନ୍ୟବାଦ ଅର୍ପଣ କରିଛନ୍ତି । ନିଜ ପ୍ରତିକ୍ରିୟାରେ ନିରଞ୍ଜନ ବେହୁରା କହିଛନ୍ତି ଯେ, ଦଳ ତାଙ୍କ ଉପରେ ଯେଉଁ ଦାୟିତ୍ୱ ଅର୍ପଣ କରିଛି, ସେଥିପାଇଁ ସେ ଗଭୀର କୃତଜ୍ଞ । ଆଗାମୀ ଦିନରେ ନାଉଗାଁ ବ୍ଲକରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ବରିଷ୍ଠ, ଯୁବ, ଛାତ୍ର, ସାଧାରଣ ଏବଂ ମହିଳା ଜନତାଙ୍କ ସମସ୍ୟା ଓ ଆକାଙ୍କ୍ଷାକୁ ସଂଗଠିତ ଭାବେ ଉପସ୍ଥାପନ କରିବେ । ସେହିପରି ବିଜୁ ଜନତା ଦଳର ନୀତି ଓ ଆଦର୍ଶକୁ ଗାଁ-ଗାଁରେ ପହଞ୍ଚାଇବା ପାଇଁ ନିଷ୍ଠା ଓ ସତତା ସହ କାର୍ଯ୍ୟ କରିବେ ବୋଲି ସେ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି ।

# ବାୟାବାବା ମହାବିଦ୍ୟାଳୟରେ ଆଲୋଚନାଚକ୍ର



ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ବ୍ଲକ ଅଧୀନ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ଯୁବ ଦକ୍ଷତା ବିକାଶ ଓ ପରାମର୍ଶ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ, କେନ୍ଦ୍ରାପଡା, ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର,ଭୁବନେଶ୍ୱର ସହଭାଗିତାରେ ଏବଂ ପିଏମ ଉଷା ଅଧୀନରେ ଦିନିକିଆ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଲୋଚନା ଦାଶ ଶିବିରକୁ ଉଦ୍ଘାଟନ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ନିୟୋଜନ ଅଧିକାରୀଣୀ ଶ୍ରଦ୍ଧାଞ୍ଜଳି ପ୍ରଧାନ, କୃଷ୍ଣ ଚନ୍ଦ୍ର ସାହୁ, ଗୁଣନିଧି ପ୍ରଧାନ ଓ ଜିତେନ୍ଦ୍ର କୁମାର ସେଠୀ ଆଦି ସହଯୋଗୀ ଭାବେ ମଂଚାସୀନ ଥିଲେ । ଅଧ୍ୟକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଜୁହି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ମଂଚାସୀନ ଅତିଥି ଛାତ୍ର /ଛାତ୍ରୀ ମାନଙ୍କୁ ଦକ୍ଷତା ବିକାଶ ଓ ନିଯୁକ୍ତି ସମ୍ବନ୍ଧିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଶିଳ୍ପ ତାଲିମ କେନ୍ଦ୍ର, କେନ୍ଦ୍ରାପଡାର ପୂର୍ବତନ ଅଧ୍ୟକ୍ଷ ଗୁଣନିଧି ପ୍ରଧାନ ଯୋଗ ଦେଇ ସରକାରଙ୍କ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ଉଦ୍ୟୋଗୀ ବିଶ୍ୱଜିତ ଦାଶ ଯୁକ୍ତ ୨ ଓ ଯୁକ୍ତ ୩ ପରେ ବୈଷୟିକ ଶିକ୍ଷା, ଧନ୍ଦା ମୂଳକ ଶିକ୍ଷା ବିଷୟରେ ଅବଗତ କରାଇଥିଲେ । ଦିନିକିଆ ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ଅଧ୍ୟାପକ ସୁଶୀଲ ସାହୁ, ରଞ୍ଜିତ ରାଉତ ଲିଜାତା ପାଲ, ରାଜେନ୍ଦ୍ର ମହାପାତ୍ର ଚିତ୍ତ ରଞ୍ଜନ ମହାପାତ୍ର, ରାଜେଶ ସେଠୀ, ଅମୀୟ ବାରିକ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗା-ମାଫିଆ ଘରେ ପୋଲିସ୍‌ର ଚଢାଉ

ଯାଜପୁରସଦର, (ସବ୍ୟୁ) :ଯାଜପୁର ସଦରଥାନା ଅ'ର୍ଗତ ଜମଧର ପଂଚାୟତର ପାଣ୍ଡିଆ ଗୋପିନାଥପୁର ଗ୍ରାମର ସେକ୍ ସରିଫ୍ ଘରେ ଯାଜପୁର ସଦରଥାନା ଓ କେନ୍ଦୁଝର ପୋଲିସ୍ ପକ୍ଷରୁ ଆଜି ଭୋର୍ ୪ଟା ସମୟରେ ଚଢାଉ କରାଯାଇଛି । ଏହି ଚଢାଉ ଦଳରେ କେନ୍ଦୁଝର ସଦରଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ,ଏସଆଇ ସମ୍ପଦ କୁମାର ମହାଁ,ଏଏସଆଇ ଦିଲ୍ଲୀପ କୁମାର ମୁର୍ମୁଙ୍କ ସହିତ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ଯାଜପୁର ସଦରଥାନା ଅଧିକାରିଣୀ ଚିନ୍ମୟୀ ବେହେରା,ଏଏସଆଇ ରଂଜିତା ମହାରଣା,ଏଏସଆଇ ଶୁସା' କୁମାର ଦାସ ଓ ସୁମ' କୁମାର ସାମ'ରାୟ ମିଳିତଭାବେ ଗୋ-ମାଫିଆ ସେକ୍ ସରିଫ୍ ଙ୍କ ୨ଟି ରହିବା ଘର ଓ ୧ଟି ଗୋଦାମଘର ଉପରେ ଚଢାଉ କରାଯାଇଛି । ଦିର୍ଘ ୧୪ ଘଂଟା ଧରି ପୋଲିସ୍ ପକ୍ଷରୁ ଚଢାଉ କରାଯାଇଥିବା ବେଳେ ଘରେ କୌଣସି ପୁରୁଷ ନଥିଲେ । ଚଢାଉ ବେଳେ ଗୋ-ମାଫିଆ ଘରୁ ନଗଦ ୧ଲକ୍ଷ ୬୫ହଜାର ଟଙ୍କା ସହ ୩୫ଗ୍ରାମ ସୁନା ଗହଣା,୫୨୦ ଗ୍ରାମ୍ ରୁପା ଗହଣା,୧୩ଟି ମୋବାଇଲ୍ ଫୋନ୍,୧୭ଟି ମୁଲ୍ୟବାନ୍ ଜମିପଟ୍ଟା,୧ଟି ୪ଚକିଆ (ଥାର ଗାଡି),୧ଟି କ୍ରେଟା କାର୍,୧ଟି ମାରୁତି ଡିଜାୟାର,୨ଟି ବୁଲେଟ୍,୧ଟି ସ୍କୁଟି ସହ ୧୦ କିଲୋରୁ ଉର୍ଦ୍ଧ୍ୱ ଗୋ ମାଂସ,ବିଭିନ୍ନ ବ୍ୟାଙ୍କ ପାସବୁକ୍ ଜବତ ହୋଇଥିଲା ।

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଲାଞ୍ଚ କାରବାର ଅଡିଓ ଭାଇରାଲ

ଜଗତସିଂହପୁର,(ସବ୍ୟୁ):ପଦାରେ ପଡିଲା ଜଗତସିଂହପୁର ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟରେରେ ଚାଲିଥିବା ଦୁର୍ନୀତି । ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ସହାୟତା ଅର୍ଥ ରାଶି ମଞ୍ଜୁର କରିବା ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟ ର ଡାଟା ଏଣ୍ଟ୍ରି ଅପରେଟର ହିତାଧିକାରୀଙ୍କୁ ମୋଟା ଅଙ୍କର ଟଙ୍କା ଦାବି କରିବା ଅଡିଓ ଭାଇରାଲ ହୋଇଛି । ଲାଞ୍ଚଟଙ୍କା ଦେବାରେ ବିଳମ୍ବ କରିବାରୁ ହିତାଧିକାରୀଙ୍କୁ ବିଭାଗୀୟ ୱେବସାଇଟରେ ମୃତ ଦର୍ଶାଇ ଦିଆଯାଇଥିବା ଜଣାଯାଇଛି । ବାଲିକୁଦା ବ୍ଲକ ଦୁଆ ଗାଁ ର ନିର୍ମାଣ ଶ୍ରମିକ ଧ୍ରୁବ ଚରଣ ପାଇଟାଳ ତାଙ୍କର ପୁଅ ଓ ଝିଅଙ୍କ ପାଠ ପଢିବା ନିମନ୍ତେ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ । ହେଲେ ସହାୟତା ରାଶି ଟଙ୍କା ମଞ୍ଜୁର କରିବାକୁ ଡାଟାଏଣ୍ଟ୍ରୀ ଅପରେଟର ପୁଷ୍ପିତା ଷଡ଼ଙ୍ଗୀ ତାଙ୍କୁ ଫୋନ ମାଧ୍ୟମରେ ମୋଟା ଅଙ୍କର ଟଙ୍କା ଦାବି କରିବା ସହ ଲେବର ଅଫିସର ଓ ଆଡ଼ିସନାଲ ଲେବର ଅଫିସର ଟଙ୍କା ନପାଇଲେ ଫାଇଲରେ ଦସ୍ତଖତ କରିବେ ନାହିଁ ବୋଲି କହିଥିଲେ । ଆରପଟେ ଲାଞ୍ଚ ଟଙ୍କା ଦେବାରେ ବିଳମ୍ବ ହେବାରୁ ସମ୍ପୃକ୍ତ ହିତାଧିକାରୀଙ୍କୁ ବିଭାଗୀୟ ୱେବସାଇଟରେ ମୃତ ଘୋଷଣା କରି ଦେଇଥିବାର ମଧ୍ୟ ଅଭିଯୋଗ କରିଛନ୍ତି ହିତାଧିକାରୀ ଧ୍ରୁବ ଚରଣ ପାଇଟାଳ ।ଏହି ଘଟଣା ପଦାକୁ ଆସିବାପରେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଜିଲ୍ଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ଜଣାଇଥିଲେ । ଅପରପକ୍ଷରେ ଜିଲ୍ଲା ଶ୍ରମ ଅଧିକାରୀ ଆଉଟସୋର୍ସିଂ ଥିବା ଡାଟା ଅପରେଟିଂ ପୁଷ୍ପିତା ଷଡଙ୍ଗୀଙ୍କ ନାମରେ ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି ।

# ହାଇୱା ଧକ୍କାରେ ୫ ମଇଁଷି ମୃତ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ୫୩ ନଂ ଜାତୀୟ ରାଜପଥ ପାଖର ଛକ ନିକଟରେ ଏକ ହାଇୱା ଗାଡ଼ି ଧକ୍କାରେ ୫ଟି ମଇଁଷିଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ମଇଁଷି ଗୁରୁତର ଆହତ ହୋଇଛି । ଦୁର୍ଘଟଣା ଘଟାଇ ହାଇୱା ଫେରାର୍ ହୋଇଯାଇଛି । ଦୁର୍ଘଟଣା ପରେ ରାସ୍ତାରେ ପ୍ରାୟ ଘଂଟାଏ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ପୁଲିସ୍ ପହଁଚି ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ କରାଇଛି । ପ୍ରକାଶ ଯେ, ପାଖର ଗ୍ରାମର ଦୈତାରୀ ଦାସ ମଇଁଷି ଚରାଇ ସଂଧ୍ୟାରେ ଘରକୁ ଫେରୁଥିଲେ । ପାଖର ଛକ ନିକଟରେ ମଇଁଷି ଗୋଠ ରାସ୍ତା ପାର ହେଉଥିବା ବେଳେ ଚଣ୍ଡିଖୋଲ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମଇଁଷିମାନଙ୍କୁ ଧକ୍କା ଦେଇ ଡୁବୁରି ଆଡ଼େ ଚମ୍ପଟ ମାରିଥିଲା । ଘଟଣାସ୍ଥଳରେ ୫ଟି ମଇଁଷିଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ମଇଁଷି ଅବସ୍ଥା ସଂକଟାପନ୍ନ ରହିଛି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଇଁଷିଗୁଡ଼ିକ ରାସ୍ତା ସାରା ପଡ଼ିଥିବାରୁ ପ୍ରାୟ ୧ଘଂଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ ଧର୍ମଶାଳା ଆଇଆଇସି ରମାକାନ୍ତ ନାୟକ ସଦଳବଳ ପହଁଚି ରାସ୍ତା ଉପରୁ ମୃତ ମଇଁଷିଗୁଡ଼ିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଉକ୍ତ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ଏହାର ସଂପ୍ରସାରଣ କାର୍ଯ୍ୟ ୮ବର୍ଷ ହେଲା ସରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଅଷ୍ଟଧାତୁ ମୂର୍ତ୍ତୀ ଚୋରି ଘଟଣା: ରିମାଣ୍ଡରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଜିମା

ଧର୍ମଶାଳା,(ସବ୍ୟୁ) :ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତି ଚୋରି ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ଉତର ପ୍ରଦେଶର ବିକାଶ ଯାଦବଙ୍କୁ ଧର୍ମଶାଳା ଥାନା ପୁଲିସ୍ କୋର୍ଟରୁ ୩ଦିନିଆ ରିମାଣ୍ଡରେ ଆଣିଛି । ପଚରାଉଚରା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ପୁଲିସ୍ ଅଭିଯୁକ୍ତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି । ତିନିଦିନ ଥାନାରେ ରଖି ବିକାଶକୁ ପଚରାଉଚରା କରି ଆଜି ପୁଲିସ ବିକାଶକୁ କୋର୍ଟ ଜିମା ଦେଇଛି । ତେବେ ରିମାଣ୍ଡରେ ଅଣାଯାଇଥିବା ଅଭିଯୁକ୍ତ ବିକାଶ ପାଖରୁ ଅଷ୍ଟଧାତୁ ଚୋରି ସମ୍ପର୍କିତ ତଥ୍ୟ ହାସଲ କରିବାରେ କିଛିଟା ସଫଳ ହୋଇଛି । ସୂଚନା ଅନୁସାରେ, ପାଟପୁର ପଂଚାୟତ ବଡ଼ବାରିସାହି ଗ୍ରାମସ୍ଥିତ ଶ୍ରୀ ସିଦ୍ଧବଳଦେବ ଜିଉ ମନ୍ଦିରରୁ ୨୦୨୨ ନଭେମ୍ବର ୧୧ତାରିଖ ରାତିରେ ୬ଟି ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତି ଚୋରି ହୋଇଥିଲା । ଏନେଇ ମନ୍ଦିରର ଟ୍ରଷ୍ଟି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଧର୍ମଶାଳା ପୁଲିସ ଏନେଇ ୬୦୯/୨୨ରେ ଏକ ମାମଲା ରୁଜୁ କରି ଲୋକଦେଖାଣିଆ ତଦନ୍ତ କରି ଚୁପ ହୋଇ ବସିରହିଥିଲା । ଏବେ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦନ ପରେ ମନ୍ଦିର ଚୋରୀ ଘଟଣାର ତଦନ୍ତ କରାଯାଇ କିଛି ଦିନ ତଳେ ଉତରପ୍ରଦେଶରୁ ପୁଲିସ ବିକାଶକୁ ଗିରଫ କରିଆଣି କୋର୍ଟଚାଲାଣ କରିଥିଲା ।

# ଓଲାଶୁଣୀ ମେଳାରେ ପ୍ରବଳ ଭିଡ଼




ବାଲିଚନ୍ଦ୍ରପୁର,(ସବ୍ୟୁ) :ମାଘକୃଷ୍ଣ ଏକାଦଶୀ ତିଥିରୁ ଆରମ୍ଭ ହୋଇଥିବା ଓଲାଶୁଣୀ ଗୁମ୍ଫାଯାତ୍ରା ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଆଜି ସନ୍ଧ୍ୟା ସମୟରେ ଓଲାଶୁଣୀରେ ଖୋଲା ଯାଇଥିବା ପଲ୍ଲିଶ୍ରୀ ମେଳା ପରିସରଟି ଅନ୍ଧକାର। ଗତ କାଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ଯୋଗାଯାଇଥିବା ବିଦ୍ୟୁତ୍‌ର ଗୋଟିଏ ବୋର୍ଡ ପୋଡ଼ିଯିବାରୁ ଦୀର୍ଘ ସମୟ ପାଇଁ ମେଳା ପଡ଼ିଆରେ କିଛି ଅଂଶ ଅନ୍ଧାରଛନ୍ନ ହୋଇପଡ଼ିଥିବା ବେଳେ ଆଜି ପଲ୍ଲିଶ୍ରୀ ମେଳା ପରିସରଟିରେ ସେହି ଅବସ୍ଥା। ଏହି ପରିସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ଖୋଲାଯାଇଥିବା ଷ୍ଟଲ ଗୁଡ଼ିକରେ ଅନ୍ଧାର ପାଇଁ କୌଣସି ଗ୍ରାହକ ଦେଖିବାକୁ ମିଳୁନାହାଁନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀ ମାନେ ଲାଗିଥିବା ଜଣାପଡ଼ିଛି। ଶନିବାର ପାଇଁ ସ୍କୁଲ ଗୁଡ଼ିକ ସକାଳୁଆ ହୋଇଥିବାରୁ ଅନେକ ସ୍କୁଲ ଛାତ୍ରଛାତ୍ରୀ ସେମାନଙ୍କ ଅବିଭାବକଙ୍କ ସହିତ ମେଳା ବୁଲିବାକୁ ଆସିଛନ୍ତି। ପାହାଡ଼କୁ ଯିବାକୁ ମୁଖ୍ୟ ରାସ୍ତା ଆଜି ସମ୍ପୂର୍ଣ୍ଣ ଭିଡ଼ ଥିବାରୁ ପୋଲିସ ଓ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ ପାଇଁ ତତ୍ପର ଅଛନ୍ତି। ମୁଖ୍ୟ ରାସ୍ତାରୁ ପାହାଡ଼ ପାଦଦେଶ ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି। ପୋଲିସ ବିଭାଗ ପକ୍ଷରୁ ଭିଡ଼ ପ୍ରତି ସଚେତନ ହୋଇ ପକେଟ ମାରଙ୍କ ପ୍ରତି ସର୍ତକ ରହିବାକୁ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି। ଆଜି ମେଳା ପଡ଼ିଆରେ ଅପେରା ଅଶୋକ ସମ୍ରାଟ 'ସବୁ ପାପର ପ୍ରାୟଶ୍ଚିତ ନାହିଁ' ନାଟକ ମଂଚସ୍ଥ କରୁଥିବା ବେଳେ ସୂର୍ଯ୍ୟମନ୍ଦିର 'ପଣତ କାନି' ନାଟକ ମଂଚସ୍ଥ କରିବ। ଉଭୟ ଯାତ୍ରା ମଂଚ ପାଖରେ ଦର୍ଶକ ମାନେ ଟିକେଟ କରିବା ପାଇଁ ଲମ୍ବା ଲାଇନରେ ଧାଡ଼ିବାନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଛି। ଆସନ୍ତା ରବିବାର ଛୁଟିବାର ଥିବାରୁ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ସଂଖ୍ୟା ବହୁତ ଅଧିକ ହେବାର ସମ୍ଭାବନା ଅଛି।

# ବାଳକର ମୃତ ଦେହ ଉଦ୍ଧାର

ବାଲିଚନ୍ଦ୍ରପୁର,(ସବ୍ୟୁ) :ବଡ଼ଚଣା ବ୍ଲକ କୋଲଣଗିରି ପଂଚାୟତ ମୂଷାଟିକିରି ନିକଟସ୍ଥ ବାଲିଅନ୍ତା ତୋଟାରୁ ଗୋଟିଏ ବାଳକର ମୃତ ଦେହ ମିଳିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ କୋଲଣଗିରି ପଂଚାୟତର କୁନା ଦଲାଇଙ୍କ ପୁଅ ଆକାଶ ଦଳାଇ (୧୪) ଗତ ୧୪ ତାରିଖ ଠାରୁ ଘରୁ କେଉଁ ଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ ବନ୍ଧୁବାନ୍ଧବ ଘର ଖୋଜା ଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳିନଥିଲା। ତେବେ ତାଙ୍କର ମୃତ ଦେହ ଆଜି ବାଲିଅନ୍ତା ତୋଟାରୁ ମିଳିଥିବା ବେଳେ ତାଙ୍କ ବେକରେ ରସିଦେବା ଭଳି ଏକ ଦାଗ ଦେଖିବାକୁ ମିଳିଛି। ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ତେବେ ବାଲିଚନ୍ଦ୍ରପୁର ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇନଥିବା ଥାନାଧିକାରୀ ସମରଜିତ୍ ନାୟକଙ୍କ ଠାରୁ ପ୍ରକାଶ।

# ଯୁଣଭଦ୍ରା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବିଞ୍ଝାରପୁର, (ସବ୍ୟୁ) :ବିଞ୍ଝାରପୁର ବ୍ଲକ ଅଧିନସ୍ଥ ବିତନା ପଞ୍ଚାୟତ ସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟର ବାର୍ଷିକ କ୍ରିଡା ଉତ୍ସବ ତା ୧୭.୦୧.୨୦୨୬ରେ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ବାବା ବାଲୁଙ୍କେଶ୍ୱର ଙ୍କ ମନ୍ଦିର ରେ ପୂଜାର୍ଚନା କରାଯାଇ କ୍ରିଡା ଜ୍ୟୋତି ଅଣାଯାଇ ଖେଳ ପଡିଆରେ ସ୍ଥାପନ କରାଯାଇ କ୍ରିଡା ପତାକା ଉତ୍ତୋଳନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କାଙ୍କ ସଭାପତିତ୍ୱ ଏବଂ ଅଧ୍ୟାପକ ଜ୍ଞାନରଞ୍ଜନ ଧଳଙ୍କ ସଂଯୋଜନାରେ ଏକ ସଭାର ଆୟୋଜନ କରାଯାଇଥିଲା ଯାଇଥିଲା । କ୍ରିଡା ସଂସଦର ଉପ ସଭାପତି ଡକ୍ଟର ବେଣୁଧର ଓରାମ ସଂସଦୀୟ ବିବରଣୀ ପାଠ କରିବା ସହିତସ୍ୱାଗତ ଭାଷଣ ରଖିଥିଲେ । ସଂସଦର ଅନ୍ୟତମ ଉପସଭାପତି ଡକ୍ଟର ସୀମା ଦତ୍ତ , ଅଧ୍ୟାପକ ଦେବାଶିଷ ଖମାରି , ଡେମୋନଷ୍ଟ୍ରେଟର ଅଜୟ କୁମାର କାଣ୍ଡି କାର୍ଯ୍ୟକ୍ରମର ସଂପୂର୍ଣ୍ଣ ସଫଳ ରୂପାୟନ ଦେଇଥିଲେ । ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟାପକ ବିଜୟ କୁମାର ଜେନା, ଅଧ୍ୟାପକ ସୁଧାଂଶୁ ଶେଖର ବିଶ୍ୱାଳ ,ଅଧ୍ୟାପିକା ସୃଜନା ଭୂୟାଁ , ଅଧ୍ୟାପକ ପର୍ଶୁରାମ ନାୟକ , ଅଧ୍ୟାପକ ଦୈତାରୀ ରାଉତ ଏବଂ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ । ରୋଜାଲିନ ମଲ୍ଲିକ ୩ ବାଳିକା ବିଭାଗ, ଶ୍ରୀକାନ୍ତ ମଲ୍ଲିକ ୩ ବାଳକ ବିଭାଗ ,ରିଙ୍କିଲତା ରାଉତ ୨ ବାଳିକା ବିଭାଗ ଓ ଶୁଭମ ସ୍ୱାଇଁ୨ ବାଳକ ବିଭାଗର ଚା ମ୍ପିୟନ ହୋଇଥିଲେ । ଶେଷରେ ଅଧ୍ୟାପକ ଶ୍ରୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାମହୋତ୍ସବ ଉଦଯାପନୀ ସନ୍ଧ୍ୟା

## ଯୋଗଦେଲେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



କେନ୍ଦ୍ରାପଡ଼ା, (ସବ୍ୟୁ) : ୧୨ ଜାନୁଆରୀର ଆରମ୍ଭ ହୋଇଥିବା ଜିଲ୍ଲା ମହୋତ୍ସବ ଆଜି ଉଦଯାପିତା ହୋଇଯାଇଛି । ଉଦଯାପନି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ,ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ର୍ଗ କଲ୍ୟାଣ ବିଭାଗ,ବିଦ୍ୟାଳୟ ଓ ଗଣଶିକ୍ଷା,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମନ୍ତ୍ରୀ ତାଙ୍କ ଭାଷଣରେ ଶିକ୍ଷା କ୍ଷେତ୍ରରେ ଆଗୁଆ ଜିଲ୍ଲା କେନ୍ଦ୍ରାପଡ଼ା କହିବା ସହିତ ଓଡିଶାରେ ଶିକ୍ଷା ନୀତି, ଶିକ୍ଷା କ୍ଷେତ୍ରରେ ସଂସ୍କାର, ଶିଶୁ ବଟିକା, ଶିଶୁ ସେବିକା ନିଯୁକ୍ତି କୁ ଗୁରୁତ୍ୱ,ମଧ୍ୟାହ୍ନ ଭୋଜନରେ ପୁଷ୍ଟିକର ଖାଦ୍ୟ, ହଷ୍ଟେଲ ରହି ପାଠପଢୁଥିବା ଛାତ୍ର ଛାତ୍ରୀଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗେଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ଏହା ଛଡା ଭିତରକନିକା, କେନ୍ଦ୍ରାପଡ଼ା ରସାବଳି କଥା ଉପସ୍ଥାପନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ ନାୟକ,ଜିଲ୍ଲାପାଳ ରଘୁରାମ ଆର ୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହାସହିତ ସ୍ଥାନୀୟ କଳାକାର ଏବଂ ରାଜ୍ୟର ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ଲୋକଙ୍କୁ ବେଶ ମନୋରଞ୍ଜନ କରିଥିଲେ । ଆଜି ଜିଲ୍ଲା ମହୋତ୍ସବ ଉଦଯାପନି ହୋଇଥିବା ବେଳେ ପଲ୍ଲିଶ୍ରୀ ମେଳା ଆସନ୍ତା ।ଲି ପର୍ଯ୍ୟନ୍ତ ଚାଲିବ । ପ୍ରକାଶଥାଉ କି ୧୨ ତାରିଖରୁ ଆରମ୍ଭ ହୋଇଥିବା ମେଳାରେ ଆଜି ପର୍ଯ୍ୟନ୍ତ ୯୮ ଲକ୍ଷରୁ ଅଧିକ ବିକ୍ରି ହୋଇଛି ।

# ୫ ପ୍ରକଳ୍ପର ଶିଳାନ୍ୟାସ କଲେ ମାହାଙ୍ଗା ବିଧାୟକ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ଶନିବାର ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ୨୪ନଂ ଜିଲ୍ଲାପରିଷଦ ଜୋନ୍ ନିଶ୍ଚିନ୍ତକୋଇଲି ଅଧିନସ୍ଥ ବିଭିନ୍ନ ପଞ୍ଚାୟତର ୫ଗୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି । ବିଶେଷ କରି ଶିକ୍ଷା, କୃଷି ଓ ଗମନାଗମନ କ୍ଷେତ୍ରରେ ଏହି ଜୋନ୍ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ଥିବା ସମସ୍ୟା ଗୁଡିକୁ ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ । ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର ଯୋଗ ଦେଇଥିଲେ । ପ୍ରଥମେ ଫୋଗଳ ପଞ୍ଚାୟତର ଜାନକୀବଲ୍ଲଭ ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥପୁରର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ । ବିଦ୍ୟାଳୟ ପରିସରରୁ ନିଜ ସମର୍ଥକ ମାନଙ୍କ ସହ ବିଧାୟକ ଚାଲି ଚାଲି ପଲ୍ଲୀଶ୍ରୀ ପ୍ରାଥମିକ କୃଷି ସମବାୟ ସମିତି ଲି଼. ପାଇକରାପୁରର କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟ ଓ ଗୋଦାମଗୃହ ନିର୍ମାଣ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ । ପରେ ଜିଗ୍ନୀପୁର ବଳଦେବଜୀଉ ସେବା ସମବାୟ ସମିତି ନୂତନ ଗୃହ ନିର୍ମାଣର ବିଧାୟକ ଶୁଭ ଶିଳାନ୍ୟାସ କରିଥିଲେ। ସେଠାରୁ ବିଧାୟକ ଶ୍ରୀ ପ୍ରଧାନ ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଜିଗ୍ନୀପୁରରେ ପହଞ୍ଚି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଶେଷରେ ବିଧାୟକ ଶ୍ରୀ ପ୍ରଧାନ ବରାଦୋ-ରାମକୃଷ୍ଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଗ୍ରାମ୍ୟଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉର୍ମିପ୍ରିୟଦର୍ଶିନୀ ଦାଶ,ବରାଦୋ ସରପଞ୍ଚ ଦିପ୍ତୀମୟୀ ବରାଳ,ଯୁବ ସଂଗଠକ ପ୍ରକାଶ ସାମଲ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବିଧାୟକଙ୍କ ସହିତ ପଦଯାତ୍ରାରେ ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ,ରଂଜନ ରାଉତ, ମିହିର କୁମାର ମିଶ୍ର,ଦିଲ୍ଲୀପ ରାଉତ,ହେମନ୍ତ ରାଉତ, ଅବିନାଶ ରାଉତଙ୍କ ସମେତ ବିଧାୟକଙ୍କ ବହୁ ମହିଳା ଓ ପୁରୁଷ ସମର୍ଥକ ଯୋଗ ଦେଇଥିଲେ । ବାଟରେ ବିଧାୟକ ବିଭିନ୍ନ ଜନସାଧାରଣଙ୍କୁ ଭେଟି ସେମାନଙ୍କର ସମସ୍ୟା ବିଷୟରେ ପଚାରିବୁଝିଥିଲେ ।

# କୁଆଖିଆରେ ସ୍ୱର୍ଣ୍ଣ ଧନୁଷକୁ ବିପୁଳ ସମ୍ବର୍ଦ୍ଧନା

କୁଆଖିଆ ,(ସବ୍ୟୁ): କୁଆଖିଆ ରେ ସ୍ୱର୍ଣ୍ଣ ଧନୁଷ ଶୋଭାଯାତ୍ରା କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ସନାତନୀ ଜାଗରଣ ମଞ୍ଚ, ରାଉଲକେଲା ଦ୍ୱାରା ନିର୍ମିତ ହୋଇ ଅଯୋଧ୍ୟାର ରାମ ଲାଲା ଙ୍କ ପାଖରେ ଆଗାମୀ ବାଇସ ତାରିଖରେ ରାମ ମନ୍ଦିର ପ୍ରତିଷ୍ଠା ଦିବସ ରେ ସ୍ଥାନିତ ହେବ ସ୍ୱର୍ଣ୍ଣ ଧନୁଷ । ଏହି ସ୍ୱର୍ଣ୍ଣ ଧନୁଷ ସମଗ୍ର ଓଡିଶା ର ସବୁ ଜିଲ୍ଲା ଓ ଶକ୍ତି ପୀଠ ପରିକ୍ରମା କରିବା ଅବସରରେ ଲ୍ୟାନ୍ସ କ୍ଲବ କୁଆଖିଆ ଓ ସଂସ୍କାର ଗୋ ଶାଳା ଦ୍ୱାରା ବିଶାଳ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଲୟନ୍ସ କ୍ଲବ ସଭାପତି ତଥା ସଂସ୍କାର ଗୋ ଶାଳା ର ଅଧ୍ୟକ୍ଷ ଜନ୍ମେଜୟ ସାହୁଙ୍କ ନିବେଦନ କ୍ରମେ ହଜାର ହଜାର ସନାତନ ପ୍ରେମୀ, ମହିଳା, ବରିଷ୍ଠ ନାଗରିକ ସ୍ୱର୍ଣ୍ଣ ଧନୁଷ କୁ ଦର୍ଶନ କରିବା ସହିତ ଟିମ ସନାତନ ଙ୍କୁ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ । ହ୍ୟୁମାନ ୱେଲ ଫେୟାର ଫାଉଣ୍ଡେସନ ର ଆଶିଷ ସାହୁ ଙ୍କ ନେତୃତ୍ୱ ରେ ସମସ୍ତ ସଭ୍ୟ, ପ୍ରକୃତି ମିତ୍ର ଟ୍ରଷ୍ଟ,ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଏ ଭି ବି ପି,ନବ ଭାରତ ହିନ୍ଦୁ ସଂଗଠନ, କଳିଙ୍ଗ ଯୁବ ସଙ୍ଘ - ପାଠ ଗାରା, ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା ମଣ୍ଡଳୀ, ଗଣ ସଂଗଠନ ମାନେ ସହଯୋଗ କରିଥିବା ବେଳେ ଯାଜପୁର ସାଂସଦ ଡକ୍ଟର ରବି ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରିଷ୍ଠ ନାଗରିକ ପ୍ରହ୍ଲାଦ ପଣ୍ଡା, ଯୁବ ସଂଗଠକ ତୀର୍ଥ ରାଜ ପଣ୍ଡା, ଶିକ୍ଷାବିତ ବୈଦେନ୍ଦ୍ର ନାଥ ସାହୁ, ବିପିନ ବିହାରୀ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସହିତ ସ୍ୱେଚ୍ଛାସେବୀ ପ୍ରମୁଖ ସ୍ୱର୍ଣ୍ଣ ଧନୁଷ ଶୋଭାଯାତ୍ରା କୁ ସଫଳ କରିବା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ ।

# ପ୍ରତାପ ଶାସନ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ବାଲିଅନ୍ତା, (ସବ୍ୟୁ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଳକାଟୀ ପ୍ରତାପ ଶାସନ ଡିଗ୍ରୀ କଲେଜର ୩୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର ଧଜ ନନ୍ଦ ଅଧକ୍ଷତା କରିଥିବା ବେଳ ମୁଖ୍ୟ ଅତିଥି ଭାବରେ କଲେଜର ପ୍ରତିଷ୍ଠାତା ସନ୍ତୋଷ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ ଡ. ରଜନୀ ରଞ୍ଜନ ଦାଶ, ଓ ସମ୍ମାନିତ ଅତିଥି ଭାବରେ କ୍ରୀଡା ସାମ୍ବାଦିକ ସୁରେଶ ସ୍ୱାଇଁ, ଭାରତୀୟ ଦୃଷ୍ଟି ବାଧିତ ମହିଳା କ୍ରିକେଟ ଟିମ ଉପ ଅଧିନାୟିକା ଫୁଲ ସୋରେନ, ସମାଜ ସେବୀ ବେଣୁଧର ଭୋଇ, ଭାଗ୍ୟ ଧର ନନ୍ଦି, ରବୀନ୍ଦ୍ର ବାରିକ, ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କଲେଜ ପକ୍ଷରୁ କଲେଜ ପ୍ରତିଷ୍ଠା ପ୍ରତି ଅବଦାନ ରହିଥିବା ବ୍ୟକ୍ତି ବିଶେଷାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ କ୍ରୀଡା, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ହେମନ୍ତ କୁମାର ଦାଶ କଲେଜର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଚିତ୍ରସେନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ଅଧ୍ୟାପକ ଗଙ୍ଗା ଧର ରାଉତ ମଞ୍ଚ ପରିଚାଳନା କରିଥିଲେ।

# ବିପୁଳ ପରିମାଣର ମାଦ୍ରକ ଦ୍ରବ୍ୟ ଜବତ

ଭାପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବଜାରରେ ଅବସ୍ଥିତ ତେଜରାତି ଦୋକାନୀ ପ୍ରକାଶ ସାହୁ ଏଂ ନକୁଳ ସାହୁଙ୍କ ଦୋକାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମାଦ୍ରକ୍ୟ ଦ୍ରବ୍ୟ ଗୁଟୁଖା, ସିଗାରେଟ ଏବଂ ଖଇନି ଜବତ ହୋଇଥିବାବେଳେ ଚୋରା ମାଙ୍କଡ଼ା ପଥର ବୋଝେଇ ଦୁଇଗୋଟି ଟ୍ରାକ୍ଟର କୁ ଫତେଗଡ଼ ପୋଲିସ ଜବତ କରି ଫାଇନ ଆଦାୟ କରିଥିବା ଥାନା ସୂତ୍ରରୁ ପ୍ରକାଶ ।

# ଉତ୍କଳ ସେବା ଅନୁଷ୍ଠାନର ମକର ମିଳନ



ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ମକର ସଂକ୍ରାନ୍ତି ଅବସରରେ ଖୋର୍ଦ୍ଧା ନିକଟସ୍ଥ ଯାଆଁଳା ଠାରେ ଉତ୍କଳ ସେବା ଅନୁଷ୍ଠାନ ପରିସରରେ ସାହିତ୍ୟ ଓ ସଂସ୍କୃତି ର ଏକ ଅପୂର୍ବ ସମନ୍ୱୟ ଘଟିଥିଲା । ଏହି ଅବସରରେ ଅନୁଷ୍ଠାନର ସଭାପତି ମୁରଲୀଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମକର ମିଳନ ଓ କବିତା ପାଠୋତ୍ସବରେ ବରିଷ୍ଠ ଆଇନଜୀବୀ ତଥା ସୁସାହିତ୍ୟକ ଗୋବିନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମାଜସେବୀ ରାମଶଙ୍କର, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସନ୍ତୋଷ ମିଶ୍ର ଆଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ସାହିତ୍ୟ ଆସରରେ ଚାଳିଶରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିବା ସହିତ ବ୍ୟାସକବି ଫକୀର ମୋହନ ସେନାପତି ଜନ୍ମତିଥିରେ ତାଙ୍କର ସ୍ମୃତି ଚାରଣ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସାରସ୍ୱତ ସାଧିକା ଡଃ ସ୍ମିତା କାନୁନଗୋ ସଂଯୋଜନା କରିଥିଲେ ।

ଏହି ମକର ମିଳନ ଉତ୍ସବରେ ଅନୁଷ୍ଠାନ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ, ବରିଷ୍ଠ ସଭ୍ୟ ରମାକାନ୍ତ ଦାସ, ଦାତାରାମ ଅଶୋକ କୁମାର ମଙ୍ଗରାଜ, କବି ସୁଶୀଲ ଛୁଆଳସିଂହ ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀଶ୍ରୀ ରାଧା ଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ୨୦ରୁ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁର ସ୍ଥିତ ଜେ.ବି.ଜି କଲୋନୀ ଠାରେ ପ୍ରଭୁ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ହେବାକୁ ଯାଉଛି । ଏହି ଅବସରରେ ଶନିବାର ଦିନ ନବ ନିର୍ମାଣ ମନ୍ଦିର ପରିସର ମଧ୍ୟରେ ସମାଜସେବୀ ସୁଦୀପ ମଣ୍ଡଳଙ୍କ ପୌରାହିତ୍ୟରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା ।

ଏହି ବୈଠକ ରେ ବିଶିଷ୍ଟ ସମାଜସେବୀ ଓ ସଞ୍ଜୟ ପଟ୍ଟନାୟକ, ସରପଞ୍ଚ ସୌରଭ ଦାସ ମହାପାତ୍ର, ନିର୍ମଳମାଳି, ଅରୁଣଚନ୍ଦ୍ର ସାନା, ଖଗେନ୍ଦ୍ର ମଣ୍ଡଳ, ସାଧନ ଦାସ, ବଳରାମ ଦାସ, ଜଗଦିଶ ବାରୋଇ, ଅଶ୍ୱିନୀ ମଣ୍ଡଳ, କାଳିପଦ ମଣ୍ଡଳ, ଶିବପ୍ରସାଦ ପରିଡା, କାହ୍ନୁ ପରିଡା ବାଇଧର ମହାରଣା ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ଓ ଗ୍ରାମବାସୀ ଯୋଗ ଦେଇ ପ୍ରତିଷ୍ଠା ଦିବସ ସମାରୋହକୁ ସରସ ସୁନ୍ଦର କରିବା ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ସୁଜିତ କୁମାର ମଣ୍ଡଳ, ସାଧାରଣ ସମ୍ପାଦକ ତାପସ କୁମାର ମଣ୍ଡଳ, କୋଷାଧ୍ୟକ୍ଷ ଉତ୍ତମ କୁମାର ଦାସ, ଉପ ସଭାପତି ସୀତାନାଥ ଦାସ, ବିଶ୍ୱନାଥ ଦାସ ଓ ଯୁଗ୍ମ ସମ୍ପାଦକ ନବ କୁମାର ଦାସ ବୈଠକରେ ଉପସ୍ଥିତ ଥିଲେ । ଆସନ୍ତା ୨୦ ତାରିଖରେ ଅଙ୍କୁରରୋପଣ, ୨୧ ତାରିଖରେ କଳସ ଯାତ୍ରା, ତିନି ଦିନ ଧରି ଶ୍ରୀ ଅମୃତା ନନ୍ଦ ମହାରାଜଙ୍କ ପ୍ରବଚନ ସହ ୨୨ ତାରିଖରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୨୧ ସାଧୁ ସନ୍ଥଙ୍କ ଆଗମନ ସହ ସ୍ୱତନ୍ତ୍ର ପ୍ରବଚନ । ୨୩ ତାରିଖରେ ଠାକୁରଙ୍କ ନଗର ପରିଭ୍ରମଣ ସିଂହାସନ ଆରୋହଣ ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବାର ମନ୍ଦିର ପରିଚାଳନା କମିଟି ରୁ ସୂଚନା ମିଳିଛି ।

ଏହି ଅବସରରେ ଦର୍ଶକ ଙ୍କ ମନୋରଞ୍ଜନ ପାଇଁ ୩ ଦିନ ଧରି ମୀନା ବଜାର ଉପଭୋଗ କରିବାର ବ୍ୟବସ୍ଥା କରାଯାଇଛି ।


C- 2116

**N.A.C. OFFICE : KOTPAD**
**Ph. No. 06860-283036. Fax No. 06860-283036,**
**E.Mail- kotpadnac@gmail.com**

**"e" PROCUREMENT NOTICE**

**BID IDENTIFICATION NO - KPDNAC/36/2025-26.**
**Tender ID - 2026_ORULB_124653**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt, website **i.e. www.tendersorissa.gov.in.**

1. Nature of the work :- Civil
2. No. of works :- 08 nos.
3. Estimated Cost :- As per DTCN
4. Period of completion :- As per DTCN
5. Date & time of availability of the bid documents in the portal :- From 11.00 hours of dt.19.01.2026 to 17.00 hours of dt.29.01.2026
6. Last Date / Time for receipt of bids in the Portal. :- Dt.29.01.2026 up to 17.00 hour
7. Bids received online shall be opened on :- Dt.31.01.2026 at 11.00 hour

8. Name & address of the officer inviting Bid.:- Executive Officer, N.A.C, Kotpad

Further the details can be seen from the procurement portal: **www.tendersodisha.gov.in.**

**Sd/- Executive Officer,**
**N.A.C., Kotpad**



Email:- rw_dharmagarh@yahoo.com

O- 2029

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**
***********

**BID IDENTIFICATION NO. DMGH/Online-13 of 2025-26 Dates: 30.12.2025**

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website **i.e www.tendersorissa.gov.in**

1. Name of the Work : Building works in the District of Kalahandi as mentioned in DTCN
2. Total No of Works : 13 No.
3. Estimated Cost: : Rs.50.85 to 67.80 lakhs
4. Period of Completion: : 9 months
5. Other Details:

| Availability of Tender online for bidding | | Last date & time seeking tender clarification | Date & time of Opening of tender |
|---|---|---|---|
| From | To | | |
| **22.01.2026 At 10.00 AM** | **05.02.2026 Up to 5.00PM** | **03.02.2026 Up to 5.00 PM** | **06.02.2026 11.00 AM** |

Further details can be seen from the website **www.tendersorissa.gov.in.**

**Sd/- Superintending Engineer Rural Works Division Dharmagarh**


# ଶୀତଦିନେ ଆୟୁର୍ବେଦିକ ଦାନ୍ତମାଜନ ବ୍ୟବହାର ଜରୁରୀ

ବ୍ରହ୍ମପୁର, (ସବ୍ୟୁ) : ଶୀତକାଳ ଦାନ୍ତ ଓ ମୁଖ ସ୍ୱାସ୍ଥ୍ୟ ଉପରେ ଗୁପ୍ତ ପ୍ରଭାବ ପକାଏ । ଏ ସମୟରେ ଦାନ୍ତର ସଂବେଦନଶୀଳତା ବଢ଼ିଯାଏ, ମୁଖ ଶୁଖିଲା ଲାଗେ ଓ ମସୁଡ଼ା ସହଜରେ ଜ୍ୱଳନଶୀଳ ହୋଇଯାଏ । ପ୍ରାୟତଃ ଏହି ସମସ୍ୟାଗୁଡ଼ିକ ଧୀରେ ଧୀରେ ଆରମ୍ଭ ହୁଏ – ଯେପର୍ଯ୍ୟନ୍ତ ଗରମ ଚାର ପ୍ରଥମ ଚୁମୁକ୍ ଆମକୁ ଶୀତର ପ୍ରଭାବ ଅନୁଭବ କରାଇ ନଦିଏ । ବିଶିଷ୍ଟ ଦନ୍ତ ଚିକିତ୍ସକ ପ୍ରଫେସର ସୋନିଆ ଦତ୍ତଙ୍କ ମତରେ ଥଣ୍ଡାରେ ଦାନ୍ତର ଇନାମେଲ୍ ସାନା ପରିମାଣରେ ସଂକୁଚିତ ହୁଏ । ଏହା ତଳେ ଥିବା ସଂବେଦନଶୀଳ ଡେଣ୍ଟିନକୁ ଖୋଲା କରିଦିଏ । ଗରମ ପାନୀୟ, ହଠାତ୍ ତାପମାତ୍ରା ପରବର୍ତ୍ତନ ଓ ଥଣ୍ଡା ପରିବେଶ – ସବୁ ମିଶି ସଂବେଦନଶୀଳତାକୁ ଆହୁରି ବଢ଼ାଇ ଦିଏ ।

ଶୀତକାଳରେ ଘରଭିତର ଉତ୍ତାପ, କମ୍ ଆର୍ଦ୍ରତା ଓ କମ୍ ପାଣି ପିଇବାରୁ ଲାଳର ହ୍ରାସ ପାଏ । ଲାଳର ହେଉଛି ମୁଖର ପ୍ରାକୃତିକ ସୁରକ୍ଷା, ଯାହା ଆମ୍ଳକୁ ନିଷ୍ପ୍ରଭ କରେ ଓ ପ୍ଲାକ୍ ବୃଦ୍ଧିକୁ ରୋକେ । ଏହା କମିଲେ ଜୀବାଣୁ ବଢ଼ିଯାଏ ଓ ମୁଖରୁ ଦୁର୍ଗନ୍ଧ ସୃଷ୍ଟି ହୁଏ । ଶୀତକାଳରେ ଶରୀରର ରୋଗପ୍ରତିରୋଧ କ୍ଷମତା କିଛିଟା କମିଯାଏ, ଫଳରେ ମସୁଡ଼ା ସହଜରେ ଜ୍ୱଳନଶୀଳ ହୁଏ । ହାଲୁକା ସୁଜନ ଓ ରକ୍ତସ୍ରାବ ଏ ସମୟରେ ଅଧିକ ସାଧାରଣ, ବିଶେଷକରି ଯେତେବେଳେ ଦାନ୍ତ ସଫା କରିବାର ଦୈନିକ ଅଭ୍ୟାସ ଅନିୟମିତ ହୋଇଯାଏ । ଡାବର୍ ରେଡ୍ ପରି ଭାରତୀୟ ଦନ୍ତ ଚିକିତ୍ସା ସଂସ୍ଥାର ମୁରି ମୁଦ୍ରା ଥିବା ଦାନ୍ତ ମାଜନଗୁଡ଼ିକ ଏହି ଆୟୁର୍ବେଦିକ ଉପାଦାନ ଉପରେ ଭିତ୍ତି କରିଥିବାରୁ ଶୀତକାଳରେ ଅଧିକ ସୁରକ୍ଷିତ ଓ ପ୍ରଭାବଶାଳୀ ମନେ ହୁଏ। ଶୀତକାଳ ଦାନ୍ତ ପାଇଁ କଷ୍ଟଦାୟକ ହେବା ଦରକାର ନୁହେଁ ।


E-Mail: eerw_gml@yahoo.co.in

O- 2071

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
***********

**Government of Odisha e-Procurement Notice**
**Bid Identification No. Online Tender // 23// SERWDG-I // 2025-26**

Letter No. 347 /// RWDG-I // BAM // Date: 15.01.2026

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.6.72 Lakhs to Rs.18.49 Lakhs |
| 3 | Period of Completion | :: | 15 (Fifteen) days as shown in Column No.06 of Annexure. |
| 4 | Date & Time of Availability of Bid Documents in the Portal | :: | From 20.01.2026 at 11.00 AM to 31.01.2026 upto 5.00 PM |
| 5 | Last Date/ Time for Receipt of Bids in the Portal | :: | 31.01.2026 upto 5.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https:// www.tendersodisha.gov.in.**

**Sd/- Executive Engineer**
**R.W Division- I, Ganjam, Berhampur**



O- 2052

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION KARANJIA (MAYURBHANJ)**
E-mail ID:- eerwkranjia@yahoo.com
Letter No. 125 // Date:- 13.01.2026

"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2025-26
Bid Identification No- RWDKNJ-15/2025-26

1 Name of the Work : Road Works (As per Annexure)
2 Estimated Cost : Rs.38.14 to Rs. 5.08 Lakhs Approximately (As per Annexure)
3 Class of Contratcor : B & C, D' & C' Class, (As per Annexure)
4 Period of Completion : As per Annexure
5 Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website **www.tendersodisha.gov.in.**

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender in O/O S.E. R.W. Division, Karanjia Techinical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Karanjia | Road Online RWDKNJ-15/25-26 | Dt. 21.01.2026 at 11.00 A.M | Dt. 28.01.2026 upto 11.00 A.M | Dt. 27.01.2026 upto 1.00 P.M | Dt. 29.01.2026 at 05.00 P.M |

**Sd/- Executive Engineer**
**R.W. Division, Karanjia**


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
## ଘୋଷଣା

**LAC No. 20/2025 Dated. 11.11.2025**

**XIV-04 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, **ମୌଜା-ଗାଦବାଗୁଡା, ଥାନା- ନବରଙ୍ଗପୁର ନଂ.୩୯, ତହସିଲ-ନନ୍ଦାହାଣ୍ଡି, ଜିଲ୍ଲା- ନବରଙ୍ଗପୁରରେ** ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର–ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୩୬, ତା. ୦୬.୦୪.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉ ଅଛି ଯେ, **ଗାଦବାଗୁଡା, ଥାନା- ନବରଙ୍ଗପୁର ନଂ.୩୯, ଜିଲ୍ଲା- ନବରଙ୍ଗପୁରରେ** କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହି ଘୋଷଣାନାମା ଜିଲ୍ଲା ୱେବ୍‌ସାଇଟ୍ **www.nabarangpur.nic.in** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-ତହସିଲଦାର, ନନ୍ଦାହାଣ୍ଡିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

କ୍ରମଶ.........

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା : ନବରଙ୍ଗପୁର** — **ତହସିଲ - ନନ୍ଦାହାଣ୍ଡି**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଦବାଗୁଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା : ନବରଙ୍ଗପୁର** — **ତହସିଲ - ନନ୍ଦାହାଣ୍ଡି**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ : ୧୭.୦୫.୨୦୨୨**

**ସ୍ୱା/- ଜିଲ୍ଲାପାଳ**
**ନବରଙ୍ଗପୁର**

**ଭୂମି ଅନୁସୂଚୀ**

**ମୌଜା-ଗାଦବାଗୁଡ଼ା (ଗ୍ରାମାଞ୍ଚଳ) ଥାନା : ନବରଙ୍ଗପୁର, ତହସିଲ : ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର**
**ଜୟପୁର - ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**


| ଖାତା ନମ୍ବର | ସତ୍ୱ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ | ରୟତଙ୍କ ନାମ |
|---|---|---|---|---|---|---|
| ୧୭୬ | ରୟତି | ୩ | ଧାନ ଦୁଇ | ୦.୭୭୦ | ୦.୧୯୦ | ସୁନାଦେଇ ଜାନି ସ୍ୱା: ଦଶରଥ ଜାନି, ଜା-ପରଜା, ବା-ନବରଙ୍ଗପୁର (ନୂଆବନ୍ଧସାହି) |
| ୧୧୫ | ରୟତି | ୪ | ଧାନ ଦୁଇ | ୧.୪୦୦ | ୧.୩୦୦ | ଭିମ ଜାନି ପି: ଅର୍ଜୁନ ଜାନି, ଜା-ପରଜା, ବା: ନବରଙ୍ଗପୁର |
| ୪ | ରୟତି | ୫ | ଧାନ ଦୁଇ | ୧,୦୭୦ | ୧.୦୭୦ | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ଶୁଶାନ୍ତ ବେହେରା, ପି: ଶ୍ରିପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି: କୃପାସିନ୍ଧୁ ବେହେରା, ଜା-କରଣ, ବା: ନବରଙ୍ଗପୁର |
| ୪ | ରୟତି | ୬ | ଧାନ ଦୁଇ | ୨,୩୦୦ | ୦.୪୦୦ | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ଶୁଶାନ୍ତ ବେହେରା, ପି: ଶ୍ରିପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି: କୃପାସିନ୍ଧୁ ବେହେରା, ଜା-କରଣ, ବା: ନବରଙ୍ଗପୁର |
| ୪ | ରୟତି | ୭ | ଧାନ ଦୁଇ | ୫,୩୮୦ | ୧.୫୨୦ | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ଶୁଶାନ୍ତ ବେହେରା, ପି: ଶ୍ରିପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି: କୃପାସିନ୍ଧୁ ବେହେରା, ଜା-କରଣ, ବା: ନବରଙ୍ଗପୁର |
| ୧୧ | ରୟତି | ୫୫ | ବଗାୟତ | ୩.୩୬୫ | ୦.୮୯୭ | ଏ.ଡି.ବୋଦମା, ପି: ଏ.ଏମ୍.ଦେବୟା, ଜା: କ୍ଷତ୍ରିୟ, ବା-ନବରଙ୍ଗପୁର |
| ୨୧୨/୯୧୯ | ରୟତି | ୫୫/୧୩୪୬ | ବଗାୟତ | ୦.୦୪୧ | ୦.୦୪୧ | ମନୋରମା ପାଣିଗ୍ରାହୀ, ସ୍ୱା: ଗୋବିନ୍ଦ ଚନ୍ଦ୍ର ସାହୁ, ଜା-ବ୍ରାମହାନ, ବା-ଜୟପୁର |
| ୨୧୨/୯୨୨ | ରୟତି | ୫୫/୧୩୪୯ | ବଗାୟତ | ୦.୦୪୧ | ୦.୦୪୧ | ଶ୍ରୀନିବାଶ ସାହୁ, ପି- ଗୋବିନ୍ଦ ଚନ୍ଦ୍ର ସାହୁ, ଜା- ବ୍ରାହ୍ମଣ, ବା-ଜୟପୁର |
| ୨୧୨/୧୦୩୦ | ରୟତି | ୫୫/୧୪୫୯ | ବଗାୟତ | ୦.୦୪୧ | ୦.୦୪୧ | ଶୁଭମ ଯୋଶୀ, ପି-ଚମନ ପ୍ରସାଦ ଯୋଶୀ, ଜା-ବ୍ରାହ୍ମଣ, ବା-ନବରଙ୍ଗପୁର |
| ୧୧ | ରୟତି | ୫୭ | ବଗାୟତ | ୧.୬୪୭ | ୧.୫୯୭ | ଏ.ଡି. ବୋଦମା, ପି: ଏ.ଏମ୍ ଦେବୟା, ଜା: କ୍ଷତ୍ରିୟ, ବା-ନବରଙ୍ଗପୁର |
| ୨୧୨/୧୪୨୨ | ରୟତି | ୫୭/୧ | ବଗାୟତ | ୦.୦୩୮ | ୦.୦୩୮ | ସେଖ ଇସମାଇଲ, ପି: ସେଖ ଇବ୍ରାହିମ, ଜା-ମୁସଲମାନ, ବା: ନବରଙ୍ଗପୁର |
| ୨୧୨/୭୨୫ | ରୟତି | ୫୭/୧୧୫୫ | ବଗାୟତ | ୦.୦୪୧ | ୦.୦୪୧ | ଜଗଦୀଶ କୁମାର ପାତ୍ର, ପି: କୃଷ୍ଣଚନ୍ଦ୍ର ପାତ୍ର, ଜା: ବ୍ରାହ୍ମଣ, ବା: ପାରାବେଡ଼ା (ଜୟପୁର), କୋରାପୁଟ |
| ୨୧୨/୧୦୨୬ | ରୟତି | ୫୭/୧୪୫୫ | ବଗାୟତ | ୦.୦୪୧ | ୦.୦୪୧ | ଆଶା ତ୍ରିପାଠୀ, ସ୍ୱା: ବଦ୍ରୀ ଭଗବାନ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୨୧୨/୧୦୨୮ | ରୟତି | ୫୭/୧୪୫୭ | ବଗାୟତ | ୦.୦୪୫ | ୦.୦୪୫ | ମିନତୀ ପଟ୍ଟନାୟକ, ପି- ସରୋଜ କାନ୍ତ ପଟ୍ଟନାୟକ, ଜା- କରଣ, ବା- ଜୟପୁର |
| ୨୧୨/୧୨୧୪ | ରୟତି | ୫୭/୧୪୬୩ | ବଗାୟତ | ୦.୦୨୮ | ୦.୦୨୮ | ସାରିନ ନାଜ, ସ୍ୱା: ସାହାଜଜ ଅହମ୍ମଦ, ଜାତି: ମୁସଲମାନ, ବା: ଚାନ୍ଦ ନଗର ଉମରକୋଟ |
| ୨୧୨/୧୨୧୬ | ରୟତି | ୫୭/୧୬୪୫ | ବଗାୟତ | ୦.୦୪୦ | ୦.୦୪୦ | ମଞ୍ଜୁ ପାଢ଼ୀ @ ରାଣୀ ପାଢ଼ୀ, ସ୍ୱା: ମୁରଲୀ ପାଢ଼ୀ, ଜାତି-ବ୍ରାହ୍ମଣ, ବା: ଆର କେ କଲୋନୀ ନବରଙ୍ଗପୁର |
| ୨୧୨/୧୨୮୮ | ରୟତି | ୫୭/୧୭୧୧ | ବଗାୟତ | ୦.୦୪୧ | ୦.୦୪୧ | ସୀମାଦ୍ରି ଦିବ୍ୟାଭାରତୀ, ପି: ସୀମାଦ୍ରି ବେଣୁଗୋପାଳ ଆଚାରୀ, ଜା: ସୁନାରୀ, ଜା: ପୂଜାରିଗୁଡା |
| ୨୧୨/୧୩୪୧ | ରୟତି | ୫୭/୧୭୫୯ | ବଗାୟତ | ୦.୦୩୮ | ୦.୦୩୮ | ରାମଦେଓ ସେଠିଆ, ପି: ମରୁତ ସେଠିଆ, ଜା: ଶୁଣ୍ଡି, ଲାଲବାଗ ରୋଡ ଜଗଦଲପୁର (ଜିଲ୍ଲା ବସ୍ତର ଛତିଶଗଡ) |

| ଖାତା ନମ୍ବର | ସତ୍ୱ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ | ରୟତଙ୍କ ନାମ |
|---|---|---|---|---|---|---|
| ୨୧୨/୧୭୧୩ | ରୟତି | ୫୭/୪ | ବଗାୟତ | ୦.୦୩୮ | ୦.୦୩୮ | ଦୁର୍ଗା ପ୍ରସାଦ ଷଢ଼ଙ୍ଗୀ, ପି: ସୁବାଶ ଚନ୍ଦ୍ର ଷଢ଼ଙ୍ଗୀ, ଜା: ବ୍ରାହ୍ମଣ, ବା: କୋଟପାଡ |
| ୨୧୨/୧୬୯୭ | ରୟତି | ୫୭/୩ | ବଗାୟତ | ୦.୦୫୭ | ୦.୦୫୭ | ନୀଳକଣ୍ଠ ପାଣିଗ୍ରାହୀ, ପି: ବନ ଚନ୍ଦ୍ର ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ଗ୍ରାମ-ମୈତ୍ରୀ ବିହାର |
| ୨୧୨/୮୫୨ | ରୟତି | ୫୭/୧୨୮୪ | ବଗାୟତ | ୦.୦୪୧ | ୦.୦୪୧ | ଏସ ହେମନ୍ତ ପାତ୍ର, ପି: ଏସ ଜଗନ୍ନାଥ ପାତ୍ର, ବା: ଜଟାବାଲ |
| ୨୧୨/୮୫୧ଏ | ରୟତି | ୫୭/୧୨୮୩ | ବଗାୟତ | ୦.୦୪୧ | ୦.୦୪୧ | ଏସ ସିତେସ ପାତ୍ର, ପି: ଏସ ଜଗନ୍ନାଥ ପାତ୍ର, ବା: ଜଟାବାଲ |
| ୮ | ରୟତି | ୫୬ | ବଗାୟତ | ୪.୬୪୬ | ୧.୪୧୧ | ଆନ୍ତିରା ଦେବାୟା ଜୋଜଆମ୍ମା, ପି: ଆନିରା ମେତଆପ୍ପା ଦେବାୟା ଜା: କ୍ଷତ୍ରିୟ, ବା: ନବରଙ୍ଗପୁର |
| ୨୧୨/୭୯୦ | ରୟତି | ୫୬/୧୨୨୨ | ବଗାୟତ | ୦.୦୪୧ | ୦.୦୪୧ | ବାସୁଦେବ ପଣ୍ଡା, ପି: ଆନନ୍ଦ ପଣ୍ଡା, ଜା: ବ୍ରାହ୍ମଣ, ବା: କୁମୁଲିପୁଟ |
| ୨୧୨/୭୯୧ | ରୟତି | ୫୬/୧୨୨୩ | ବଗାୟତ | ୦.୦୪୦ | ୦.୦୨୦ | ସପାରିନା ପାତ୍ର, ସ୍ୱା: ସପା ଟିଟୁ ପାତ୍ର, ଜା: ବଶ୍ୟ, ବା-ଜଣାବାଲ |
| ୨୧୨/୧୩୭୩ | ରୟତି | ୫୬/୧୨୫/୧ | ବଗାୟତ | ୦.୦୪୦ | ୦.୦୪୦ | ରଜନୀ କୁମାରୀ ସାହୁ, ପି- ମାଧୁରୀ ସାହୁ, ଜା-ଗୁଡିଆ, ବା-ଇଚ୍ଛାବତିଗୁଡା |
| ୨୧୨/୧୬୯୫ | ରୟତି | ୫୬/୧୪ | ବଗାୟତ | ୦.୦୮୨ | ୦.୦୪୧ | ଶେଖ ମନସୁର, ପି: ଶେଖ ନୁର, ଜା: ମୁସଲମାନ, ଗ୍ରାମ- ଉମରକୋଟ |
| ୨୧୨/୧୬୯୮ | ରୟତି | ୫୬/୧୬ | ବଗାୟତ | ୦.୦୪୧ | ୦.୦୪୧ | ନୀଳକଣ୍ଠ ପାଣିଗ୍ରାହୀ, ପି: ବନ ଚନ୍ଦ୍ର ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ଗ୍ରାମ-ମୈତ୍ରୀ ବିହର |
| ୨୧୨/୧୧୯୫ | ରୟତି | ୫୬/୧୬୨୪ | ବଗାୟତ | ୦.୦୪୧ | ୦.୦୪୧ | ସନ୍ୟାସୀ ଦଳେଇ, ପି: ପିତାମ୍ବର ଦଳେଇ, ଜା: ଖଣ୍ଡାୟତ, ବା: କଷାଗୁମୁଡା |
| ୨୧୨/୧୪୧୩ | ରୟତି | ୫୬/୨ | ବଗାୟତ | ୦.୦୪୧ | ୦.୦୪୧ | ସୁପ୍ରିଆ ଶେଖରି, ସ୍ୱା: ଜାମି ଅଶୋକ, ଜା: ବୈଶ୍ୟ, ବା: ବୈପାରିଗୁଡା |
| ୨୧୨/୧୫୧୦ | ରୟତି | ୫୬/୫ | ବଗାୟତ | ୦.୦୪୧ | ୦.୦୪୧ | ଇପିଲି ଭେଙ୍କଟ ରାବଣା, ପି: ଇପିଲି ମାଲେୟା, ଜା: କାପୁ, ବା: ପୁଜାରି ସାହି କୋଷାଗୁମୁଡା |
| ୨୧୨/୧୫୨୭ | ରୟତି | ୫୬/୭ | ବଗାୟତ | ୦.୦୪୦ | ୦.୦୪୦ | ମହମ୍ମଦ ବାଷା, ପି: ମହମ୍ମଦ ଅବଦୁଲ ରେହମାନ, ଜା: ମୁସଲମାନ, ବା: ଜଟାବାଲ |
| ୨୧୨/୧୫୩୦ | ରୟତି | ୫୬/୮ | ବଗାୟତ | ୦.୦୪୬ | ୦.୦୪୬ | ମହମ୍ମଦ ମୁଜ୍ଜାମୁଦ୍ଦୀନ, ପି: ମହମ୍ମଦ ସବୁଦ୍ଦିନ, ଜା: ମୁସଲମାନ, ବା: ଜଟାବାଲ |
| ୨୧୨/୧୫୩୧ | ରୟତି | ୫୬/୯ | ବଗାୟତ | ୦.୦୩୪ | ୦.୦୩୪ | ମହମ୍ମଦ ମୁଜ୍ଜାଉଦ୍ଦୀନ, ପି: ମହମ୍ମଦ ସବୁଦ୍ଦିନ, ଜା: ମୁସଲମାନ, ବା: ଜଟାବାଲ |
| ୨୧୨/୯୧୬(ଏ) | ରୟତି | ୫୬/୧୩୪୩ | ବଗାୟତ | ୦.୦୪୧ | ୦.୦୪୧ | ଭଗବାନ ରାଉତ, ପି: କୁରିଆ ରାଉତ, ବା: ଜୟପୁର |
| ୨୧୨/୨୫୯ | ରୟତି | ୬୧ | ଘରବାରି | ୧.୬୪୦ | ୧.୬୪୦ | ଜାମ୍ପାନୀ କୋଣ୍ଡାମ୍ମା, ସ୍ୱା: ଜାମ୍ପାନୀ ଭେଙ୍କେଟେଶ୍ୱର ରାଜୁ, ଜା: କ୍ଷେତ୍ରିୟ, ବା: ତେଲିସାହି, ନବରଙ୍ଗପୁର |
| ୧୬୨ | ରୟତି | ୬୨ | ଡଙ୍ଗର ଦୁଇ | ୫,୦୦୦ | ୪,୭୪୦ | ସଦାଶିବ ରଥ, ପି: ବ୍ରଜମୋହନ ରଥ, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୨୧୨/୨୫୯ | ରୟତି | ୬୩ | ଘରବାରି | ୩,୬୩୦ | ୨,୯୧୦ | ଜାମ୍ପାନୀ କୋଣ୍ଡାମ୍ମା, ସ୍ୱା: ଜାମ୍ପାନୀ ଭେଙ୍କେଟେଶ୍ୱର ରାଜୁ ଜା-କ୍ଷେତ୍ରିୟ, ବା ତେଲିସାହି, ନବରଙ୍ଗପୁର |
| ୬୭ | ରୟତି | ୬୪ | ଡଙ୍ଗର ଦୁଇ | ୧.୯୫୦ | ୧.୯୪୦ | ତ୍ରିନାଥ ହରିଜନ, ପି: ତ୍ରିଲୋଚନ ହରିଜନ, ଜା: ଡମ୍ବ, ବା: ରାଦବାଗୁଡା |
| ୧୦୩ | ରୟତି | ୧୦୭ | ଡଙ୍ଗର ଦୁଇ | ୧.୦୦୦ | ୦.୩୭୦ | ସଂଯୁକ୍ତା ଖଡଗରାୟ, ସ୍ୱା: ମନ୍ମଥ ମୋହନ ଖଡଗରାୟ, ଅରୁଣ କୁମାର ଖଡଗରାୟ, ଆରତୀ ଖଡଗରାୟ, ପି: ମନ୍ମଥ ମୋହନ ଖଡଗରାୟ, ଜା- ବ୍ରାହ୍ମଣ, ବା-ନବରଙ୍ଗପୁର |
| ୨୧୨/୧୭୧୯ | ରୟତି | ୧୦୭/୨ | ଡଙ୍ଗର ଦୁଇ | ୧.୪୮୦ | ୦.୧୮୦ | ଅଶୋକ ଦାସ, ପି: ସୁବାଶ ଚନ୍ଦ୍ର ଦାସ, ଜା- ବ୍ରାହ୍ମଣ, ବା-ନବରଙ୍ଗପୁର |
| ୧୧୮ | ରୟତି | ୧୦୫ | ଡଙ୍ଗର ଦୁଇ | ୨.୦୦୦ | ୧.୬୮୫ | ମଇନା ଜାନୀ, ପି: ଧନ ଜାନୀ, ଜା: ପରଜା, ବା: ନିଜଗାଁ |
| ୨୧୨/୧୦୨୫ | ରୟତି | ୮୩ | ଡଙ୍ଗର ଦୁଇ | ୦.୮୫୦ | ୦.୮୫୦ | ଜତିନ୍ଦ୍ର ସଗରିଆ, ପି: ପଦୁ ସଗରିଆ, ଜା: ଡମ୍ବ, ବା: କୁସୁମି |
| ୨୧୨/୭୮୮ | ରୟତି | ୮୩/୧୨୧୯ | ଡଙ୍ଗର ଦୁଇ | ୦.୩୪୦ | ୦.୧୯୯ | ନଳିନୀପ୍ରଭା ନାୟକ, ସ୍ୱା-ଦୟାପାତ୍ର ନାୟକ, ଜା: ଡମ୍ବ,ଖ୍ରୀଷ୍ଟିୟାନ, ବା: କାମଡା ତେନ୍ତୁଲିଖୁଣ୍ଟି |
| ୨୧୨/୧୨୮୪ | ରୟତି | ୮୩/୧୨୧୯/ ୧୬୯୬ | ଡଙ୍ଗର ଦୁଇ | ୦.୧୦୦ | ୦.୧୦୦ | ଟଙ୍କଧର ଟାକ୍ରି, ପି: କୁମାର ଟାକ୍ରି, ଜା: ଡମ୍ବ, ବା: ବିଞ୍ଜିଗୁଡା |
| ୨୧୨/୧୪୩୫ | ରୟତି | ୮୩/୧୨୧୯/୨ | ଘରବାରି | ୦.୦୫୦ | ୦.୦୫୦ | ସନ୍ତୋଷ କୁମାର ହରିଜନ, ପି: ତିଳ ହରିଜନ, ଜା: ଡମ୍ବ, ବା: କୁକୁଡାବାଇ, ଥାନା- ନବରଙ୍ଗପୁର, ତହସିଲ-ତେନ୍ତୁଲିଖୁଣ୍ଟି |
| ୨୧୨/୧୪୩୪ | ରୟତି | ୮୩/୧୨୧୯/୩/୧ | ଡଙ୍ଗର ଦୁଇ | ୦.୧୨୦ | ୦.୧୨୦ | ନକୁଳ ହରିଜନ, ପି: ରତନ ହରିଜନ, ଜା: ଡମ୍ବ, ବା-କେନ୍ଦୁଗୁଡା |
| ୨୧୨/୧୭୦୬ | ରୟତି | ୮୩/୧୨୧୯/୩ | ଡଙ୍ଗର ଦୁଇ | ୦.୦୮୦ | ୦.୦୮୦ | ହେମନ୍ତ ହରିଜନ, ପି: ଘାସି ହରିଜନ, ଜା: ଡମ୍ବ, ବା: ଅଞ୍ଚଳଗୁମା |
| ୨୧୨/୧୭୬୯ | ରୟତି | ୮୩/୧୨୧୯/୪ | ଡଙ୍ଗର ଦୁଇ | ୦.୦୬୦ | ୦.୦୬୦ | ରଞ୍ଜନ କୁମାର ପଟ୍ଟନାୟକ, ପି: ଅଭିମନ୍ୟୁ ପଟ୍ଟନାୟକ, ଜା: କରଣ, ବା: ଗ୍ରାମ-ଚିଲିଗୁଡା, ଜୟପୁର |
| ୨୧୫ | ରୟତି | ୮୪ | ପତିତ | ୦.୭୧୦ | ୦.୫୫୦ | ଆବାଦ ଯୋଗ୍ୟ ଅନାବାଦି |
| ୧୭୦ | ରୟତି | ୮୫ | ଡଙ୍ଗର ଦୁଇ | ୨.୦୦୦ | ୨.୦୦୦ | ସାଧୁ ହରିଜନ, ପି: ପଦ୍ମନାଭ ହରିଜନ, ଜା: ଡମ, ବା: ନିଜଗାଁ |
| ୨୧୨/୮ | ରୟତି | ୮୭ | ଡଙ୍ଗର ଦୁଇ | ୨.୧୪୦ | ୧.୮୫୦ | ଶ୍ରୀ କାକାଲାପୁ ରବିପ୍ରସାଦ, ପି: ଶ୍ରୀ କାକାଲାପୁ ସତ୍ୟନାରାୟଣ, ଜା: କୁମ୍ଭାରୀ, ବା: ନବରଙ୍ଗପୁର |
| ୧୧୪ | ରୟତି | ୭୫ | ଧାନ ଦୁଇ | ୧.୦୪୦ | ୦.୭୬୦ | ଶିବ ଅମନାତ୍ୟ, ପି: ଭଗତ ଅମନାତ୍ୟ, ଜା: ଅମନାତ୍ୟ, ବା: ଦଳେଇଗୁଡା |
| ୧୧୪ | ରୟତି | ୭୪ | ଧାନ ଦୁଇ | ୦.୫୬୦ | ୦.୫୬୦ | ଶିବ ଅମନାତ୍ୟ, ପି: ଭଗତ ଅମନାତ୍ୟ, ଜା: ଅମନାତ୍ୟ, ବା: ଦଳେଇଗୁଡା |
| ୨୧୨/୧୪୦ | ରୟତି | ୭୨ | ଡଙ୍ଗର ଦୁଇ | ୧.୦୫୦ | ୦.୭୪୦ | ଦରାଲକ୍ଷ୍ମୀ ସ୍ୱା: ସତ୍ୟନାରାୟଣ, ଜା-କୁମାରୀ, ବା: ଦଣ୍ଡାସିସାହି |
| ୨୧୨/୧୬୧ | ରୟତି | ୬୫ | ଡଙ୍ଗର ଦୁଇ | ୨.୧୫୦ | ୦.୦୬୦ | ଭବାନୀ ପଟ୍ଟନାୟକ, ପି: ସୁଧାକର ପଟ୍ଟନାୟକ, ଜା: କରଣ, ବା: ଚାମୁରିଆଗଡ, ନବରଙ୍ଗପୁର |
| ୨୧୨/୧୦୪୦ | ରୟତି | ୮୬/୧୪୬୯ | ଡଙ୍ଗର ଦୁଇ | ୦.୪୫୦ | ୦.୪୫୦ | ଘାସି ହରିଜନ, ପି: ସାଧୁ ହରିଜନ, ଜା: ଡମ୍ବ, ବା: ଭବସିଂ ହରିଜନ, ସ୍ୱା: ଘାସି ହରିଜନ, ବା: ଡମ୍ବ, ବା: ଗାଦବାଗୁଡା |
| ୨୧୨/୧୦୪୧ | ରୟତି | ୮୬ | ଘରବାରି | ୦.୪୫୦ | ୦.୨୮୦ | ଦେବ ହରିଜନ, ପି- ସାଧୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା: ନିଜଗାଁ |
| ୨୧୨/୧୦୪୨ | ରୟତି | ୮୬/୧୪୭୧ | ଘରବାରି | ୦.୪୫୦ | ୦.୦୧୦ | ଗୁରୁ ହରିଜନ, ପି: ସାଧୁ ହରିଜନ, ଘାସିନୀ ହରିଜନ, ସ୍ୱା-ଗୁରୁ ହରିଜନ ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ନିଜଗାଁ |
| ୨୧୨/୧୦୫୮ | ରୟତି | ୭୯ | ଘରବାରି | ୦.୫୪୦ | ୦.୫୪୦ | ଚୁନ ହରିଜନ, ପି-ରଘୁନାଥ ହରିଜନ, ଜା-ଡମ୍ବ, ବା-ଦୋଳେଇଗୁଡା |
| ୨୧୨/୧୦୫୭ | ରୟତି | ୭୯/୧୪୮୭ | ଡଙ୍ଗର ଏକ | ୦.୫୪୦ | ୦.୫୪୦ | ଅନିଲ ହରିଜନ, ପି-ରଘୁନାଥ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦୋଳେଇଗୁଡା |
| ୨୧୨/୧୦୫୩ | ରୟତି | ୭୭/୧୪୮୩ | ଡଙ୍ଗର ଏକ | ୧.୦୦୦ | ୧.୦୦୦ | ଲକ୍ଷ୍ମଣ ହରିଜନ, ପି-ଡମ୍ବରୁ ହରିଜନ, ନେତ୍ରୀ ହରିଜନ, ସ୍ୱା- ଲକ୍ଷ୍ମଣ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦଳେଇଗୁଡା |
| ୨୧୨/୧୮୬୨ | ରୟତି | ୮୩/୧ | ଘରବାରି | ୦.୧୦୦ | ୦.୧୦୦ | ପୂର୍ଣ୍ଣ ଚନ୍ଦ୍ର ହରିଜନ, ପି: ଘନ ହରିଜନ, ବା: ପାତ୍ରପୁଟ |
| ୨୧୨/୧୮୬୧ | ରୟତି | ୮୩/୧/୧୮୮୪ | ଘରବାରି | ୦.୧୦୦ | ୦.୧୦୦ | ଶ୍ୟାମ ହରିଜନ, ପି: ଲକ୍ଷ୍ମଣ ହରିଜନ, ବା: ପଟାଗୁଡା |
| ୨୧୨/୧୫୮୧ | ରୟତି | ୧୦୨ | ଡଙ୍ଗର ଦୁଇ | ୦.୧୯୮ | ୦.୦୫୦ | ଗ୍ଲେଜ ହାଉସିଂ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ୍ ତରଫେ ମନମୋହନ ପଣ୍ଡା, ପି: ମୃତ ବିପିନ ଚନ୍ଦ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ଗ୍ରାମ-ନୂଆ ବନ୍ଧ ସାହି |
| ୨୧୨/୧୦୪୭ | ରୟତି | ୭୩/୧୪୭୬ | ଡଙ୍ଗର ଏକ | ୧.୦୦୦ | ୦.୬୫୦ | ବୁଦୁ ହରିଜନ, ପି: ଡମ୍ବରୁ ହରିଜନ ମଣିମା ହରିଜନ, ସ୍ୱା-ବୁଦୁ ହରିଜନ, ଜା- ଡମ୍ବ ଖ୍ରୀଷ୍ଟିୟାନ, ବା-ଦଳେଇଗୁଡା |
| ୨୧୨/୧୮୫୨ | ରୟତି | ୮୩/୧୨୧୯/ ୧୮୭୫ | ଡଙ୍ଗର ଦୁଇ | ୦.୧୪୧ | ୦.୧୪୧ | ଯୁଗଳ ହରିଜନ, ପି: ଅର୍ଜୁନ ହରିଜନ, ଜା: ଡମ୍ବ, ବା: ଗ୍ରାମ- ଇଚ୍ଛାବତୀ ଗୁଡା |
| ୨୧୨/୧୫୬୭ | ରୟତି | ୫୬/୧୨୫୧/୧ | ବଗାୟତ | ୦.୦୦୧ | ୦.୦୦୧ | ରଜନୀ କୁମାର ସାହୁ, ପି: ମାଧୁରୀ ସାହୁ, ଜା: ଗୁଡିଆ, ବା-ଇଚ୍ଛାବତୀ ଗୁଡା |
| ୨୧୨/୧୫୬୭ | ରୟତି | ୫୭/୨ | ବଗାୟତ | ୦.୦୭୬ | ୦.୦୭୬ | ହେମଲତା ଜୈନ, ସ୍ୱା: ବିନୋଦ କୁମାର ଜୈନ, ଜା: ଜୈନ, ବା: ସୁନାରି ସାହି, ନବରଙ୍ଗପୁର |
| ୨୧୨/୭୭୭ | ରୟତି | ୫୭/୧୨୦୮ | ବଗାୟତ | ୦.୦୪୦ | ୦.୦୪୦ | ସୁଧୀର ଚନ୍ଦ୍ର ସାହୁ, ପି: ବସନ୍ତ କୁମାର ସାହୁ, ଜା: ବ୍ରାହ୍ମଣ, ବା: ଇରିଗେସନ୍ କଲୋନୀ, ଜୟପୁର, ଜି-କୋରାପୁଟ |
| ୨୧୨/୧୮୫୪ | ରୟତି | ୫୭/୧୮୭୬ | ବଗାୟତ | ୦.୦୩୮ | ୦.୦୩୮ | ନୁର ଜାହାନ ବିବି, ସ୍ୱା: ମୃତ ମହମ୍ମଦ ସଫି, ଜା: ମୁସଲମାନ, ବା ଗ୍ରାମ-ଭାଟିସାଲଗୁଡା |

# ପ୍ରାପ୍ତ ପୁସ୍ତକ

## 'ମାଆ ମାଆ ବୋଲି କେତେ ମୁଁ ଖୋଜିଲି'

**ପୁସ୍ତକର ନାମ–ମୋ ମାଆ ମୋ ପ୍ରେରଣା**
**ଲେଖକ– ଅଚ୍ୟୁତ ସାମନ୍ତ**
**ପ୍ରକାଶକ– ଜୀବନାନନ୍ଦ ମିଶ୍ର, ବିଦ୍ୟାପୁରୀ, ବାଲୁବଜାର, କଟକ**
**ପ୍ରଚ୍ଛଦ– ବିଜୟ କୁମାର ପ୍ରଧାନ**
**ପୁସ୍ତକର ମୂଲ୍ୟ– ୩୫୦ ଟଙ୍କା**




ଆଧୁନିକ ଓଡ଼ିଶାର ବରପୁତ୍ର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରଚିତ ପଦ୍ୟରୁ ପ୍ରଥମ ଅଂଶଟିରେ ଥିଲା–'ମାଆ ମାଆ ବୋଲି କେତେ ମୁଁ ଖୋଜିଲି ମାଆକୁ ପାଇଲି ନାହିଁ । ଭାଇ ଭାଇ ବୋଲି କେତେ ମୁଁ ଡାକିଲି ନ ଦେଲେ ଉତ୍ତର କେହି...' । ଓଡ଼ିଆ ଜାତି ଦୁର୍ଦ୍ଦଶାଗ୍ରସ୍ତ ହୋଇଥିଲାବେଳେ ମଧୁବାବୁଙ୍କ ଏ ପଦ୍ୟାଂଶ ଓଡ଼ିଶାର ଅଗଣିତ ମା'ଙ୍କୁ ଓଡ଼ିଆ ଜାତି ପାଇଁ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲା । ଅନେକ ଓଡ଼ିଆ ଭାଇ ସେତେବେଳେ ହୁଏତ ଉତ୍ତର ଦେଇ ନଥିଲେ, କିନ୍ତୁ ମଧୁବାବୁଙ୍କ କଥା ମାନି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ପରେ ସେମାନେ ଅଣ୍ଟା ଭିଡିଥିଲେ । ମାତ୍ର ଓଡ଼ିଶା ପ୍ରଦେଶ ତାହାର ଶତବାର୍ଷିକ ପାଳନ ଲାଗି ଆଉ ଯୁଗଟିଏ ଠାରୁ ବର୍ଷଟିଏ କମ୍ ରହିଛି ସତ, ଆମକୁ ପ୍ରେରଣା ଦେବାକୁ ସତେ ଯେପରି କି ଓଡ଼ିଶାରେ ଆହୁରି ଆହୁରି ମା'ମାନେ ଆଗେଇ ଆସିବା ସହ ଭାଇମାନେ ଉତ୍ତର ଦେବା ପାଇଁ ପ୍ରସ୍ତୁତ ହେବା ଦରକାର ।

ନିକଟରେ ଉନ୍ମୋଚିତ ହୋଇଥିବା ଶିକ୍ଷାବିତ୍ ଓ ପୂର୍ବତନ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ 'ମୋ ମାଆ ମୋ ପ୍ରେରଣା' ପୁସ୍ତକଟି ବେଶ୍ ପ୍ରେରଣାପ୍ରଦ ବୋଲି ମନେ ହୋଇଥାଏ । ପିଲାମାନେ ନିଜ ମା' ବାପାଙ୍କ ଜୀବନୀ ଲେଖିବାକୁ ବସିଲେ ଖୁବ୍ ଭଲ ହୁଅନ୍ତା । କେହି କେହି କହି ପାରନ୍ତି, ନିଜର ମା' ବାପାଙ୍କୁ ସମାଲୋଚନା କରିବାକୁ ପିଲାମାନେ ହୁଏତ ପଛେଇବେ । ମାତ୍ର ଏ କଥାଟି ଠିକ୍ ନୁହେଁ । ପିଲାମାନେ ଯେତେ ଭଲ ଭାବେ ନିଜ ବାପା ମା'ଙ୍କ ବିଷୟରେ ଲେଖିପାରିବେ, ଭାବାବେଗରେ ହେଉ ପଛେ, ତାହା ଆମମାନଙ୍କ ପାଇଁ ଖୁବ୍ ଉପାଦେୟ ହେବ ବୋଲି ମନେ ହୋଇଥାଏ । ଉଦାହରଣସ୍ୱରୂପ ଶିକ୍ଷାବିତ୍, ଦାର୍ଶନିକ ଓ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପୁତ୍ର ସର୍ବପଲ୍ଲୀ ଗୋପାଳ ଭାରତର ଜଣେ ବିଶିଷ୍ଟ ଐତିହାସିକ । ସେ ସ୍ୱର୍ଗାରୋହଣ କଲେଣି ୨୦୦୨ ଏପ୍ରିଲ ୨୦ ତାରିଖରୁ । ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହରୁଙ୍କ ଜୀବନଚରିତ ଲେଖି ଖ୍ୟାତି ଅର୍ଜନ କରିଥିଲେ । ପରେ ପରେ ପିତା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଲେଖି ସେ ମଧ୍ୟ ପାଠକୀୟ ଆଦୃତ ପାଇପାରିଥିଲେ ।

ଅଚ୍ୟୁତଙ୍କ ମାତା ନୀଳିମାରାଣୀ ସାମନ୍ତ (୧୯୨୭–୨୦୧୬) ଜଣେ ବଡ଼ ଘରର କନ୍ୟା ଥିଲେ । ମାତ୍ର ଚାଳିଶ ବର୍ଷ ବୟସରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୁଏ ଏକ ଟ୍ରେନ ଦୁର୍ଘଟଣାରେ । ତାଙ୍କର ସଂଘର୍ଷମୟ ଓ ତ୍ୟାଗପୂର୍ଣ୍ଣ ଜୀବନ ଚରିତକୁ ଡକ୍ଟର ସାମନ୍ତ ଏହି ପୁସ୍ତକରେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଏପରିକି ଡକ୍ଟର ସାମନ୍ତଙ୍କ ସଂଘର୍ଷମୟ ଜୀବନର ଚିତ୍ର ମଧ୍ୟ ଏଥିରେ ପ୍ରତିଫଳିତ । ତେବେ ଜୀବନୀ ମଧ୍ୟରେ ଏହା ଏକ ମନୋଜ୍ଞ ଆତ୍ମଜୀବନୀ (Auto Biography) ବୋଲି ମନେ ହୋଇଥାଏ ।

ମେକ୍ସିମ ଗର୍କୀ 'ମଦର' ବା 'ମା' ଉପନ୍ୟାସ ଲେଖିଥିଲେ, ଯାହା ରୁଷ ଭାଷାରେ ୧୯୦୭ରେ ପ୍ରକାଶ ପାଇଥିଲା । ୧୯୦୬ରେ ଏହା ପ୍ରଥମେ ଏକ ପତ୍ରିକାରେ ପ୍ରକାଶ ପାଇ ଆସୁଥିଲା । ନିଜେ ଗର୍କୀ ଉପନ୍ୟାସ ଭଲ ପାଉ ନଥିଲେ । ଅଥଚ କାରଖାନା ଶ୍ରମିକଙ୍କ ବିପ୍ଳବ ଆଧାରରେ ସେ ଯେଉଁ 'ମା' ଉପନ୍ୟାସ ଲେଖିଥିଲେ, ତାହା ବେଶ୍ ସଫଳ ହୋଇଥିଲା । ଇଂରାଜୀ ସମେତ ଅନେକ ଭାଷାରେ ତାହା ରୂପାନ୍ତରିତ ହୋଇଛି । ସେହିପରି ଏହି ପୁସ୍ତକଟିକୁ ଶ୍ରୀ ସାମନ୍ତ ବିଭିନ୍ନ ଭାଷାକୁ ରୂପାନ୍ତରିତ କରନ୍ତୁ, ଯାହା ନୂତନ ପିଢ଼ିଙ୍କ ପାଇଁ ପ୍ରେରଣାପ୍ରଦ ହେବ । ପୁସ୍ତକଟିର ସର୍ବ ସଫଳତା ଆମେ କାମନା କରୁଛୁଁ ।

(ଗୁରୁକଲ୍ୟାଣ ମହାପାତ୍ର)

# କବିତା

## ନବ ବର୍ଷ ଭାବନା

**ଡକ୍ଟର ମନୋରଞ୍ଜନ ବିଷୋୟୀ**

କେବେ ନ ଆସିବାକୁ
ବାରମ୍ବାର ତାଗିଦ୍ ପରେ ବି
ବେଳେବେଳେ ଫେରିଆସେ
ମୋ ଅତୀତ ।
ଦେଖିବାକୁ
କେମିତି କାଟୁଛି ମୁଁ
ବର୍ତ୍ତମାନର ମୁହୂର୍ତ୍ତ ।
ହେଲେ ଅତୀତ ଓ ବର୍ତ୍ତମାନର
ଏ ଅଜବ ଖେଳ ଭିତରେ
କେହି ଜିତନ୍ତି ନାହିଁ
ଲୁହ ଢାଳିବା ବ୍ୟତୀତ ।
ତେଣୁ ତ ମୋ ଅତୀତ
ଏବେ ବର୍ତ୍ତମାନ ସହ
ଚୁକ୍ତି କରିଛି
ନୂଆ ବର୍ଷରେ ପାଇବାକୁ
ଆକାଂକ୍ଷିତ ମୁହୂର୍ତ୍ତ ।


**ସ୍ନାତକୋତ୍ତର ଓଡ଼ିଆ ବିଭାଗ**
**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ,**
**ବ୍ରହ୍ମପୁର**
**ମୋ–୮୮୯୫୧୪୧୭୨୭**

## ମୁଁ ସେଇ

**ଶୁଭଶ୍ରୀ ଜେନା**

ତୁମ ଆଉ ମୋ ସମ୍ପର୍କ
ଆଜି ଲାଗେ ଯେମିତି ଏକ
ନୂତନ ମୁଦ୍ରିତ ପୁସ୍ତକର
ପ୍ରଥମ ସଂସ୍କରଣ,
ଯେଉଁଥିରେ ଭରି ରହିଛି
ପ୍ରେମର ଅସରନ୍ତି ମୋଦକ ।
ତୁମେ ସେଇ ପୁସ୍ତକର ପ୍ରଥମ ପୃଷ୍ଠା
ଯାହା ତୁମଠାରୁ ଆରମ୍ଭ ଆଉ ମୁଁ
ପୁସ୍ତକର ଶେଷ ପୃଷ୍ଠା ହେବାପାଇଁ ଚାହେଁ
ଯାହାରକି ଆଦି ଆଉ ଅନ୍ତରେ
ଆମେ ଦୁହେଁ ସମାହିତ ।
ମୁଁ ମେଘୁଆ ଆକାଶରେ ଝିପି ଝିପି ବର୍ଷା
ଆଉ ତୁମେ, ତାକୁ ଉଡେଇ ନେଉଥିବା
ଅମାନିଆ ଶୀତଳ ବାଆ ,
ଅନ୍ଧାରିଆ ମେଘୁଆ ବର୍ଷା ଭିଜା ରାତ୍ରି
ଥରେଇ ଦିଏ ତନୁ ଆଉ ମନ ।
ମୁଁ , ଭରା ନଈର ନୀଳ ଜଳରାଶିରେ
ଭାସିଯାଉଥିବା ନଉକା
ତୁମେ, ଆହୁଲା ମାରି
କୂଳେ ଲଗାଇଦେଉଥିବା ନାଉରି
ସଦ୍ୟଜାତ ଶିଶୁ ଶାବକଟି ହେଲେ ମୁଁ
ତୁମେ, ତୁମ ବିଶାଳ ପକ୍ଷ ମେଲାଇ
ଶ୍ରାବଣର ବାରିଧି, ପଉଷର ଶୀତ,
ଆଉ ବୈଶାଖର ଗ୍ରୀଷ୍ମରୁ ରକ୍ଷା କରିଥାଅ ।
ତୁମେ ସେଇ ସୂର୍ଯ୍ୟ ସମ
ଜୀବଜଗତକୁ ଜୀବନ୍ୟାସ ଦେଉଥିବା
ବିଶେଷ ବ୍ୟକ୍ତିତ୍ୱ
ଆଉ ମୁଁ ସେଇ, ତୁମ ଜୀବନର ଉଦିତ ସୂର୍ଯ୍ୟର
ରକ୍ତିମ ଆଭା, ଆଉ ଅସ୍ତ ସମୟର
ସୁନେଲି ସ୍ୱର୍ଣ୍ଣିମ ସନ୍ଧ୍ୟା ।

**ଜଗତସିଂହପୁର**
**ମୋ– ୭୩୮୧୪୦୨୫୨୮**



# ଆଧୁନିକ ଓଡ଼ିଆ କବିତା ଓ ରମାକାନ୍ତ ରଥ-୨



**ଅଖିଳ କୁମାର ମିଶ୍ର**

ସେ ସମୟର ଅନେକ କବି – ଯେପରିକି ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଏବଂ ଅନ୍ୟମାନଙ୍କ – ଶୂନ୍ୟତା ଏବଂ ଅସ୍ତିତ୍ୱଗତ ହତାଶାର ଏହି ବିଷୟବସ୍ତୁଗୁଡ଼ିକୁ ଗ୍ରହଣ କରିଥିଲେ । ଗାନ୍ଧିବାଦ ଏବଂ ମାର୍କ୍ସବାଦ ଭଳି ଚିନ୍ତାଧାରାର ପ୍ରଭାବ ମଧ୍ୟ ସ୍ପଷ୍ଟ ଥିଲା, ଯଦିଓ ଗାନ୍ଧିବାଦୀ ମୂଲ୍ୟବୋଧର ଅବନତି ସମାଲୋଚନାର ଏକ ସାଧାରଣ ବିଷୟ ହୋଇଗଲା ।


ଭାରତ ଏବଂ ବିଶ୍ୱରେ ଘଟୁଥିବା ଆଧୁନିକ ଘଟଣା, ମାନବ ଭାବନାର ରଙ୍ଗ, ଜୀବନର ନୂତନ ବାସ୍ତବତା ଏବଂ ସାମାଜିକ ଆନ୍ଦୋଳନ ପାଇଁ ସିନେମା, କଳା ଏବଂ କବିତାରେ ମୁକ୍ତ ପ୍ରକାଶନର ଆବଶ୍ୟକତା ଥିଲା । ଫଳସ୍ୱରୂପ, ସବୁଠି ମୁକ୍ତ ପଦ୍ୟ ଆରମ୍ଭ ହୋଇଥିଲା ଏବଂ ଓଡ଼ିଆ କବିତା ମଧ୍ୟ ଏହାର ବ୍ୟତିକ୍ରମ ନଥିଲା । ଆମେ ସେ ସମୟର ପ୍ରମୁଖ କବିମାନଙ୍କ ଅବଦାନକୁ ମନେ ରଖିପାରିବା ଯଥା ସଚ୍ଚିଦାନନ୍ଦ ରାଉତରାୟ, ଗୁରୁ ପ୍ରସାଦ ମହାନ୍ତି ଏବଂ ଭାନୁଜୀ ରାଓ । ଏହି କବିମାନେ ସମ୍ମିଳନୀ କବିତା ଲେଖାରୁ ନିଜକୁ ଅଲଗା କରି ନୂତନ କଳ୍ପନା ସହିତ କବିତାକୁ ସଂଯୋଜିତ କରିଥିଲେ । ସେମାନେ ମାନବ ପରିସ୍ଥିତି ଏବଂ ଜୀବନର ମୃତ୍ୟୁ ସହିତ ପରୀକ୍ଷଣ କରିଥିଲେ । ସେମାନେ କବିତାରେ କେନ୍ଦ୍ରୀୟ ଚରିତ୍ର ଭାବରେ ସାଧାରଣ ପୁରୁଷ ଏବଂ ମହିଳାଙ୍କ ସ୍ଥାନକୁ ସମର୍ଥନ କରିଥିଲେ । ସେହି କାର୍ଯ୍ୟ ଧାଡିରେ, ରାମକାନ୍ତ ରଥ, ସୀତକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ସୌଭାଗ୍ୟ କୁମାର ମିଶ୍ର, ପ୍ରସନ୍ନ ମିଶ୍ରଙ୍କ ପରି ଅନ୍ୟ କବିମାନେ ଏହି କବିତା ଆନ୍ଦୋଳନକୁ ଆଗକୁ ନେଇଥିଲେ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ସବୁଠାରୁ ପ୍ରଭାବଶାଳୀ କବି ଭାବରେ ରମାକାନ୍ତ ରଥଙ୍କୁ ବହୁଳ ଭାବରେ ସ୍ୱୀକୃତି ଦିଆଯାଇଛି । ତାଙ୍କର ପ୍ରାରମ୍ଭିକ କୃତିଗୁଡ଼ିକ ତୀବ୍ର ବୌଦ୍ଧିକତା ଏବଂ ଏକ ସୁଚିନ୍ତିତ ଅନ୍ଧକାର ଦ୍ୱାରା ଚିହ୍ନିତ ହୋଇଥିଲା ଯାହା ତାଙ୍କୁ ତାଙ୍କ ସମସାମୟିକଙ୍କଠାରୁ ଭିନ୍ନ କରିଥିଲା । 'କେତେ ଦିନର' ଏବଂ 'ଅନେକ କୋଠାରୀ' ଭଳି କବିତା ସଂଗ୍ରହ ସହିତ, ସେ ବ୍ୟକ୍ତିବାଦୀ ପ୍ରତୀକ, ସାରାଂଶ ଚିତ୍ର ଏବଂ ଏକ ଗଭୀର ଦାର୍ଶନିକ ସ୍ୱର ଦ୍ୱାରା ବର୍ଣ୍ଣିତ ଅନନ୍ୟ ସାହିତ୍ୟିକ ପରିଚୟ ପ୍ରତିଷ୍ଠା କରିଥିଲେ । ଏହି ଲେଖାଗୁଡ଼ିକ ଜଣେ ଅସ୍ପଷ୍ଟ କବି ଭାବରେ ତାଙ୍କର ଖ୍ୟାତିର ମୂଳଦୁଆ ପକାଇଥିଲା, ଯିଏ ସାଧାରଣ ପାଠକଙ୍କ ସାଧାରଣ ଧାରଣା ବାହାରେ ବିଷୟବସ୍ତୁ ଅନୁସନ୍ଧାନ କରୁଥିଲେ ।

**ଶ୍ରୀ ରଥଙ୍କ ସହିତ ମୋର ପାରସ୍ପରିକ କ୍ରିୟା ପ୍ରାୟ ୩୫ ବର୍ଷ ପୂର୍ବେ ଯେତେବେଳେ ମୁଁ ଛାତ୍ର ଥିଲି ସେତେବେଳେ ଆରମ୍ଭ ହୋଇଥିଲା । ୧୯୯୧ ମସିହାରେ ରେଭେନସା ପୂର୍ବ ହଷ୍ଟେଲ ପତ୍ରିକା 'ଜାଗରଣ'ର ସମ୍ପାଦକ ଭାବରେ, ମୁଁ ଏକ ତାଲିକା ପ୍ରସ୍ତୁତ କଲି, ଯେଉଁଥିରେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ରମାକାନ୍ତ ରଥ ଏବଂ ସୀତାକାନ୍ତ ମହାପାତ୍ର, ଯେଉଁମାନେ 'ଜାଗରଣ' ସମ୍ପାଦନା କରିଥିଲେ । ଗତ କିଛି ଦଶନ୍ଧି ଧରି, ମୁଁ ତାଙ୍କୁ ଜଣେ ଶାନ୍ତ ଏବଂ ଗଭୀର ଭାବରେ ପ୍ରତିଦାନଶୀଳ କାବ୍ୟିକ ଆତ୍ମା ଭାବରେ ଦେଖିଛି ।**

ରଥଙ୍କ କାବ୍ୟିକ ଯାତ୍ରା ଆଗକୁ ବଢ଼ିବା ସହିତ, ସେ ଶୈଳୀ ଏବଂ ସମ୍ବେଦନଶୀଳତା ଉଭୟରେ ବିକଶିତ ହୋଇଥିଲେ । 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ' ଏବଂ 'ସଚିତ୍ର ଅନ୍ଧାର' ଭଳି କୃତି ତାଙ୍କର ପ୍ରାରମ୍ଭିକ ବିଷୟବସ୍ତୁକୁ ଜାରି ରଖିଥିଲା, କିନ୍ତୁ 'ଶ୍ରୀରାଧା' ସହିତ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିଲା । ଏହି ସମୟରୁ, ରଥଙ୍କ କବିତାଗୁଡ଼ିକ ଅଧିକ ଘନିଷ୍ଠ ଏବଂ ଭାବପ୍ରବଣ ହୋଇଗଲା–ଏକ ସରଳ ଅଥଚ ଗଭୀର ଆଭିମୁଖ୍ୟ ପ୍ରଦାନ କଲା । ସମାଲୋଚକମାନେ ପ୍ରାୟତଃ ତାଙ୍କୁ ବୌଦ୍ଧିକତାର ଦୃଷ୍ଟିକୋଣରୁ ଦେଖିବା ଜାରି ରଖିଥିଲେ, କିନ୍ତୁ ଏହି ପର୍ଯ୍ୟାୟ ତାଙ୍କୁ ତାଙ୍କ ପାଠକଙ୍କ ହୃଦୟର ନିକଟତର କରିଥିଲା । ତାଙ୍କର କବିତା ଏହାର ଦାର୍ଶନିକ ମୂଳକୁ ବଜାୟ ରଖି ବ୍ୟାପକ ଦର୍ଶକଙ୍କ ସହିତ ପ୍ରତିଧ୍ୱନିତ ହେବାକୁ ଲାଗିଲା ।

କବି ରମାକାନ୍ତଙ୍କ ଜଗତକୁ ଅନ୍ଧାର, ନୀରବ ପାଦଚିହ୍ନ ଏବଂ ଚାଲିଯାଇଥିବା ନିର୍ଦ୍ଦୋଷତାର ପ୍ରତିଧ୍ୱନି ଭାବରେ ବର୍ଣ୍ଣନା କରାଯାଇପାରେ । ତାଙ୍କର ଅଭିଜ୍ଞତାକୁ ଧରି ରଖିବା ଏବଂ ସୂକ୍ଷ୍ମ ବିଡ଼ମ୍ବନା ଏବଂ ଭାବପ୍ରବଣ ସଂଯମତା ସହିତ ଏହାର ସ୍ତରଗୁଡ଼ିକୁ ଅନୁସନ୍ଧାନ କରିବାର କ୍ଷମତା ଥିଲା । ୧୯୬୦ ଦଶକର ଯୁବ କବିମାନଙ୍କ ଉପରେ ରଥଙ୍କ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଥିଲା, ମୁଖ୍ୟତଃ ରୂପ ଏବଂ ଶୈଳୀରେ ବେଶୀ ପ୍ରଭାବ ପକାଉଥିଲା ।



ରଥଙ୍କ କବିତାର ଦାର୍ଶନିକ ଏବଂ ଅସ୍ତିତ୍ୱବାଦୀ ବିଷୟବସ୍ତୁ ସହିତ ଏକ ଗଭୀର ସମ୍ପର୍କ ରହିଛି । ତାଙ୍କର ପଦ୍ୟ, ଯଦିଓ ପ୍ରାୟତଃ ଗଦ୍ୟ ରୂପ ସଦୃଶ, କାବ୍ୟିକ ଲୟ ଏବଂ ସମ୍ବେଦନଶୀଳତାରେ ପରିପୂର୍ଣ୍ଣ ଅଟେ । 'ଅନେକ କୋଠାରୀ' ଏବଂ 'ସପ୍ତମ ଋତୁ' ଭଳି କବିତା ମାଧ୍ୟମରେ, ସେ ତତ୍ତ୍ୱ ଗତ କ୍ଷେତ୍ରଗୁଡ଼ିକୁ ପରିଭ୍ରମଣ କରିଛନ୍ତି, ଏପରିକି ମୃତ୍ୟୁ ପରେ ଜୀବନର ଦର୍ଶନକୁ ଚିତ୍ରଣ କରିଛନ୍ତି । ରଥଙ୍କ କାର୍ଯ୍ୟ ସଂସ୍କୃତ ଚିନ୍ତାଧାରାର ପ୍ରାଚୀନ ପରମ୍ପରାକୁ ଆଧୁନିକ କାବ୍ୟିକ ଅନୁସନ୍ଧାନ ସହିତ ସେତୁବନ୍ଧିତ କରେ, ମାନବ ଅଭିଜ୍ଞତାର ଚେତନ ଏବଂ ଅବଚେତନ ଉପାଦାନଗୁଡ଼ିକୁ ମିଶ୍ରଣ କରେ । ଏହା କରି, ସେ ଓଡ଼ିଆ କବିତାର ରୂପରେଖାକୁ ପୁନଃପରିଭାଷିତ କରିଛନ୍ତି ଏବଂ ଏହାର ସାହିତ୍ୟିକ ଦୃଶ୍ୟପଟରେ ଏକ ଉଚ୍ଚ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି ।

ଶ୍ରୀ ରଥଙ୍କ ସହିତ ମୋର ପାରସ୍ପରିକ କ୍ରିୟା ପ୍ରାୟ ୩୫ ବର୍ଷ ପୂର୍ବେ ଯେତେବେଳେ ମୁଁ ଛାତ୍ର ଥିଲି ସେତେବେଳେ ଆରମ୍ଭ ହୋଇଥିଲା । ୧୯୯୧ ମସିହାରେ ରେଭେନସା ପୂର୍ବ ହଷ୍ଟେଲ ପତ୍ରିକା 'ଜାଗରଣ'ର ସମ୍ପାଦକ ଭାବରେ, ମୁଁ ଏକ ତାଲିକା ପ୍ରସ୍ତୁତ କଲି, ଯେଉଁଥିରେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ରମାକାନ୍ତ ରଥ ଏବଂ ସୀତାକାନ୍ତ ମହାପାତ୍ର, ଯେଉଁମାନେ 'ଜାଗରଣ' ସମ୍ପାଦନା କରିଥିଲେ । ଗତ କିଛି ଦଶନ୍ଧି ଧରି, ମୁଁ ତାଙ୍କୁ ଜଣେ ଶାନ୍ତ ଏବଂ ଗଭୀର ଭାବରେ ପ୍ରତିଦାନଶୀଳ କାବ୍ୟିକ ଆତ୍ମା ଭାବରେ ଦେଖିଛି ।

ଜଣେ କବି ମରଣଶୀଳ, ତାଙ୍କୁ ଏହି ସୁନ୍ଦର ଦୁନିଆକୁ ବିଦାୟ ଦେବାକୁ ପଡିବ । ତଥାପି, ମାନବଜାତିର ବୃହତ୍ତର ହିତ ପାଇଁ କବିତା ଜାରି ରହିବା ଉଚିତ ।

'ଯଦି ଏକ କବିତା ତୁମର ଆତ୍ମାକୁ ଚିରି ନାହିଁ, ତୁମେ କବିତା ଅନୁଭବ କରିନାହଁ'– ଏଡଗାର ଆଲାନ ପୋ ।

**(ଲେଖକ ଜଣେ ପ୍ରସିଦ୍ଧ ଓଡ଼ିଆ କବି)**
**ଅତିରିକ୍ତ ଡିଜି,ପ୍ରେସ୍ ସୂଚନା ବ୍ୟୁରୋ (ପିଆଇବି), ଭାରତ ସରକାର, ଭୁବନେଶ୍ୱର**

# ସମ୍ପର୍କ ସୂତାରେ ପଶୁ, ମଣିଷ

**ସୁନନ୍ଦା ମହାନ୍ତି**

ଗଳ୍ପ

ସପ୍ତାହର ଶେଷ ଦିନ ରବିବାର । ସ୍କୁଲ ଛୁଟି । ମୁନା ଗଡେଇ ତଡେଇ ହୋଇ ଶୋଉଥିଲା । ଷ୍ଟାର ଡ୍ରିମ ଦେଖୁଥିଲା ପଛେ ଅଳସ ତେଜି ଉଠୁ ନଥିଲା । ଜେଜେମାଆ ଡାକ ଛାଡିଲେ । କହିଲେ 'ଅଳସୁଆ ଦୁଃଖ ପାଏ. ଉଠ୍ ଉଠ୍ ଚଞ୍ଚଳ ଉଠ୍ ଦେଖିବୁ କେମିତି ଠାକୁର ଘରେ ଦୀପ ସଳିତାରେ ଜଗନ୍ନାଥ ଆର୍ବିଭାବ ହୋଇଛନ୍ତି '। ଆଶ୍ଚର୍ଯ୍ୟରେ ଆଖି ମଳି ମଳି ଉଠିଲା ମୁନା । କେତେବଡ ଷ୍ଟାର ଡ୍ରିମ ତାର ଭାଙ୍ଗି ଯାଇଥିଲା । ଗାଙ୍ଗୁଲି, ସଚିନଙ୍କ ପରି କ୍ରିକେଟ ଖେଳାଳିମାନଙ୍କ ସଙ୍ଗେ ବ୍ୟାଟ ବୁଲେଇ ଭାରତୀୟ କ୍ରିକେଟ ଖେଳରେ ସାମିଲ ହେବାର ସ୍ୱପ୍ନ ଜେଜେମାଆଙ୍କ ଯୋଗୁଁ ଭାଙ୍ଗିଯାଇଥିଲା ମୁନାର ।

ପୁଣି ଭାବିଲା ଘରେ ମୂଷାଗୁଡାକ ଭାରି ହଇରାଣ କରୁଛନ୍ତି ବୋଲି ଜେଜେମାଆ, ଜେଜେଙ୍କୁ କହି ମୂଷା ଧରା ଯନ୍ତା କିଣି ଆଣି ସେଥିରେ ରୁଟି, ଛେନା, କଦଳୀ ଇତ୍ୟାଦି ଯେତେ ଯାହା ରଖିଲେ ମଧ୍ୟ ମୂଷା ପଶୁନାହାଁନ୍ତି ବରଂ ଖସି ଯାଉଛନ୍ତି । ଯାହା ଶସ୍ୟ ନଷ୍ଟ କରୁଛନ୍ତି ବୋଲି ମୁନା ବାପା ଖୁବ ବ୍ୟସ୍ତ । ସେଥିପାଇଁ ସେ ସବୁଆଡେ ଗନ୍ଧ କର୍ପୂର ଦେଇ ରଖିଛନ୍ତି ଶସ୍ୟ ସାଇତିକି । ମୂଷା ପଲ ତଥାପି ମାନିବାର ନାହିଁ । ଲୁଗାପଟା କାଟି କୁଟି କଣା କରୁଛନ୍ତି ବୋଲି ମୁନାର ବୋଉ ମନ ଦୁଃଖ କରି ଘରେ ଝୁଣା ଦେଇ ଯେତେ ଯାହା କଲେ ମଧ୍ୟ ଟିକେ ଅଣହୁସିଆର ହେଲେ କଥା ସରିଲା । ଲୁଗାପଟା ଆଉ ଆଲେଣାରେ ରହୁନି କିନ୍ତୁ କମ୍ବଳ ଚାଦରକୁ ତ ଆଉ ସବୁଦିନ ଆଲମିରା କି ସିନ୍ଦୁକ ଅବା ଟ୍ରଙ୍କରେ ରଖିହେବନି ଏ ଶୀତ ଦିନେ ! ମୂଷା ଏତେ କଥା କରିବା ସହ ଏବେ ଜେଜେମାଆଙ୍କ ଠାକୁର ଘର ଉପରେ ନଜର ପକେଇଛି । ଜଳୁଥିବା ଅଖଣ୍ଡ ଦୀପରୁ ବଳିତା କାଢି ନେଉଛି । ଅଲକ୍ଷେଣା ମୂଷାର ଆଜି ଦିନେକୁ ମୋର ଦିନେ କହି ଜେଜେମାଆ, ଜେଜେଙ୍କୁ ମୂଷାମରା ଔଷଧ ଆଣିବାକୁ କହିବାରୁ ସେ ରାଜି ହୋଇଗଲେ । ତାଙ୍କ ଚଷମା ମୂଷା ଫିଙ୍ଗି ଦେଇଥିଲା କୋଉଠି ଘରେ । ପୁଣି ଜେଜେଙ୍କ ବଙ୍କୁଲି ବାଡ଼ି ଅଗ୍ର ଭାଗରେ ଲାଗିଥିବା ସୁନାପରି ଦିଶୁଥିବା ଓ ଚକ ଚକ କରୁଥିବା ବଇଠିଟିକୁ ଦାନ୍ତ ଲଗେଇ ଚେପା କରିବା ପରେ ଏବେ ଏବେ କୁଆଡେ ଫୋପାଡି ଦେଇଛି ତ ଜେଜେ ପାଉନାହାଁନ୍ତି ସେଇଟିକୁ । ସେ ପିତ୍ତଳ ପରି ଧାତୁର ବଇଠି ନଥାଇ ବଙ୍କୁଲି ବାଡ଼ିଟି ଆଉ ପୂର୍ବ ପରି ଦେଖାଯାଉନଥିବାରୁ ଜେଜେ ମଧ୍ୟ ମୂଷା ମରା ଔଷଧ ଆଣିବାକୁ ରାଜି ହୋଇଗଲେ ।

ମୁନା ସେଦିନ ଏଡ଼େ ଶୀତରେ କମଳ ତଳେ କାନ୍ଦୁଥିଲା । ମୂଷା ଗଣେଶଙ୍କ ବାହାନ ବୋଲି ନିଜେ କହିଥିବା ବାପା ପ୍ରତିବାଦ କଲେନାହିଁ । ବୋଉ ସୁନ୍ଦର ଚିତ୍ର ଅଙ୍କନ କରେ । ସେ ମଧ୍ୟ ଗଣେଶଙ୍କ ଚିତ୍ରପଟ ଓ ଛୋଟ ମୂଷା ଚିତ୍ରଟିଏ ଅଙ୍କନ କରି କହୁଥିଲା– 'ପ୍ରଭୁ ତୁମେ ସତରେ ଜୀବନ୍ତ ରୂପେ ଆସନ୍ତ ନାହିଁ ମୋ କାନଭାସକୁ ! ମୋ ଚିତ୍ରପଟ ଆହୁରି ସରସ, ସତେଜ ଓ ସୁନ୍ଦର ଦିଶନ୍ତା ! ଏବେ ଜୀବନ୍ତ ମୂଷା ଆସୁଥିଲେ ବି ତାକୁ ମାରିବାକୁ ଜେଜେମାଆ ଚିନ୍ତା କଲାବେଳେ ବୋଉ ବି ଚୁପ୍ ରହିଥିବାର ଦେଖି ମୁନା ବୁଝିଗଲା କି ମୂଷାର ଆଉ ରକ୍ଷା ନାହିଁ. ସେ ଅପେକ୍ଷା କଲା । ସମସ୍ତେ ଶୋଇ ସାରିବା ପରେ ପାଦ ଚିପି ଚିପି ଠାକୁର ଘରକୁ ଯାଇ ଗଣେଷଙ୍କୁ କେତେ ନେହୁରା ହେଲା । 'ତୁମ ବାହାନକୁ ତୁମେ ରକ୍ଷା କର ଓ ତାର ଦୁଷ୍ଟ ବୁଦ୍ଧିକୁ ପରିହାର କର ପ୍ରଭୁ, କହି ନିଘୋଡ଼ ନିଦରେ ଶୋଇଗଲା । ଅବଶ୍ୟ ନିଜ ବ୍ୟାଟ କାଲେ କଣା କରିଦେବ ମୂଷା ବୋଲି ଅଳ୍ପ ଭୟ ଥିଲା ମୁନାର । ତଥାପି ମୁନାର ଗଣେଷ ଠାକୁରଙ୍କ ଉପରେ ଭରସା ଓ ବିଶ୍ୱାସ ଥିଲା । ସେ ଭବିଷ୍ୟତରେ ଜଣେ ଭଲ କ୍ରିକେଟ ଖେଳାଳି ହେବାର ଯୋଉ ଷ୍ଟାର ଡ୍ରିମ ଦେଖୁଛି ତାକୁ କେବେ ନିରାଶ କରିବେନି ତା' ପ୍ରଭୁ ଗଣେଶ ଭଗବାନ କି ତାଙ୍କ ବାହାନ ମୂଷା ବୋଲି ତାର ଦୃଢ଼ ବିଶ୍ୱାସ ଥିଲା । କାଲି ରବିବାର ଛୁଟି । କେହି ଆଉ ତାକୁ ଉଠେଇବେନି । ସେ ଛୁଟି ଦିନ ଢେର ସମୟ ଯାଏଁ କମ୍ବଳ ଢାଙ୍କି ଶୋଇଯିବ ଓ ଉଠିଲେ କ୍ରିକେଟ ଖେଳିବାକୁ ସାଙ୍ଗମାନଙ୍କ ସଙ୍ଗେ ଚାଲିଯିବ ନହେଲେ ତା ଷ୍ଟାର ହେବା ଡ୍ରିମ ପୂରଣ ହେବ କେମିତି ?

ଜେଜେମାଆ ଡାକ ଓ ତାଙ୍କ କଥାରେ ମୁନା ଭାବୁଥିଲା ସବୁଦିନ ପରି ଆଜି ମୂଷା କଣ ଅଖଣ୍ଡ ଦୀପର ବଳିତା ନେଇନି? ତା ହେଲେ ତ ଗଣେଶ ପ୍ରଭୁ ତାକୁ ଅର୍ଥାତ୍ ବାହାନ ମୂଷାକୁ କୁବୁଦ୍ଧି ପରିବର୍ତ୍ତେ ସୁବୁଦ୍ଧି ଦେଲେ ନା କଣ! ଜେଜେମାଆ ଅନ୍ୟ କେଉଁଠି ଲୁଚାଇ ରଖିଥିବା ମୂଷା ମରା ଔଷଧ ଗୋଳେଇ ମୂଷାକୁ ମାରିଦେଇଛି କି ! କିଛି ବୁଝିପାରୁନଥିଲା ମୁନା । ଘର ସାରା ଝୁଣା ଧୂପରେ ମହକୁ ଥିଲା । ସମସ୍ତେ ଖୁସି ଥିଲେ କାରଣ ଠାକୁର ସ୍ୱୟଂ ଜଗନ୍ନାଥ ମୁନା ଘର ଠାକୁର ଘରେ ଦୀପ ଶିଖାରେ ବିରାଜମାନ ହୋଇଛନ୍ତି । ପ୍ରଜାପତି ଡେଣାରେ ଥରେ ଜଗନ୍ନାଥଙ୍କ ଦୁଇ ଚକା ଚକା ନୟନ ଦେଖି ଜେଜେମାଆ ପ୍ରଜାପତିକୁ କେତେ ମୁଣ୍ଡିଆ ମାରୁ ମାରୁ ସେ ଉଡି ଯାଇଥିଲା ।

ଆଜି ଜେଜେମାଆ ଖୁବ ଖୁସି ଥିବେ କିନ୍ତୁ ମୁନା ଅଲଗା କଥା ମାନେ ତା ଡ୍ରିମ କେମିତି ସତ ହେବ ଓ ସେ ଷ୍ଟାର ହୋଇପାରିବ ବୋଲି ଭାବୁଥିଲା ବେଳେ ସମସ୍ତେ କହିବାରୁ ତରତର ହୋଇ ନିତ୍ୟ କର୍ମ ସାରି ଆକାଶର ଠାକୁର ସୂର୍ଯ୍ୟଙ୍କୁ ପାଣି ଅର୍ପଣ କରିବା ପରେ ଠାକୁର ଘରକୁ ଯାଇ ପାଟି କରିଉଠିଲା ଏ ତ ଗଣେଶ ପ୍ରଭୁ । ମୁନା ପୁଣି ପାଟି କରୁଥିଲା ଏଇ ଟିକେ ତଳକୁ ଦେଖ ଟିକି ମୂଷାଟିଏ ପରି ଦୀପଫୁଲ ଜଳୁଛି କେମିତି ଦାଉ ଦାଉ । ସେତେବେଳେ ବାପା ଆଣିଥିବା ବିଲେଇ ଟି ଟିକେ ଦୂରରେ ରହି କହୁଥିଲା ମିଆଁଉ ମିଆଁଉ । ଏଥର ମୁନା ବୁଝିପାରିଲା ମୂଷା ବା ମୂଷାମାନେ ଘରୁ କୁଆଡେ ଗଲେ ଓ କାହିଁକି ଗଲେ ! ଗତ ରାତିରେ ଅଖଣ୍ଡ ଦୀପ ର ସଳିତା କାଢି ନେଇ ପାରିନି କେହି ମୂଷା । ବାପା ଯେବେ ଜେଜେ ମାଆଙ୍କୁ କହୁଥିଲେ ଆଉ କୋଉ ମୂଷା ତୁମ ଦୀପ ସଳିତାରୁ ବତୀ କାଢି ପାରିବ ନାହିଁ କି ଶସ୍ୟ ନଷ୍ଟ କରିପାରିବ ନାହିଁ । ବୋଉ କହୁଥିଲା ହଁ ମୁଁ ପଛେ ଛବିରୁ ଦେଖି ମୂଷା ଚିତ୍ର ଅଙ୍କନ କରିଦେବି ମୁନାର ଚିତ୍ର ପ୍ରତିଯୋଗିତା ଆର୍ଟ ଗ୍ୟାଲେରୀ ପାଇଁ କିନ୍ତୁ ମୂଷା ଯାଉ ପଳେଇ । ଜେଜେ ହସି ହସି କହୁଥିଲେ ଆଉ ରହିବ ମୂଷା ନା ବଇଁଶୀ ବାଜିବ । ଏ ଘରେ ଏଣିକି ରାଜ କରିବ ହିଟଲର ବିଲେଇ । ମୁନା ହସିଦେଇ ମନେ ମନେ ଭାବୁଥିଲା ହିଟଲରଙ୍କ ଟ୍ୟାଙ୍କର ସବୁରେ ପଶି ମୂଷା ସବୁ ଟ୍ୟାଙ୍କ ନଷ୍ଟ କରିଥିବାରୁ ସେ ଯୁଦ୍ଧରେ ହାରିଥିଲେ ବୋଲି ସାର କହୁଥିଲେ । ଏ ଛାର ବିଲେଇଟି ମୂଷାର କଣ କରିପାରିବ !

ମୁନା ଘରେ ଥିବା ବିଲେଇ ର ନାମ ତ ଅନେକ କିନ୍ତୁ କାମ ହେଲା ମୂଷା ନମାରି ତାଙ୍କ ସଙ୍ଗେ ଖେଳିବ, ଆଉ ପଡିଶା ଘର କଲ୍ୟାଣୀ ମଣ୍ଡପରୁ ବିବାହ ବ୍ରତ ଆଦି ଭୋଜିରୁ ମାଛ ଚୋରୀ କରି ଆଣି ତା ଛୁଆଙ୍କୁ ଦେବ । ବେଳେ ବେଳେ କୁକୁର ହାବୁଡ଼ରେ ପଡି ମାଛ ସିନା ହରାଏ କିନ୍ତୁ ଏମିତି ଆମ୍ପୁଡା ଦିଏ କୁକୁରକୁ, ଆଉ ଦିନେ ସେ ସାହସ କରିବନି ତା ଗତିପଥ ରୋକିବାକୁ । ଏଣିକି ପ୍ରାୟ କୁକୁର ଡରୁଥିଲେ ତାକୁ ମାନେ ବିଲେଇକୁ । କୁକୁରମାନେ ସିନା ଭୟ ପାଇ ବିଲେଇଠୁ ମାଛ ଖଣ୍ଡ ଛଡେଇ ରଖି ପାରନ୍ତିନି, କିନ୍ତୁ ଜେଜେମା ଉଠିଲା ବେଳକୁ କୋଉଦିନ କୋଉଠି ମାଛ ଖଣ୍ଡ ସବୁ ପଡ଼ିଥିବ ତ ଘର ଧୂଆ ପୋଛା, ଗଙ୍ଗା ପାଣି ପକାରେ ଅସ୍ତବ୍ୟସ୍ତ ବୋଉ । ଜେଜେମା ଗାଳି ଦେଇ ଚାଲିଥିବ କକିକୁ, ହେଲେ ଜେଜେମାଆଙ୍କୁ ଆମ୍ପୁଡେ ନାହିଁ କକି ବରଂ ଦେଖେଇ ଦେଖଇ ପଞ୍ଝା ଚାଟି ସଫା କରି କହୁଥିବ ଯେମିତି ଦେଖ ଜେଜେମା, ମୋ ପାଦ ମଧ୍ୟ ମୁଁ ସଫା କରିଦେଲି ।

ସେଦିନ ପାଟିରେ ମାଛମୁଣ୍ଡ ଗୋଟେ ଧରି ଆସୁ ଆସୁ, ପଡିଗଲା ଜେଜେମାଙ୍କ ହାବୁଡ଼ରେ ତ ଡାକ ପକେଇଲେ ଜେଜେମା । ଦୌଡି ଆସିଲା ମୁନା କହିଲା ଜେଜେମା ବ୍ୟସ୍ତ ହୁଅନି, କକିକୁ ମଙ୍ଗଳ ଗ୍ରହକୁ ଛାଡ଼ିଦେବା । ଯେମିତି ଚନ୍ଦ୍ର ପୃଷ୍ଠକୁ ପ୍ରଥମ ସଜୀବ ବା ଜୀବନ୍ତ ପ୍ରାଣୀ, କୁକୁର ଲାଇକା ଯାଇଥିଲା । ସେମିତି ମଙ୍ଗଳ ଗ୍ରହରେ ଆମ କକିର ପ୍ରଥମ ଦିନ ବିଶ୍ୱବାସୀ ଦେଖିବେ । ଜେଜେମା କିଛି କହିଲେନି, ଗୁମସୁମ ହୋଇଗଲେ । ଧୂଆପୋଛା କରୁ କରୁ ବିଲେଇଟା ଗଁ ଗଁ ହେଉଥିଲା କାରଣ ସେ ଆଣିଥିବା ମାଛମୁଣ୍ଡ, କୁକୁର ଟମି ଥାଳିରେ ଦିଆଯିବାର ସେ ଦେଖି ଥିଲା । ଟମି ମଧ୍ୟ ଖାଇ ପାରୁ ନଥିଲା,ଥରେ ଜେଜେମା ଓ ଥରେ କକି ଆଡ଼େ ଚାହିଁ ଶୋଇରହି ଚାହିଁଥିଲା ମାଛମୁଣ୍ଡ ଆଡକୁ । ମୁନା ଏସବୁ ଲକ୍ଷ୍ୟ କରି, ମାଛମୁଣ୍ଡଟିକୁ ବାରିପଟେ ବରଡ଼ା ଜାଳି ଆମିଷ ଚୁଲିରେ ଭାଜି ବାଡ଼ିପଟେ କିଛି ଟମି ଥାଳିଆରେ ଓ କିଛି କକି ପେଟିରେ ଥିବା ଖାଇବା ଗିନାରେ ରଖି ଦେଇଥିଲା ଓ କହୁଥିଲା ମୋ ଷ୍ଟାର ଡ୍ରିମ ସତ ହେଲେ ଭାରତୀୟ କ୍ରିକେଟ ଦଳରେ ରହି କ୍ରିକେଟ ଖେଳିବାକୁ ଅଷ୍ଟ୍ରେଲିଆ ଗଲେ ତତେ ନେଇକି ଛାଡ଼ିଦେବି । ଜେଜେମାଆ କିଛି ନକହି ତୁନି ପଡିଥିଲା ।

ଏବେ କକିର ଛୁଆ ହେବ । ଏତେ ଉପରକୁ ଡେଇଁ ପଡୋଶୀ ଘରକୁ ଯାଇ ପାରୁନି । ଆମିଷ ବିନା କ୍ଷୀର ଭାତ ତାକୁ ରୁଚୁନି । କିନ୍ତୁ ସେପଟେ, କଲ୍ୟାଣ ମଣ୍ଡପର ବାଜା ରୋଷଣୀ, ଲାଇଟ ଭିତରେ ଆମିଷ ବାସ୍ନା ତାକୁ ଅସ୍ଥିର କରୁଛି । ମୁନା ରହି ରହି କହୁଥାଏ କକିକୁ, ରହ ମଙ୍ଗଳ ଗ୍ରହକୁ ଗଲେ ସେଠି କୋଉଠି ମାଛ ଖାଇବୁ ଓ ଛୁଆଙ୍କୁ ମାଛ ଆଣି ଦେବୁ ! ନହେଲେ ମୋ ଷ୍ଟାର ଡ୍ରିମ ପୂରଣ ହେଲେ ଅଷ୍ଟ୍ରେଲିଆ ଯିବୁ । ଏକଥା କକି ବୁଝେକି ନବୁଝେ, ଜେଜେମା କିନ୍ତୁ ଗୁମସୁମ ଦିଶନ୍ତି । ମୁନା ବୁଝିପାରେନା କକି ପାଇଁ ଜେଜେମାଙ୍କ ମନରେ କଣ ଅଛି !

ସେଦିନ ପଡୋଶୀ କଲ୍ୟାଣୀ ମଣ୍ଡପରେ ଭୋଜିରେ ମୁନା ଘର ସଦସ୍ୟମାନଙ୍କୁ ଡକରା ଥାଏ । ଯିଏ ଯାହା ବାଟରେ ଯାଇ ଖାଇକି ଆସିଲେ । ଜେଜେମା ସବା ପଛରେ ଗଲେ । ସକାଳୁ ଦେଖିଲା ବେଳକୁ, ମାଛ ମୁଣ୍ଡ ଧରି କକି ଖାଉଛି ତା ଛୁଆଙ୍କ ସହ । କକି ତ ଏବେ ବନ୍ଧା ହୋଇ ରହୁଛି । ଘରଦ୍ୱାର ଆମିଷ କରି ଜେଜେମାଆଙ୍କୁ ହଇରାଣ କରୁଛି ବୋଲି ତାକୁ ମଙ୍ଗଳ ଗ୍ରହର ପ୍ରଥମ ଦିନର ଅନୁଭୂତି ଦେଖାଇବାକୁ ଅର୍ଥାତ ଛାଡ଼ି ଦେବାର ଯୋଜନା ଚାଲିଥିବା ଭିତରେ, ମାଛମୁଣ୍ଡ କୋଉଠୁ ଆସିଲା ଭାବୁଥିଲା ମୁନା । ସାଙ୍ଗ କୁନା କହୁଥିଲା, ତୁମ ଜେଜେମା କାଲି ତାଙ୍କ ପତରରେ କେବଳ ମାଛମୁଣ୍ଡ ହିଁ ମାଗୁଥିଲେ, ମୁନା ମୁଣ୍ଡ ଗୋଳମାଳ ହୋଇ ଯାଉଥିଲା । ମୂଷା ଆଉ ଆସୁନଥିବାରୁ ଜେଜେମାଆ ଏ ଭିତରେ କକିକୁ ଖୁବ ଭଲ ପାଉଥିଲେ ବୋଧେ । ମୁନା ଜେଜେମାଆଙ୍କ ଗୋଡ଼ ଛୁଇଁ ପ୍ରଣାମ କରି କହୁଥିଲା ମୋ ଷ୍ଟାର ଡ୍ରିମ ପୂରଣ ପାଇଁ ମତେ ଆଶୀର୍ବାଦ ଦିଅ ଜେଜେମାଆ ।

**ସାକ୍ଷୀଗୋପାଳ,ପୁରୀ**
**ମୋ–୯୦୪୦୯୭୭୩୨୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୋଲକାତାରୁ...

କମ୍ପାନୀ ସହ ଆଲୋଚନା କରାଯାଇଛି । ଧାତବ ଆନୁସଙ୍ଗିକ ଇଞ୍ଜିନିୟରିଂ ସାମଗ୍ରୀ ବାବଦରେ ୨୨ କମ୍ପାନୀ ସହ ଆଲୋଚନା କରାଯାଇଥିବା ବେଳେ ପ୍ଲାଷ୍ଟିକ, କମିକାଲ ପ୍ୟାକେଜିଂ ପୁନଃପ୍ରକ୍ରିୟା କରଣରେ ୨୪ କମ୍ପାନୀ ଔଷଧ ଓ ମେଡିକାଲ ଯନ୍ତ୍ରାଂଶ ଓ ବାୟୋଟେକ୍ କ୍ଷେତ୍ରରେ ୨୪ କମ୍ପାନୀ ସହ ଆଲୋଚନା କରାଯାଇଛି । ୮୧,୮୬୪ କୋଟିର ନିବେଶ ଲାଗି ୨୭ ଏମଓୟୁ ହୋଇଛି । ଏହି ଶିଳ୍ପ ଗୁଡିକରୁ ୬୩, ୧୬୧ ନିଯୁକ୍ତି ସୃଷ୍ଟି ହେବ । ସେହିଭଳି ୧୯ଟି ନିବେଶ ଲାଗି ୧୮, ୪୫୩ କୋଟି ଟଙ୍କାର ପ୍ରସ୍ତାବ ଆସିଛି । ଯେଉଁଥିରେ ୨୭,୫୯୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ଶିଳ୍ପ ଗୁଡିକର କାର୍ଯ୍ୟ କାରିତା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୭ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲାଗି ଲିଜନ ରଖାଯାଇଛି । ଓଡ଼ିଶାରେ ଅକ୍ଷୟ ଶକ୍ତି, ବୟନ, ଔଷଧ, ଇଲୋକ୍ଟ୍ରୋନିକ, ଆଇଟି, ଡାଟା ସେଣ୍ଟର ଓ ଅତ୍ୟାଧୁନିକ ଉତ୍ପାଦନ କ୍ଷେତ୍ରରେ ରାଜ୍ୟରେ ଅନେକ ସୁଯୋଗ ରହିଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ, ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଦୃଢ଼ ଭିତ୍ତିଭୂମି, ବନ୍ଦର ଭିତ୍ତିକ ଲଜିଷ୍ଟିକ୍, ସ୍ଥାୟୀନୀତି, ସ୍ଥିର ରାଜନୀତି ଓ ଦ୍ରୁତଗତିରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନୀତ ଉପରେ ଫୋକସ କରାଯାଉଛି । ଦେଶର ପ୍ରାଥମିକତାକୁ ଗୁରୁତ୍ୱ ଦିଆଯାଇ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶକୁ ଆକର୍ଷିତ କରାଯାଉଛି ।

## ଗୋ...

ଗ୍ରାମରେ ଥିବା ଗୋ ମାଫିଆ ସୁରଜିତ ମହାନ୍ତିଙ୍କ ଘରେ କେନ୍ଦୁଝର ପୋଲିସର ଏକ ଟିମ୍ ଶନିବାର ସକାଳୁ ଚଢାଉ କରିଥିଲା । କେନ୍ଦୁଝର ଏସପି ଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝରର ଏଡିସନାଲ ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ସୁରଜିତଙ୍କ ଘିଆଯୋଡ଼ି ସ୍ଥିତ ବାସ ଭବନ, ଗୋଡାଉନ୍, ପୈତୃକ ଘର ମଧ୍ୟ ଚଢାଉ କରିଥିଲା । ଚଢାଉ ସମୟରେ ଘିଆଯୋଡ଼ିବାସ ଭବନ ରୁ ପ୍ରାୟ ୩୨ଲକ୍ଷ ନଗଦ ଟଙ୍କା ସହିତ ୩୭୦ଗ୍ରାମ ସୁନା, ୨୮୦ଗ୍ରାମ ର ରୂପା ସହିତ ସ୍ଥାବର ଓ ଅସ୍ଥବର୍ ସମ୍ପତି ଜବତ କରିଛି ପୋଲିସ । ସେହିପରି ବିଶୋଇର ଗୋ ମାଫିଆ ମୃତ୍ୟୁଞ୍ଜୟଙ୍କ ବାସ ଭବନରେ ଚଢ଼ାଉ । ଚଢ଼ାଉ ବେଳେ ଘରୁ ଜବଦ୍ ହୋଇଛି ନଗଦ ୩ ଲକ୍ଷ ୯ ହଜାର ଟଙ୍କା, ୩୫ ଗ୍ରାମ ସୁନା, ୯୫ ଗ୍ରାମ ରୂପା । ସେଥିସହ ଏକ ଏସୟୁଭି ଓ ବାଇକ୍ ଜବତ ହୋଇଛି । ଶନିବାର ପ୍ରତ୍ୟୁଷରୁ ଠାକୁରମୁଣ୍ଡାର ବେଆଇନ ଗୋ - ବେପାରୀ ଏମଡି. ରାନୀଙ୍କ ଘର ଉପରେ ପୋଲିସ ସଦଳବଳେ ଚଢ଼ାଉ ଆରମ୍ଭ କରିଥିଲା । ଘରେ, ବାହାରେ ଗେଟରେ ତାଲା ପଡିଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତାଲା ଭାଙ୍ଗି ପ୍ରବେଶ କରିଥିଲା । ପୋଲିସ ଚଢ଼ାଉ ସମୟରେ ସୂନା ୧୪.୨୩୦ ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ୧୬୦୦୦୦/-, ରୁପା ୩୭.୫୦ ଗ୍ରାମ ଆନୁମାନିକ ମୂଲ୍ୟ ୬୦୦୦, ୬ ଟି ଏଟିଏମ, ୫ ଟି ଘଣ୍ଟା ଏବଂ ନଗଦ ୨୩୫୫ ଟଙ୍କା ଜବତ ହୋଇଛି ।

କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗ୍ରାମ ସବୁବେଳେ ଚର୍ଚ୍ଚାରେ । ସେ ଗୋରୁ ମାଫିଆଙ୍କ ପାଇଁ ହେଉ କି କାଠ ମାଫିଆଙ୍କ ପାଇଁ ହେଉ । ତେବେ ଶନିବାର ଦିନ ର ଚଢାଉ ଅନ୍ୟ ପ୍ରକାରର ଥିଲା ଶନିବାର ଭୋର୍ ସମୟରେ ସାନ୍ତରାପୁର ଗ୍ରାମରେ ଥିବା ୫ ରୁ ଅଧିକ ମାଫିଆଙ୍କ ଘରେ ରେଡ ହୋଇଥିଲା । ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଅନ୍ୟୁନ ୩୦ ଲକ୍ଷ୍ୟ ରୁ ଅଧିକ ଟଙ୍କା, ୨୦ କେଜି ରୂପା ଓ ୨୦୦ ରୁ ଅଧିକ ଗ୍ରାମର ସୁନା ଅଳଙ୍କାର ସହିତ ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି ।

ଭଦ୍ରକରେ ବେଆଇନ ଗୋ ମାଫିଆ ସେକ ତାଜୁଦ୍ଦିନ ଓରଫ ରାଜନଙ୍କ ଘରେ କେନ୍ଦୁଝର କେନ୍ଦୁଝର ସଦର ଏସଡିପିଓ ସୁଦର୍ଶନ ଗଙ୍ଗୋଇଙ୍କ ନେତୃତ୍ୱରେ ଏହି ଚଢାଉ ଚଢ଼ାଉ ଜାରି ରହିଛି । ପୋଲିସ ପୁଳା ପୁଳା ନଗଦ ଟଙ୍କା ସହିତ ବହୁ ସୁନା ଗହଣା ଜବତ କରିଛି । ଶୁକ୍ରବାର ବିଳମ୍ବିତ ରାତ୍ରିରୁ ଭଦ୍ରକ ପୋଲିସ ସହାୟତାରେ ଏହି ଚଢ଼ାଉ ଜାରି ରହିଥିବା ବେଳେ ସକାଳ ସାଢେ ୧୦ ଟା ସୁଦ୍ଧା ନଗଦ ୭୦ ଲକ୍ଷ ଟଙ୍କା ଗଣା ସରିଥିବା ନେଇ ଚଢ଼ାଓ ରେ ସାମିଲ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ଟଙ୍କା ଗଣିବାକୁ ଦୁଇଟି ମେଶିନ ଲାଗିଥିବା ବେଳେ ସୁନା ରୁପା ଓଜନ କରିବା ପାଇଁ ଜଣେ ବଣିଆକୁ ନିୟୋଜିତ କରାଯାଇଛନଗଦ ଟଙ୍କାର ପରିମାଣ ଆହୁରି ବଢ଼ିପାରେ ବୋଲି ସୂଚନା ମିଳିଛି । ନଗଦ ଟଙ୍କା ସମେତ ବହୁ ସୁନା ରୁପା ଓ ସମ୍ପି ମଧ୍ୟ ପୋଲିସ ଜବତ କରିଛି । ଏହାଛଡା ଘର ବାହାରେ ଥିବା ଦୁଇଟି ସ୍କର୍ପିଓ ଗାଡିକୁ ମଧ୍ୟ ଯାଞ୍ଚ କରାଯାଇଛି । ବେଆଇନ ଗୋଚାଲାଣକୁ ନେଇ ରାଜନ ନାମରେ କେନ୍ଦୁଝରଜିଲ୍ଲାର ବିଭିନ୍ନ ଥାନାରେ ୧୦ ରୁ ଅଧିକ ମାମଲା ରହିଥିବା ଜଣାପଡିଛି । ଦୀର୍ଘ ମାସ ହେବ କେନ୍ଦୁଝର ପୋଲିସ ସ୍କାନରରେ ରାଜନ ରହିଥିବା ବେଳେ ଆଜି ଏହି ରେଡ କରାଯାଇଛି । ତେବେ ଅ ଶନିବାର ଦିନ ରାଜନ ଘର ରେଡ ପରେ ବାଇପାସ ସ୍ଥିତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଏକ ନର୍ସିଙ୍ଗ କଲେଜରେ ମଧ୍ୟ ରେଡ କରାଯିବ ବୋଲି କେନ୍ଦୁଝର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇ କେନ୍ଦୁଝର ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଏହି ଚଢାଉରେ ୧୦ ପୋଲିସ ଅଧିକାରୀଙ୍କ ଚଢ଼ାଉ ରେ ସାମିଲ ହୋଇଛନ୍ତି । ମାପ ଚୁପ୍ ପାଇଁ ପଞ୍ଚାୟତରାଜ ବିଭାଗର କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପ୍ରଧାନ ସାମିଲ ହୋଇଚନ୍ତି । ଫିକ୍ସ ଡିପୋଜିଟ୍, କ୍ଷସମ ଓ ମ୍ୟୁଚୁଆଲ୍ ଫଣ୍ଡ ଓ ବ୍ୟାଙ୍କ୍ ଲକର୍ ଯାଞ୍ଚ ହେବ ।

## ଛତିଶଗଡ଼...

ତାରିଖରେ ଶେଷ ହେଉଥିବାରୁ ଏହାର ଅବଧି ବୃଦ୍ଧି ପାଇଁ ଆବେଦନ କରାଯାଇଛି । ସୂଚନାଯୋଗ୍ୟ ଯେ, ଦୀର୍ଘ ନ' ମାସ ଧରି ଟ୍ରିବ୍ୟୁନାଲର ଚେୟାରମ୍ୟାନ ପଦ ଖାଲି ପଡ଼ିଥିବାରୁ ଟ୍ରିବ୍ୟୁନାଲ କାର୍ଯ୍ୟରେ ଅଗ୍ରଗତି ହୋଇପାରି ନ ଥିଲା । ଖୁବଶୀଘ୍ର ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଏକ ସର୍ବଦଳୀୟ ବୈଠକ ଡାକି ଏହି ପ୍ରସଙ୍ଗରେ ଆଲୋଚନା କରିବେ । ଏଥିରେ ସମସ୍ତ ଦଳର ପ୍ରତିନିଧି ମହାନଦୀ ଜଳ ବିବାଦର ସମାଧାନ ନେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିବେ । ଏଥିସହିତ, ମହାନଦୀ ସହ ଜଡିତ ପରିବେଶବି, ସାମାଜିକ କର୍ମୀମାନଙ୍କ ସହ ମଧ୍ୟ ଏକ ଆଲୋଚନା କରିବା ପାଇଁ ଯୋଜନା ରହିଛି । ସମାଧାନ ସହ ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ମଧ୍ୟ ଆଲୋଚନା କରାଯାଇଛି । ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଜାନୁଆରୀ...

କାର୍ଯ୍ୟ କରୁଥିବା ମହୁଲବାଦୀ ମାନଙ୍କ ଫାଶରେ ପଡିଛନ୍ତି । ପଞ୍ଜାବର ଗ୍ୟାଙ୍ଗଷ୍ଟରମାନେ ବିଦେଶରୁ ନିୟନ୍ତ୍ରିତ ହେଉଛନ୍ତି । ସେମାନଙ୍କର ଅପରାଧିକ ନେଟୱାର୍କ ବାହାରେ ରହିଛି ଓ ଆଭ୍ୟନ୍ତରୀଣ ସୁରକ୍ଷାକୁ ବିପଦପୂର୍ଣ୍ଣ କରିବା ତାଙ୍କର ଲକ୍ଷ୍ୟ ରହିଛି । ସୂତ୍ର ଅନୁଯାୟୀ ଏହି ଗ୍ୟାଙ୍ଗଷ୍ଟାରମାନେ ହରିୟାଣା, ଦିଲ୍ଲୀ -ଏନସିଆର୍ ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ସକ୍ରୀୟ ଅଛନ୍ତି । ସେମାନେ ଖଲିସ୍ତାନୀ ଆତଙ୍କୀ ତତ୍ତ୍ୱ ସହ ସମ୍ପର୍କରେ ଅଛନ୍ତି । ଏହି ସୂଚନା ଆସିଲା ପରେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ମାସକ ପୂର୍ବରୁ ଦିଲ୍ଲୀ ଲାଲକିଲାରେ ବିସ୍ଫୋରଣ ହୋଇଥିଲା ଏବଂ ୧୨ ଜଣଙ୍କର ଜୀବନ ଯାଇଥିଲା । ଏଥିରେ ଆତଙ୍କୀ ସଂଗଠନରେ ସଂମ୍ପୃକ୍ତି ଥିବା ଜଣାପଡିଥିଲା । ସାଧାରଣତନ୍ତ୍ର ଦିବସ ପୂର୍ବରୁ ଉତ୍ତର ଜିଲ୍ଲା ପୋଲିସ ୪ ଟି ମକ୍ତ୍ରିକଲ ସମ୍ବେଦନଶୀଳ ସ୍ଥାନରେ କରିବ । ଲାଲକିଲା ଚାନ୍ଦିନଚୌ, ଆଇସି ବିଟି , କାଶ୍ମିରେ ଗେଟ୍, ହ୍ୟାରି ବୋଲାଇ, ସଦର ବଜାର ଓ ପ୍ରମୁଖ ମେଟ୍ରୋ ଷ୍ଟେସନ୍ ଗୁଡିକରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ସାଧାରଣତନ୍ତ୍ର ଦିବସରେ କର୍ତ୍ତବ୍ୟ ପଥରେ ୩୦ ରୁ ଅଧିକ ପ୍ରଜ୍ଞାପନ ମେଡ ପ୍ରଦର୍ଶିତ ହେବ । ଏହି ସତର୍କ ସୂଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି କରାଯିବ ବୋଲି ସୂଚନା ମିଳିଛି ।

## ୨୦୨୭...

କରିବାକୁ ସିଦ୍ଧାନ୍ତ ହେବା ସହିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ପାଇଁ ବିଗତ ନିର୍ବାଚନ ସମ୍ପର୍କିତ ତଥ୍ୟର ସମୀକ୍ଷା କରାଯାଇଥିଲା ।

ନିର୍ବାଚନ ପାଇଁ ଇଭିଏମ ଆଦି ଉପକରଣ ଜିଲ୍ଲାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଗୋଦାମକୁ ଫେରସ୍ତ କରିବା । ତ୍ରି-ସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବାଲଟ୍ ପେପର୍ ମୁଦ୍ରଣ, ଗଣନା କେନ୍ଦ୍ରର ଚିହ୍ନଟ, ଆଗାମୀ ସାଧାରଣ ନିର୍ବାଚନ ପାଇଁ ପିଆରଆଇ ଏବଂୟୁଏଲବିଏସ-୨୦୨୭ ସମ୍ପର୍କିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ତାରିଖ ସୀମା, ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କିତ ବକେୟା ଥିବା ଡିସି ବିଲ୍/ୟୁସି ଦାଖଲ ,ଗ୍ରାମ ପଞ୍ଚାୟତ ଓ ପୌର ଅଞ୍ଚଳରେ ସର୍ଭେ ରୁଟ୍ର ଜିଆଇଏସ ମ୍ୟାପିଂ କରିବା, ଭୋଟର ତାଲିକା ଅନ୍ତର୍ଭୁକ୍ତିକରଣ ତ୍ରୁଟିଗୁଡ଼ିକୁ ଅପସାରଣ ଏବଂ ବାଦକରଣ ତ୍ରୁଟିଗୁଡ଼ିକୁ ଭୋଟର ତାଲିକା ରେ ଯୋଡିବା, ଗଣନା ହଲ୍ ଏବଂ ଟେବୁଲ ବୃଦ୍ଧି କରିବା, ଅସ୍ଥାୟୀ ବୁଥକୁ ସ୍ଥାୟୀ ବୁଥରେ ପରିଣତ କରିବା, ସମ୍ବେଦନ ଓ ଅତିସମ୍ବେଦନଶୀଳ ବୁଥ୍ ଗୁଡ଼ିକୁ ଚିହ୍ନଟ କରିବା, ଅତିସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବ୍ୟବସ୍ଥା କରିବା ଏବଂ ଭୋଟଦାନର ଗୋପନୀୟତା ବଜାୟ ରଖିବା ପାଇଁ ପଞ୍ଚାୟତ ନିର୍ବାଚନର ବାଲଟ୍ ପେପରଗୁଡ଼ିକର ନୂତନ ଗଣନା ପ୍ରକ୍ରିୟା, ଅର୍ଥା ଏକତ୍ରୀକରଣ, ମିଶ୍ରଣ ଏବଂ ଗଣନା ଆଦି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜ୍ୟ ନିର୍ବାଚନ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ ମଧ୍ୟ ସଭାକୁ ସମ୍ବୋଧିତ କରିଥିଲେ । ରାଜ୍ୟ ନିର୍ବାଚନ ଆୟୋଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ, ବାଲେଶ୍ୱର ଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦଳକୁ

ହେବ ଏମାନେ ଏହି ଷଡଯନ୍ତ୍ରରେ ସାମିଲ ଥିଲେ । ଦଳକୁ ଦୁର୍ବଳ କରିବା ପାଇଁ ସେମାନଙ୍କୁ ବିଜୟ ବ୍ୟାକଅପ୍ ଦେଉଥିଲେ । ସବୁକିଛି ଯୋଜନା ବଦ୍ଧ ଭାବରେ ଚାଲିଥିଲା । ବିଜେଡିରେ ୧ କୋଟି କର୍ମୀ ଅଛନ୍ତି । ସମସ୍ତେ ଦଳୀୟ ଶୃଙ୍ଖଳାରେ ବନ୍ଧା । ଯେଉଁମାନେ ବିଶୃଙ୍ଖଳିତ ଆଚରଣ କରନ୍ତି ଓ ବିଶ୍ୱାସ ଘାତକତା କରନ୍ତି ନବୀନ ବାବୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି । ଏହି କ୍ରମରେ ଦଳକୁ ଦୁର୍ବଳ କରିବା ଷଡଯନ୍ତ୍ର ନେଇ ତୃଣମୂଳ ସ୍ତରରୁ ରିପୋର୍ଟ ଆସିଥିଲା । ଏହାକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ତଥ୍ୟ...

ଉପରେ ଗୁରୁତ୍ୱ ଦେଉଛି । ପାଟକୁରା ବ୍ୟତିତ ଅନ୍ୟ କେଉଁଠି ସଂଗଠନ କରିନାହିଁ । ଯଦି ସେମାନଙ୍କ ପାଖରେ ପ୍ରମାଣ ଅଛି ତାହା ଦିଅନ୍ତୁ । ଅନ୍ୟ ବିଧାୟକଙ୍କ ବହି ଭୋଜି ବି କରିନି । ପ୍ରମାଣ ଦିଅନ୍ତୁ ଓ ବାପାଙ୍କୁ ଏଥିରେ ନଟାଣନ୍ତୁ । ତାଙ୍କର କୌଣସି ଭୂମିକା ନାହିଁ ବୋଲି ଅରବିନ୍ଦ କହିଛନ୍ତି ।

# ସୁଭଦ୍ରା ଶକ୍ତି ମେଳା ୨୩୭ କୋଟିର ଋଣ ପ୍ରଦାନ




ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ମିସନଶକ୍ତି ପକ୍ଷରୁ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ମହିଳା ଶସକ୍ତି କରଣକୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷାରେ ଲଖପତି ଦିଦି ଉଦ୍ୟୋଗୀ ଋଣ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି । ଜିଲ୍ଲା ର ୩ ହଜାରରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏଥିରେ ୨୩୭ କୋଟି ଟଙ୍କା ର ଋଣ ପ୍ରଦାନ କରାଯାଇଛି । ନୟାଗଡ଼ ଷ୍ଟାଡ଼ିୟମ ପରିସରରେ ନାରୀ ଶକ୍ତିର ଉନ୍ନତି ତଥା ବିକାଶ ଲାଗି ଆରମ୍ଭ ହୋଇଛି ସୁଭଦ୍ରା ଶକ୍ତି ମେଳା । ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖରେ ଉଦଯାପୀତ ହେବ । ଜିଲ୍ଲାର ବିଭିନ୍ନ ଅଂଚଳରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଏଠାରେ ପ୍ରଦର୍ଶିତ ଓ କିଣା ବିକା ହେଉଛି । ଏହି ଅବସରରେ ଶନିବାର ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଲକ୍ଷପତି ଦିଦି ଉଦ୍ୟୋଗୀ ଋଣ ମେଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ୩ ହଜାର ମହିଳା ଗୋଷ୍ଠୀଙ୍କୁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ୨୩୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ମହିଳା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇ ଥିବା ଉକ୍ତ ପରିମାଣର ଅର୍ଥ ରାଶି ବିଭିନ୍ନ ଉଦ୍ୟୋଗରେ ବିନିଯୋଗ ହେବ । ସେଥିରେ ଜିଲ୍ଲାର ମହିଳାମାନେ ଅଧିକ ଶସକ୍ତ ହେବା ସହିତ ଜିଲ୍ଲାରେ ଲକ୍ଷପତି ଦିଦିଙ୍କ ସଂଖ୍ୟା ବଢ଼ିବା ଜିଲ୍ଲାପାଳ ଶ୍ରୀମତି ରଥ ତା'ଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ନାବାର୍ଡ ଅଧିକାରୀ ଏବଂ ଅଗ୍ରଣୀ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ।

# ଦାୟିତ୍ୱରୁ ବିଦା ହେଲେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ, ଧାରଣା ପ୍ରତ୍ୟାହୃତ

ନିମାପଡା,(ସବ୍ୟୁ): ଏହି ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅଳକୁଣ୍ଡ ଠାରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବଦଳି ବୋ ସହ ଏଠାରେ ଆଉ ଜଣଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତିଦିଆଯାଇଛି । ଫଳରୋ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦିଅଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି । ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୬୭୩ ରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନର୍ଭା ପ୍ରଧାନଙ୍କ ଠାରୁ ଦାୟିତ୍ୱ ଅନ୍ତର କରାଯାଇ ତଢଣା ବଟ ବିହାରୀ ଆଂଚଳିକ ସହଯୋଗୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ଚିନରାଙ୍କୁ ଅଳକୁଣ୍ଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ନୂତନ ପ୍ରଧାନ ଶିକ୍ଷକ ଶ୍ରୀ ଚିନରା ଆଜି ବିଦ୍ୟାଳୟରେ ପହଂଚିବା ପରେ ଗ୍ରାମବାସୀ,ଅଭିଭାବକ ଓ ପରିଚାଳନା କମିଟୀ ସଦସ୍ୟ ଫୁଲ୍ଲ ତୋଡାଦେଇ ତାଙ୍କୁ ସ୍ୱାଗତ କରିଥିଲେ।

### ପୁରୁଣା ଅଚଳ ଜିପ୍‌ରେ ତେଲ ପକାଇବା ନାଁରେ ଘୋଟାଲା

# ତଦନ୍ତ ପାଇଁ ଭିଜିଲାନ୍ସରେ ଅଭିଯୋଗ କଲେ ବ୍ଲକ ଅଧ୍ୟକ୍ଷା

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ବିଡିଓଙ୍କ ମନମାନି ଓ ଆର୍ଥିକ ଅନିୟମିତତା କରିଥିବାର ଅଭିଯୋଗ କରିଛନ୍ତି ଖୋଦ ବ୍ଲକ ଅଧ୍ୟକ୍ଷା । ବର୍ତମାନର କାର୍ଯ୍ୟରତ ବିଡିଓ ବାଙ୍କିରେ ଯୋଗ ଦେବା ପର୍ ଠାରୁ ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳକୁ ଗ୍ରସ୍ତ କରିବା ପାଇଁ ବ୍ଲକ ଜିପରେ ତେଲ ନ ପକାଇ ନିଜ ଗାଡିରେ ତେଲ ପକାଇ ଆରାମରେ ବୁଲି ଥିବାର ଅଭିଯୋଗ କରିଛନ୍ତି ବ୍ଲକ ଅଧ୍ୟକ୍ଷା । ଦୀର୍ଘ ଦୁଇ ବର୍ଷ ହେଲା ଅଚଳ ହୋଇ ପଡ଼ି ରହିଥିବା ବ୍ଲକ ପୁରୁଣା ଜିପରେ ତେଲ ପକାଇ ବ୍ଲକର ବିଭିନ୍ନ ଅଞ୍ଚଳକୁ ଗ୍ରସ୍ତ କରିଥିବାରୁ ଏବଂ ସେହି ଗାଡ଼ିରେ ନିକଟସ୍ଥ ପେଟ୍ରୋଲ ପମ୍ପ ଗୋପୀନାଥ ଫିଲିଂ ଷ୍ଟେସନ ରୁ ଟୋକନ ମାଧ୍ୟମରେ ତେଲ ପକାଇବାପାଇଁ ଦର୍ଶାଇ ୪ଶହ ୭୧ ଲିଟରେ ତେଲ ବ୍ଲକ ଜିପ ରେ ନ ପକାଇ ନିଜର ବ୍ୟକ୍ତିଗତ କାର ରେ ବିଡିଓ ପକାଇ ବୁଲୁଥିବାର ସଙ୍ଗିନ ଅଭିଯୋଗ କରିଛନ୍ତି ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପ ଲତା ସାମନ୍ତ । ଗତ୧୫ ତାରିଖରେ କଟକ ସ୍ଥିତ ଭିଜିଲାନ୍ସ ବିଭାଗ ର ନିର୍ଦ୍ଦେଶକ ଙ୍କ ନିକଟକୁ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ ବାଙ୍କୀ ବ୍ଲକ ରେ ଥିବା ପୁରୁଣା ଗାଡ଼ି ଓ ଆର୍ -୦୫- ଏ ଏଚ -୭୩୭୪ ନମ୍ବର୍ ଜିପ ଟି ଅଚଳ ହୋଇ ବ୍ଲକ ଗ୍ୟାରେଜ ଧୂଳି ମଳିରେ ପଡ଼ି ରହିଛି । ନିଯୁକ୍ତି ପ୍ରାପ୍ତ ଡ୍ରାଇଭର ଜଣକବ୍ଲକ ଗାଡି ନ ଚଳାଇ ପାରି ବିଡିଓ ଙ୍କ ବ୍ୟକ୍ତିଗତ ଗାଡି ଚଳାଇ କଟକ ଓ ଭୁବନେଶ୍ୱର କୁ ଯିବା ଆସିବା କରୁଛନ୍ତି । ବିଡିଓ ଗତ ୧୪.୦୨.୨୦୨୫ ରିଖ ଠାରୁ ୩୦.୦୮.୨୦୨୫ ପର୍ଯ୍ୟନ୍ତ ଡିଜେଲ ପକାଇଥିବାର ବ୍ଲକ ପକ୍ଷରୁ ପେଟ୍ରୋଲ ପମ୍ପ କୁ ଦିଆ ଯାଇଥିବା ଟୋକନ ଓ ପୈଠ କରା ଯାଇଥିବା ବିଲ ରୁ ଧରା ପଡ଼ିଛି । ତେଣୁ ଅଚଳ ଗାଡି ରେ କିଭଳି ତେଲ ପକାଇ ଟଙ୍କା ଖର୍ଚ୍ଚ କରାଯାଇଛି । ସେ ସମ୍ପର୍କ ରେ ତଦନ୍ତ କରିବା ପାଇଁ ବ୍ଲକ ଅଧ୍ୟକ୍ଷା ଅଭିଯୋଗ କରିଛନ୍ତି । ତଦନ୍ତ କରା ଗଲେ ଏ ଭଳି ଅନେକ ଘୋଟାଲା ପଦାକୁ ଆସିବ ବୋଲି ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପ ଲତା ସାମନ୍ତ କହିଛନ୍ତି । ଏ ସମ୍ପର୍କରେ ବାଙ୍କୀ ବ୍ଲକ ବିଡିଓ ସଂଗ୍ରାମ କେଶରୀ ଭଳ ଙ୍କୁ ପଚାରିବାରୁ ସେ କହିଲେ ଯଦିଓ ଅଧ୍ୟକ୍ଷା ତଦନ୍ତ ପାଇଁ ଚିଠି ଲେଖିଛନ୍ତି । ମୋର କିଛି କହିବାର ନାହିଁ ।

# ଜୀ ଟିଭି ଆଇଡିଆବାଜରେ ଓବେନ୍ ଇଲେକ୍ଟ୍ରିକ୍

ଭୁବନେଶ୍ୱର (ସବ୍ୟୁ) : ଭାରତର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଇଲେକଫ୍ରିକ୍ ମୋଟରସାଇକେଲ ନିର୍ମାତା ଓବେନ ଇଲେକ୍ଟ୍ରିକ୍, ଜୀ ଟିଭିର ଷ୍ଟାର୍ଟଅପ ରିଆଲିଟି ଶୋ "ଆଇଡିଆବାଜ୍'ରେ ପ୍ରଥମ ସକ୍ସେସ୍ ଷ୍ଟୋରୀ ଭାବରେ ପ୍ରଦର୍ଶିତ ହୋଇଛି । ଏହି କମ୍ପାନୀ ବିଶ୍ୱର ସବୁଠାରୁ ଜଟିଳ ଏବଂ ଅଧିକ ପୁଞ୍ଜି ଥିବା କ୍ଷେତ୍ର ମଧ୍ୟରୁ ଗୋଟିଏ । ବଡ଼ ବିଚାରଧାରା ଏବଂ ଏକ ସହଭାଗୀ ସ୍ୱପ୍ନ ସହିତ ଏକ ଛୋଟ ଗ୍ୟାରେଜରେ ଆରମ୍ଭ ହୋଇଥିବା ଓବେନ ଇଲେକଫ୍ରିକ, ଆଜି ଭାରତର ସବୁଠାରୁ ଦ୍ରୁତ ଗତିରେ ବୁଥିବା ଇଲେକଫ୍ରିକ୍ ମୋଟରସାଇକେଲ୍ କମ୍ପାନୀରେ ପରିଣତ ହୋଇସାରିଛି । ଏହି ଏପିସୋଡଟି ଓବେନ ଇଲେକଫ୍ରିକ୍ର ଇଲେକଫ୍ରିକ୍ ଟୁ-ହ୍ୱିଲର୍ସରେ ଏଲଏଫପି ବ୍ୟାଟେରୀ ଟେକ୍ନୋଲୋଜୀର ନୂତନ ଇଂଟିଗ୍ରେସନ୍ ଉପରେ ଆଲୋକପାତ କରୁଛି, ଯାହା ସୁରକ୍ଷିତ, ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲୁଥିବା ଏବଂ ଅଧିକ ନିର୍ଭରଯୋଗ୍ୟ ସହରାଂଚଳ ମୋବିଲିଟୀ ପ୍ରଦାନ କରେ । ଏହାର ବାଙ୍ଗାଲୁରୁର ସୁବିଧା କେନ୍ଦ୍ରରେ ମୋଟରସାଇକେଲ ଡିଜାଇନ ଏବଂ ଗୁରୁତ୍ୱପୂର୍ଣ୍ଣ ଇଭି ଉପାଦାନଗୁଡ଼ିକୁ ଇନ୍-ହାଉସ୍ ବନାଇ, ଓବେନ୍ ଇଲେକଫ୍ରିକ୍ ଟେକ୍ନୋଲୋଜୀ ଏବଂ ଉତ୍ପାଦନ ଉପରେ ଏଣ୍ଡ-ଟୁ-ଏଣ୍ଡ ନିୟନ୍ତ୍ରଣ ବଜାୟ ରଖିଛି ।

ଏହି ସ୍ୱୀକୃତି ବିଷୟରେ ମତବ୍ୟକ୍ତ କରି ଓବେନ୍ ଇଲେକଫ୍ରିକ୍ର ସଂସ୍ଥାପକ ଏବଂ ସିଇଓ ମଧୁମିତା ଅଗ୍ରୱାଲ୍ କହିଛନ୍ତି, ଓବେନ୍ ଇଲେକଫ୍ରିକର ସ୍ଥାପନା ଏକ ଦୃଢ ବିଶ୍ୱାସ ସହିତ ପ୍ରତିଷ୍ଠିତ ହୋଇଥିଲା ଯେ ସ୍ଥାୟୀ ଅଭିବୃଦ୍ଧି ଏକ ସୁଦୃଢ଼ମୂଳଦୁଆରୁ ଆସିଥାଏ ।

**REQUIRED**

Hotel MJR Puri required General Manager, Sales & Marketing, Minimum 10 years experience.

**Contact :**
**9668927561, 9861130943**

**AFFIDAVIT**

I, Sribatsa Pradhan, S/o. Late Madhusudan Pradhan, resident of At/Po-Dublagadi, Ps-Bahabalpur Marine, Dist-Balasore, Pin-756027, Odisha declare by this affidavit No. 31 dtd. 13.01.2026 that now onwards I shall be known as SRIBATSA KUMAR PRADHAN for all future purposes.

Sd/ Sribatsa Kumar Pradhan

**AFFIDAVIT**

By virtue of an affidavit sworn before the Executive Magistrate, TIRTOL Dated. 07.11.25. I Chittaprakash Mohanty, S/o-Purnachandra Mohanty, Vill-Gopalpur Sankheswar, P.O.-Sankheswar. P.S.- Tirtol, Dist-Jagatsinghpur, Pin- 754137, Odisha declare that I have changed my daughter's name from RAJLAXMI to RAJLAXMI MOHANTY. Henceforth she shall be known as RAJLAXMI MOHANTY for all purposes.

Chittaprakash Mohanty

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.55-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମାଳୁରି ରୋଡ଼-ବୃନ୍ଦାବନପୁର ... PSC ସ୍ଲିପର୍ ଦ୍ୱାରା 12.20 ... 08 ... OHE ...

ଆନୁମାନିକ ମୂଲ୍ୟ(ଟଙ୍କାରେ): 37,13,069.22, EMD (ଟଙ୍କାରେ) : 74,300/-, ... : 180 ଦିନ ।

ବିଡ୍ ... : ତା.20.01.2026 ରିଖ, ... : ତା.03.02.2026 ରିଖ 1300 ଘଣ୍ଟାରେ ।

[illegible]

ଟେଣ୍ଡର ... www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1018/Q/25-26

**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL.),**
**AGRIL. ENGG DIVISION, RAYAGADA,**
No. 60 Date. 16.01.2026

L-166

**INVITATION FOR BIDS(IFB)**
**e-procurement notice**
**Bid identification number / Tender call notice no - EE (A) -06 of 2025- 26**

The Executive Engineer (Agril.), Agril. Engg division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Governor of Odisha for the Civil construction works (II and PH works) under Rayagada Division. The costs of the project are approximately 25.21 to 33.18 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from 19.01.2026 at 11:00 hours to 31.01.2026 at 17:30 hours. The bid will be opened on 02.02.2026 at 11:00 AM hours and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

Sd/- Executive Engineer (Agril.)
Agril. Engg. Division, Rayagada

**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE SUPERINTENDING ENGINEER (AGRIL),**
**SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM**
No. 59 Date. 16.01.2026

L-164

**INVITATION FOR BIDS (IFB)**
e-procurement notice
**Bid identification number /**
**Tender call notice no - SE (A) S/Z-05 of 2025- 26**

The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works (RCC Precast Boundary Wall) under Southern Zone. The costs of the project are around 61 to 424 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from 19.01.2026 at 11:00 hours to 03.02.2026 at 17:00 hours. The bid will be opened on 05.02.2026 at 11:00 hours and onwards in the O/o Superintending Engineer (Agril.), Southern Zone, Brahmapur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

**Superintending Engineer (Agril.)**
**Southern Zone, Brahmapur**

**OFFICE OF THE DIVISIONAL FOREST OFFICER,**
**MANGROVE FOREST DIVISION (WL), RAJNAGAR**
AT/P.O: Rajnagar, Dist: Kendrapara-754225, Phone: 06729-242460,
Control Room: 06729-242463, E-mail ID: dfo.rajnagarwl@odisha.gov.in
**BID IDENTIFICATION NO- DFO MFD-Hiring Trawler/03/ IF(Accts.) / Tender/334/ Dated.16/01/2026**
**Dated, Rajnagar the 16th January, 2026**

MM-510

**SHORT TENDER CALL NOTICE**

Sealed quotations are invited from registered trawler owners to submit their competitive quote for leasing of their sea worthy vessel of engine power of 400 HP or above for Sea Turtle Protection duty for the year 2025-26. The period of engagement shall normally be from 01st February-2026 to 31st March-2026. The owners are to quote the monthly hire charges inclusive of taxes if any but the cost of fuel, which will be brone by this Division. The details of terms and condition for engagement of trawler can be obtained from the office of the undersigned during office hours from 17.01.2026 onwards. Quotation for hiring of trawler (400 HP or above) to be submitted separately. Tender Paper & related documents should be collected from the office of the undersigned during the working hours between 10 AM. to 5 PM. from 17.01.2026 onwards with production of Tender Paper cost. The last date & time of receipt of quotation is 27.01.2026 at 05.00PM. Opening of Quotation is 28.01.2026 at 11:00 AM. The undersigned reserves the right to accept or reject any all quotation without assigning any reason thereof.

**Sd/- Divisional Forest Officer**
**Mangrove Forest Division (Wildlife)**
**Rajnagar**

ଶିକ୍ଷା ସମୃଦ୍ଧ
ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ

**DISTRICT PROJECT OFFICE, SAMAGRA SHIKSHA, BALANGIR**
dpcbolangirssa.opepa@nic.in
**No. XVIII/Pdg/01/2026/144/Date. 15.1.2026**
**NOTICE INVITING TENDER (NIT)**

n-236

Sealed tenders are invited from the reputed & credible printers / firms / agencies for printing & supply of **Question cum Answer Sheets, Answer Key & Oral question" for SA-II for Class-I to IV and VI, VII & Annual Examination for Class - V & VIII 2026** Students in two bid systems (Technical & Financial Bid) as detailed below :

| Name of the Tender | Bid Processing Fees | Amount of EMD | Last Date & Time of Receipt of Bid | Date & Time of Opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class- I to IV and VI, VII & Annual Examination for Class - V & VIII 2026 Students | Rs.. 1000/- | Rs. 120000/- | 04.02.2026 up to 05.00 PM (in all working days, Office Hours only | 05.02.2026 at 01.00 P.M. |

The detailed Bid document is available in the website **www.balangir.nic.in & www.osepa.odisha.gov.in.** Interested and eligible Printers / Firms may download BID DOCUMENT form the above website and apply accordingly. Corrigendum / Addendum, if required, will be uploaded in the above website. Hence, potential bidders are requirested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

**Sd/- Collector-cum-Chairman,**
**Samagra Shiksha, Balangir**

**Government of Odisha : Department of Women and Child Development**
**MAHILA VIKAS SAMABAYA NIGAM**
Plot No.: 483 (pt.), W&CD Complex, Ganganagar, Unit-VI, Bhubaneswar - 751001
Phone No.: 0674-2393822 Email Id- mvsn_bbsr@yahoo.com

CAD-3052

**TENDER NOTICE**

Tender No : 61 Dated: 17.01.26

Sealed tenders in double covers are invited from the interested GST-registered agencies / suppliers through two bid system (Technical and Financial) for "Laminated Takeaways and Home visit Registers" for use of AWWs as Home Visit Kit as per the details given below:

| Sl No. | Name of the Item | Quantity Required |
|---|---|---|
| 1 | "Laminated Takeaways and Home visit Registers" for use of AWWs as Home Visit Kit | 51796 each |

The tender complete in all respects, must reach the office of the Managing Director, MAHILA VIKAS SAMABAYA NIGAM (MVSN), W&CD Complex, Plot No.-483 (pt.), Ganganagar, Unit-VI, Bhubaneswar-751001, on or before 09.02.2026 through Speed Post/ Courier only.

The tender document containing general bid information and other terms & conditions can be downloaded from the website from https://wcd odisha.gov.in/ from 19.01.2026 to 09.02.2026.

Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

**Sd/- MANAGING DIRECTOR**
**MAHILA VIKAS SAMABAYA NIGAM (MVSN)**

**KORAPUT CENTRAL CO-OPERATIVE BANK LTD.,**
**HEAD OFFICE: N.K.T. ROAD, JEYPORE - 764003: DIST: KORAPUR (ODISHA)**
**Letter No. 6221 / P&S / 2025-26 / Date. 17.01.2026**
Phone No. (06854) 241159 / 232717
Email: ceo@koraputccb.com

**QUOTATION CALL NOTICE**

Sealed quotations are invited from the Authorised firms / individual with supported valid GST & PAN are requested to submit their sealed quotations before the undersigned on or before Dt 27.01.2026 by 2.00 P.M latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as Documentation on envelop.

The tender will be opened on Dtd. 27.01.2026 at 4.30 P.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Duration of video | Proposed Sight/Place | Deliverables |
|---|---|---|---|---|
| 1. | A documentary film for Koraput Central Co-operative Bank's platinum jubilee by focusing on the historical events, achievements, key personnel, Loan and Deposit Schemes, essential services, role of the bank in economic growth of operational area and future vision through archival footage, interviews, and impactful visuals. | 5 to 15 Minutes | All the Branch bank of the Koraput C. C Bank Ltd., Jeypore within undivided Koraput Districts. (Beyond 150 KM) | Deliverable includes soft copy of final out put Documentary/Tele Films in 4K & FHD in MOV & MP4 format All rushes Visuals In 4K. Final output is to be submitted in a pen drive. |

The above items should be quoted including GST, Travelling, Halting expenses and deliverable charges to the bank. The quotation received incomplete or after the scheduled date shall be rejected and will not be entertained by the Bank. The rate for production of documentary/tele film by the agency shall not be less than as mandated by the Government of Odisha. Further, the registered Agencies / Service provider must not be disqualified/ discarded from undertaking any government work in Odisha or any Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.
For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

**Sd/- Secretary**
**K.C.C. Bank Ltd., Jeypore**

# ଓଡ଼ିଶା ମୋଟର ଚାଳକ ସଂଘର ଖୋର୍ଦ୍ଧା ଜିଲ୍ଲା ଶାଖା ଗଠନ

ଖୋର୍ଦ୍ଧା, (ସବ୍ୟୁ): ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାରେ ନୂତନ ଶାଖା ବିଧିବଦ୍ଧଭାବେ ଗଠନ କରଯାଇଛି । ଗଡଖୋର୍ଦ୍ଧା କୁଞ୍ଜ ବିହାରୀ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ଏକ ବୈଠକ ରେ ସଂଘ ର ଆବାହକ ବ୍ରଜବନ୍ଧୁ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ମଙ୍ଗରାଜ, ଚାଳକ କଲ୍ୟାଣ ପାଣ୍ଠି ରାଜ୍ୟ ସଭାପତି ଦେବଦତ ଡାକୁଆ ଙ୍କ ଉପସ୍ଥିତି ରେ ଖୋର୍ଦ୍ଧା ଶାଖା ଗଠନ କରଯିବା ସହିତ ଖୋର୍ଦ୍ଧା ଶାଖା ସଭାପତି ଭାବେ ପଙ୍କଜ ଲୋଚନ ବେହେରା ଏବଂ ସମ୍ପାଦକ ଭାବେ ସୂର୍ଯ୍ୟ ନାରାୟଣ ସେନାପତି ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ତାଙ୍କ ବକ୍ତବ୍ୟ ରେ କହିଥିଲେ, ଏହି ସଂଘ ଗାଡି ଚାଳକ ମାନଙ୍କ ର ସାମାଜିକ ସୁରକ୍ଷା ଓ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟ କରେ । ୨୦୧୪ ମସିହା ରେ ଏହି ସଂଘ ଟ୍ରେଡ ୟୁନିୟନ ଆକ୍ଟ ରେ ପଞ୍ଜୀକୃତ ହୋଇଛି । ଓଡ଼ିଶା ମୋଟର ଚାଳକ ସଂଘ ଅଧୀନ ରେ ରାଜ୍ୟ ରେ ୩୭୦ ଟି ଶାଖା ବିଭିନ୍ନ ଜିଲ୍ଲା ରେ କାର୍ଯ୍ୟ କରୁଥିବା ବେଳେ, ବହୁ ପୂର୍ବରୁ ଖୋର୍ଦ୍ଧା ରେ ଏକ ଶାଖା ଗଠନ କରାଯାଇଥିଲେ ମଧ ତାହା ସକ୍ରିୟ ନଥିବାବେଳେ କିଛି ଚାଳକ ଙ୍କ ଅନୁରୋଧକ୍ରମେ ଆଜି ପୁନର୍ବାର ଏହି ସଂଗଠନ କୁ ସକ୍ରିୟ କରାଯାଇ ଖୋର୍ଦ୍ଧା ଶାଖା ସଭାପତି ଭାବେ ପଙ୍କଜ ଲୋଚନ ବେହେରା ଏବଂ ସମ୍ପାଦକ ଭାବେ ସୂର୍ଯ୍ୟନାରାୟଣ ସେନାପତି ଙ୍କୁ ସମ୍ପାଦକ ଭାବେ ମୋନୋନୀତ କରାଯାଇଛି ।

ଗୋଟିଏ ସ୍ଥାନ ରୁ ଅନ୍ୟ ସ୍ଥାନ କୁ ଗାଡ଼ି ନେଇ ଯିବା ସମୟ ରେ ଗାଡି ଚାଳକ ଯେପରି ଏକୁଟିଆ ଅନୁଭବ ନକରେ ସଂଘ ସେଥିପ୍ରତି ଦୃଷ୍ଟି ଦେବା ସହ, କେନ୍ଦ୍ର ଓ ରାଜ୍ୟ ସରକାର ଯେପରି ନିର୍ମାଣ ଓ ବିଡି ଶ୍ରମିକ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନା ରେ ଅନ୍ତର୍ଭୁକ୍ତ କରି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ସେହିପରି ଭାବରେ ଦିନରାତି ଏ ସମାଜ ର ତଥା ଦେଶ ର ନିଜ ଘରଦ୍ୱାରା ଛାଡି ସେବା କରୁଥିବା ଗାଡ଼ି ଚାଳକ ମାନଙ୍କ ଆଇନଗତ ଓ ନୀତିଗତ କେନ୍ଦ୍ର ଓ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେମାନଙ୍କ ସାମାଜିକ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି ସେଥିନିମନ୍ତେ ସଂଘ ପକ୍ଷ ରୁ ଦାବି ଉପସ୍ଥାପନ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି । ଆଜି ଖୋର୍ଦ୍ଧା ରେ ଏହି ସଂଗଠନ ଗଠନ କରି ସେମାନଙ୍କୁ ଏକତ୍ରିତ କରିବା ସହିତ ମୁଖ୍ୟସ୍ରୋତ ରେ ସାମିଲ କରି ସାମାଜିକ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ଆଲୋଚନା ଚାଲିବ ବୋଲି ଶ୍ରୀ ମଲ୍ଲିକ କହିଥିଲେ ।

## ଗଞ୍ଜେଇ ସହିତ ବାଇକ ଜବତ : ଦୁଇ ଗିରଫ

ଆଠଗଡ଼ ,(ସବ୍ୟୁ): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶନିବାର ସକାଳ ୬ ଟଠାରେ ପେଟ୍ରୋଲିଂ କରୁଥିବା ବେଳେ ଆଠଗଡ଼ ଥାନା ଅନ୍ତର୍ଗତ ଗୁଣ୍ଡିଚାପୁର ଛକରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ସହିତ ଗୋଟିଏ ବାଇକ ଜବତ କରା ଯାଇଛି । ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମ ର ଗୟାଚାନ୍ଦ ସାହୁ (୬୨) ଏବଂ ତାରେଶ ପ୍ରସାଦ ମହାପାତ୍ର (୬୩) ଗୋଟିଏ ବାଇକ ନଂ ଓଡି -୦୬-୪୧୮୩ ରେ ଏହି ଗଞ୍ଜେଇ ଢେଙ୍କାନାଳ ଅଞ୍ଚଳ କୁ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରା ଯାଇଥିଲା । ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇ ଥିବା ଏହି ଚଢାଉ ରେ ଉଭୟ ଗଞ୍ଜେଇ ଚୋରା ଚାଲାଣକାରୀ ଙ୍କୁ ଗିରଫ କରା ଯାଇ କୋର୍ଟ ଚାଲାଣ କରା ଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର: ୧୧ ବର୍ଷର ଭରସା ଯୋଗ୍ୟ ସର୍ଜରୀ ସେବା

ଭୁବନେଶ୍ୱର, (ସବ୍ୟୁ): ୨୦୧୪ ମସିହାରେ ଆରମ୍ଭ ହୋଇଥିବା ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଓଡ଼ିଶାରେ ତାହାର ସେବାର ୧୧ ବର୍ଷ ପୂରଣ କରିଛି । ଗତ ୧୧ ବର୍ଷରେ ଏଠାରେ ୨ ଲକ୍ଷରୁ ଅଧିକ ସର୍ଜେରୀ ସଫଳ ଭାବେ କରାଯାଇଛି । ତାଙ୍କର ସର୍ଜରୀ ଯାତ୍ରାକୁ ସ୍ମରଣ କରି ଏକ ବିଶେଷ ସର୍ଜିକାଲ୍ ଟ୍ରଷ୍ଟ କ୍ୟାମ୍ପେନ୍ ଆରମ୍ଭ କରିଛି । ଏହି ଅଭିଯାନ ୧୧ ବର୍ଷର ଭରସା, ଦକ୍ଷତା ଓ ଆଶାର ପ୍ରତୀକ । ଗତ ୧୧ ବର୍ଷରେ ଜଟିଳ ଓ ଉଚ୍ଚ ମାନର ସର୍ଜରୀ ପାଇଁ ଏକ ଭରସାଯୋଗ୍ୟ ହସ୍ପିଟାଲ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଜି ଓଡ଼ିଶା ସହିତ ସହ ଛତିଶଗଡ଼, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରୁ ମଧ ରୋଗୀମାନେ ଏଠାରେ ଚିକିତ୍ସା ପାଇଁ ଆସୁଛନ୍ତି । ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ରୋଗୀ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ଆସିଥାନ୍ତି ।

ଏହି କ୍ୟାମ୍ପେନ୍ରେ ୬ଟି ମୁଖ୍ୟ ସର୍ଜେରୀ ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି , ନ୍ୟୁରୋ ସର୍ଜରୀ, ଜଏଣ୍ଟ ରିପ୍ଲେସମେଣ୍ଟ୍ ସର୍ଜରୀ, ଓ ଆର୍ଥ୍ରୋସ୍କୋପି, କ୍ୟାନସର ସର୍ଜରୀ, ଅଙ୍ଗ ପ୍ରତ୍ୟାରୋପଣ, ସ୍ପାଇନ୍ ସର୍ଜରୀ ଓ ଗ୍ୟାସଟ୍ରୋ ସର୍ଜରୀ । ଏହି ସମସ୍ତ ବିଭାଗରେ ଅନୁଭବୀ ଡାକ୍ତରୀ ଟିମ୍ ଜଟିଳ ରୋଗର ସଫଳ ଚିକିତ୍ସା କରୁଛନ୍ତି । ଗତ ୧୧ ବର୍ଷରେ ୨ ଲକ୍ଷରୁ ଅଧିକ ସର୍ଜରୀ ସଫଳ ଭାବେ କରାଯାଇଛି । ଅତ୍ୟାଧୁନିକ ଯନ୍ତ୍ରପାତି, ସୁସ୍ପଷ୍ଟ ଚିକିତ୍ସା ପ୍ରକ୍ରିୟା ଓ ଭିନ୍ନ ଭିନ୍ନ ବିଭାଗର ଡାକ୍ତରମାନଙ୍କ ସହଯୋଗ ମଣିପାଲ ହସ୍ପିଟାଲର ସର୍ଜରୀ ବିଭାଗକୁ ଅଧିକ ଲୋକପ୍ରିୟ କରିପାରିଛି । ମଣିପାଲ୍ ହସ୍ପିଟାଲ୍ର ଚିକିତ୍ସା ପ୍ରଣାଳୀକୁ "ଲାଇଫ୍ ୩୬୦ ଡିଗ୍ରୀ" ବୋଲି କୁହାଯାଏ । ଏଠାରେ ରୋଗ ଚିହ୍ନଟରୁ ଆରମ୍ଭ କରି ଅପରେସନ୍, ସୁସ୍ଥ ହେବା, ପୁନଃଚିକିତ୍ସା ଓ ହସ୍ପିଟାଲ୍ ଛାଡ଼ିବା ପରେ ମଧ ରୋଗୀଙ୍କ ଦେଖାଶୁଣା କରାଯାଏ । ରୋଗୀଙ୍କ ସୁବିଧା ପାଇଁ, ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଅନେକ ପ୍ରମୁଖ ବୀମା କମ୍ପାନୀ ଓ ଥର୍ଡ ପାର୍ଟି ଏଡମିନିଷ୍ଟ୍ରେଟର ସହିତ ଜଡିତ ଅଛି, ଯାହା ଫଳରେ ଅପୁଭାଲ୍ ଓ ଡିସ୍ଚାର୍ଜ ପ୍ରକ୍ରିୟା ସହଜ ହୁଏ । ଏହି କ୍ୟାମ୍ପେନ୍ର ମୂଳ ସନ୍ଦେଶ ହେଉଛି—ଭରସାଯୋଗ୍ୟ ଆଶା । ଏ ଅବସରରେ ଡାକ୍ତର ଶକ୍ତିମୟ ମହାପାତ୍ର, କ୍ଲଷ୍ଟର ଡାଇରେକଟର (ଦକ୍ଷିଣ–ପୂର୍ବ), ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର କହିଛନ୍ତି, "ଅନେକ ପରିବାର ପାଇଁ ହସ୍ପିଟାଲ୍କୁ ଆସିବା ଜୀବନର ସବୁଠାରୁ ଜଟିଳ ସମୟ । ଗତ ୧୧ ବର୍ଷ ଧରି ଆମେ ସେହି ଭରସାକୁ ପ୍ରତିଶ୍ରୁତି ନୁହେଁ, ବରଂ ସଫଳ ଫଳାଫଳ, ସଠିକ୍ ଚିକିତ୍ସା ମାନଦଣ୍ଡ ମାଧ୍ୟମରେ ରକ୍ଷା କରିଆସୁଛୁ । ଏହି କ୍ୟାମ୍ପେନ୍ କେବଳ ସଂଖ୍ୟା ପାଇଁ ନୁହେଁ, ଓଡ଼ିଶା ସମେତ ଅନ୍ୟ ରାଜ୍ୟର ଲୋକମାନେ ଯେଉଁମାନେ ଆମ ଉପରେ ଯେ ଭରଷା ରଖିଛନ୍ତି, ତାହାକୁ ସମ୍ମାନ ଦେବା ପାଇଁ ।

# ସଡ଼କ ସୁରକ୍ଷା ମାସରେ ରାଜପଥ ପାଟ୍ରୋଲିଂ ଟିମଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ସଡ଼କ ସୁରକ୍ଷା ଦିଗରେ ତୃଣମୂଳ ସ୍ତରରେ କାମ କରୁଥିବା ପାଟ୍ରୋଲିଂ ଟିମଙ୍କ ପାଇଁ ଆୟୋଜିତ ହୋଇଯାଇଛି ଦୁଇ ଦିନିଆ କର୍ମଶାଳା । ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୭ ଜିଲ୍ଲାର ୫୦ ଜଣ ଅଧିକାରୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଥିଲା । ରାଜ୍ୟ ପରିବହନ ପ୍ରାଧିକରଣ ଓ ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସର ବିଶେଷଜ୍ଞ ମାନେ ଅଧିକାରୀ ମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସଡ଼କ ସୁରକ୍ଷା ପାଇଁ ଥିବା ଆହ୍ୱାନ ଓ ଏହାର ସମାଧାନ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା । ଏହାସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ ଏହାର ସଠିକ୍ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦିଆଯାଇଥିଲା । ସୁରକ୍ଷିତ ରାଜପଥ ପାଇଁ ଏନଫୋର୍ସମେଣ୍ଟ ସହ କିଭଳି ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇପାରିବ ଓ ଲୋକଙ୍କୁ ସଚେତନ କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସର ପ୍ରମୁଖ ପ୍ରକଳ୍ପ ଅଧିକାରୀ ତଥା ଅବସରପ୍ରାପ୍ତ ପ୍ରଶାସକ ଗଙ୍ଗାଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଅତିରିକ୍ତ ପରିବହନ କମିଶନର (ସଡ଼କ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର ଗୁରୁତ୍ୱାରୋପ କରିଥିଲେ ଯେ, କେବଳ ଚାଲାଣ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିବା ଉଚିତ୍ ନୁହେଁ ।ହାଇୱେ ପାଟ୍ରୋଲିଂ ଅଧିକାରୀମାନେ ହେଲେ ସଡ଼କର ପ୍ରକୃତ ଅଂଶୀଦାର ଯେଉଁମାନେ କି ସଡ଼କରେ ହେଉଥିବା ପ୍ରତ୍ୟେକ ଘଟଣା ଉପରେ ଜ୍ଞାନ ଓ ଅଭିଜ୍ଞତା ରଖିଥାନ୍ତି । ସେମାନେ ସଚେତନ ହେଲେ ଆଉ ନିଜର ଦାୟିତ୍ୱକୁ ଠିକ୍ ଭାବେ ବୁଝି କରିପାରିଲେ ସଡ଼କ ସୁରକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇପାରିବ ।

# ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବାର୍ଷିକ କାର୍ଯ୍ୟକାରିଣୀ

କଟକ, (ସବ୍ୟୁ):ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବାର୍ଷିକ କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ କନିଷ୍ଠ ସହାୟକ ଙ୍କ ଚାକିରୀ ସମ୍ବନ୍ଧୀୟ ଭବିଷ୍ୟତ, ଯଥା : କ୍ୟାଡର ଗଠନ, ପଦନ୍ନ୍ୟତୀ ସମ୍ବନ୍ଧୀୟ ଏବଂ ଏ ବର୍ଷର ଆଗାମୀ କାର୍ଯ୍ୟପନ୍ଥା ସଂଘ ର ସଭାପତି ପ୍ରିତମ ଏସ୍ୱିଲନ୍ ଉପସ୍ଥାପନା କରିଥିଲେ ।



ଏହି ବୈଠକ ରେ ସମସ୍ତ ଜିଲ୍ଲାର କନିଷ୍ଠ ସହାୟକ ଗଣ ଯୋଗ ଦେଇଥିଲେ । ଉକ୍ତ ବୈଠକ ରେ ମୁଖ୍ୟ ଦାବି ସ୍ୱରୂପ ଉଚ୍ଛେଦ ହୋଇଥିବା ପରିସଂଖ୍ୟନ ସହାୟକ ମାନଙ୍କର କ୍ୟାଡର ଗଠନ, ଗ୍ରେଡେସନ ତାଲିକା ଓ ଟାଇମ ବାଉଣ୍ଡ ପଦୋନ୍ନତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଷ୍ଟିଆକର୍ଷଣ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷିରେ ନିକଟ ଭବିଷ୍ୟତରେ ସଂଘର ଏକ ବିରାଟ ସମ୍ମିଳନି ଭୁବନେଶ୍ୱର ଠାରେ ଆୟୋଜନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା । ଯେଉଁଥିରେ ସମ୍ମାନନୀୟ ନେତୃବୃନ୍ଦ ଓ ମହିଳା ଓ ଶିଶୁ ବିକାଶ ବିଭାଗ ର ଉଚ୍ଚ ପଦାଧିକାରୀ ଙ୍କୁ ସଂଘ ତରଫ ରୁ ନିମନ୍ତ୍ରଣ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା । ଏହି ସଭାଟି ସଂଘ ର ସଭାପତି ପ୍ରିତମ ଏସ୍ୱିଲନ୍ ପରିଚାଳନା କରିଥିଲେ । ସର୍ବଶେଷ ରେ ସଂଘ ର ସମ୍ପାଦକ, ପଦାରବିନ୍ଦ କର ଧନ୍ୟବାଦ୍ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ । ଏଥିରେ ରାମଚନ୍ଦ୍ର ସ୍ୱାଇଁ , ସିଦ୍ଧାନ୍ତ କୁମାର ସାହୁ, ବିନିତା ପ୍ରିୟଦର୍ଶିନୀ ମିଶ୍ର, ଶୁଭ୍ରାଂଶୁ ଶେଖର ସାହୁ, ହିରମ୍ ଡୁରୁକ୍,ମଧୁସ୍ମିତା ପରିଡ଼ା , ବିକ୍ରମ କେଶରୀ, କମେଶ୍ୱର୍ ସିଂହ,ବନ୍ଦିତା ଦେହୁରୀ , ସୌମ୍ୟ ରଞ୍ଜନ ,ଅଭିଜିତ ସୁତାର, ରାଜେଶ୍ ଦେହୁରିଆ, ରାଜକୁମାର ନାୟକ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲା ର ସଦସ୍ୟ ଉପସ୍ଥିତ ଥିଲେ ।

# ଆକ୍ୱାପଲ୍ସ 'ବର୍ଷର ଶ୍ରେଷ୍ଠ ଡିପ୍ ଟେକ୍ ଆକ୍ୱାକଲ୍ଚର ଷ୍ଟାର୍ଟଅପ୍ ଅଫ୍ ଦି ଇୟର'



ଭୁବନେଶ୍ୱର (ସବ୍ୟୁ): ଟାଇମ୍ସ ଗ୍ରୁପ୍ ଦ୍ୱାରା ଆୟୋଜିତ ଟାଇମ୍ସ ବିଜନେସ୍ ଆୱାର୍ଡସ୍ - ଷଷ୍ଠ ସଂସ୍କରଣରେ ଓଡ଼ିଶା ସ୍ଥିତ ଆକ୍ୱା-ଟେକ୍ ଷ୍ଟାର୍ଟଅପ୍ ଆକ୍ୱାପଲ୍ସକୁ "ବର୍ଷର ଶ୍ରେଷ୍ଠ ଡିପ୍ ଟେକ୍ ଆକ୍ୱାକଲ୍ଚର ଷ୍ଟାର୍ଟଅପ୍ ଅଫ୍ ଦି ଇୟର" ପୁରସ୍କାର ପ୍ରଦାନ କରାଯାଇଛି । ଯାହାର ସହ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହେଉଛନ୍ତି ଅଭିଷେକ ଦ୍ୱିବେଦୀ ଏବଂ ନିର୍ଦ୍ଦେଶକ ଅଭିଳାଷ ଦ୍ୱିବେଦୀ । ଜଳକୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ପରବର୍ତ୍ତୀ ଅମଳ ସମାଧାନ, ଟ୍ରେସେବିଲିଟି ଏବଂ ସ୍ଥାୟୀତ୍ୱକୁ ଆଗକୁ ବଢ଼ାଇବାରେ ଆକ୍ୱାପଲ୍ସର ଅବଦାନକୁ ସ୍ୱୀକୃତି ଦେଇ ଶ୍ରୀମତୀ ଶିଳ୍ପା ସେଟ୍ଟୀ ଏହି ପୁରସ୍କାର ପ୍ରଦାନ କରିଥିଲେ ।

# ମହିଳାମାନଙ୍କୁ ଉଦ୍ୟୋଗୀରେ ରୂପାନ୍ତରିତ କରୁଛି ହିଣ୍ଡାଲ୍କୋର 'ପ୍ରୋଜେକ୍ଟ ଶକ୍ତି'

ଭୁବନେଶ୍ୱର, (ସବ୍ୟୁ) : ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ମହାଶକ୍ତି ଫାଉଣ୍ଡେସନକୁ ଏହାର ଅଗ୍ରଣୀ ମହିଳା ସଶକ୍ତିକରଣ ଏବଂ ଜୀବିକା ପ୍ରୟାସ 'ପ୍ରୋଜେକ୍ଟ ଶକ୍ତି' ଜରିଆରେ ସମର୍ଥନ ଯୋଗାଇଦେଇ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ହୀରାକୁଦ ପୌରପାଳିକାରେ ମହିଳାମାନଙ୍କୁ ଉଦ୍ୟୋଗୀ, କାରିଗର ଏବଂ ସେବା ଯୋଗାଣକାରୀ ହେବାକୁ ସମର୍ଥ କରାଇ ଏକ ଦୃଶ୍ୟମାନ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଉଛି । ଏ ସମ୍ପର୍କରେ ପ୍ରକାଶ କରି କୈଳାସ ପାଣ୍ଡେ, ମାଇନିଂ ବିଜିନେସ୍ ହେଡ୍ ଏବଂ କ୍ଲଷ୍ଟର ହେଡ୍, ହିଣ୍ଡାଲ୍କୋ କହିଛନ୍ତି, "ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ପ୍ରକୃତ ସଶକ୍ତିକରଣର ମୂଳଦୁଆ ବୋଲି ମଜଭୁତ ବିଶ୍ୱାସ ରଖୁଥିବା ପ୍ରୋଜେକ୍ଟ ଶକ୍ତି ଅଣଆନୁଷ୍ଠାନିକ ଜୀବିକାକୁ ଆନୁଷ୍ଠାନିକରେ ପରିଣତ କରି ମହିଳା ନେତୃତ୍ୱରେ ଅଣ-କୃଷି ଉଦ୍ୟୋଗଗୁଡିକୁ ମଜଭୁତ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି । ଗତ ୨୦୨୫ ଡିସେମ୍ବରରେ ଶୁଭାରମ୍ଭ କରାଯାଇଥିବା ପ୍ରୋଜେକ୍ଟ ଶକ୍ତି ଦ୍ୱାରା ଆଜି ସୁଦ୍ଧା ହୀରାକୁଦ ପୌରପାଳିକା ଅନ୍ତର୍ଗତ ୧୧ଟି ଗ୍ରାମର ୫୫ ଜଣ ମହିଳା ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇଛନ୍ତି ଏବଂ ତାହାସହିତ ୧୨୦ଟି ଏସଏଚ୍ଜି ପରିବାରକୁ ନେଇ ଏସଏଚ୍ଜି ନେଟୱର୍କକୁ ସୁଦୃଢ କରିଛି ଏବଂ ପ୍ରାୟ ୧୨୦୦ ଜଣ ମହିଳା ନେତୃତ୍ୱାଧୀନ ଜୀବିକା ଉପାର୍ଜନକାରୀ କାର୍ଯ୍ୟକଳାପକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି । ଏହି ମୂଳଦୁଆ ଉପରେ ପ୍ରୋଜେକ୍ଟ ଉଦ୍ୟୋଗ ବିକାଶ, କୌଶଳରେ ପରିବର୍ଦ୍ଧନ ଏବଂ ସଂସ୍ଥାନଗତ ଏକତ୍ରୀକରଣ ଜରିଆରେ ୫୦୦୦ ମହିଳା ହିତାଧିକାରୀଙ୍କ ନିକଟରେ ପହଞ୍ଚିବାକୁ ଭବିଷ୍ୟତର ଆକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି ।



# ୱାଟରଟେକ ସିପି ଫିଟିଙ୍ଗ ଏବଂ ସାନିଟାରୀ ୱେୟାର ପୋର୍ଟଫୋଲିଓକୁ ସଂପ୍ରସାରିତ କଲା

ଭୁବନେଶ୍ୱର, (ସବ୍ୟୁ): ୱାଟର ଟେକ ଇଣ୍ଡିଆ, ଦେଶର ବାଥୱେୟାର ଏବଂ ପ୍ଲମ୍ବିଙ୍ଗ ସମାଧାନ ଶିଳ୍ପରେ ଦୀର୍ଘ ୨୭ ବର୍ଷ ଧରି ଏକ ଖୁବ୍ ପରିଚିତ ତଥା ବିଶ୍ୱସନୀୟ ନାମ ଅଟେ, ଆଜି ଏହାର ସିପି ଫିଟିଙ୍ଗ ଏବଂ ସାନିଟାରୀ ୱେୟାର ବିଭାଗର ପଦକ୍ଷେପ ଗୁଡ଼ିକର ଶୁଭାରମ୍ଭ ଘୋଷଣା କରିଛି । ଏଭଳି ଏକ ଗତିବିଧି ଏହି ବିଭାଗର ବିଶେଷତ୍ୱକୁ ଅଧିକ ଗୁରୁତ୍ୱ ଦେବା ସହିତ ବ୍ରାଣ୍ଡର ସଂପ୍ରସାରଣରକୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ଏକ ବିସ୍ତାରିତ ଜ୍ଞାନକୌଶଳ ଯୁକ୍ତ ଆଧୁନିକ ଡ଼ିଜାଇନ ଅଗ୍ରଣୀ ଉତ୍ପାଦନର ପୋର୍ଟ ଫୋଲିଓକୁ ଆଧୁନିକ ଭାରତର ପ୍ରତ୍ୟେକ ଘରର ବୃଦ୍ଧି ପାଉଥିବା ·ହିଦାକୁ ନେଇ ସଠିକ୍ ଢ଼ଙ୍ଗରେ ଏହାକୁ ନିଜସ୍ୱ ଭାବରେ ଉପସ୍ଥାପିତ କରିପାରିଛି । ଏହି ଶୁଭାରମ୍ଭ ଯଥାର୍ଥରେ କମ୍ପାନୀର ସମ୍ପୂର୍ଣ୍ଣ ବିଭାଗର ପୁନଃ ଅନୁସନ୍ଧାନକାରୀତାକୁ ପ୍ରତିନିଧିତ୍ୱ କରିବା ସଙ୍ଗେସଙ୍ଗେ – ବିଶେଷତ୍ୱ ମଧ୍ୟରେ ରହିଛି ୫୦୦ରୁ ଅଧିକ ନୂତନ ବିକଶିତ ବର୍ଦ୍ଧିତ ସାମଗ୍ରୀ । ଏହି ସମ୍ଭାର ପ୍ରତିଷ୍ଠା ହୋଇଛି ଏକ ସତେଜ ଭରା ଡ଼ିଜାଇନର ଦର୍ଶନକୁ ନେଇ ଯାହାକି ଅତି ଶୃଙ୍ଖଳିତ ଭାବରେ ଏହାର କାରିଗରୀ ·ତ୍ରୁଟୀକୁ ପ୍ରାଧାନ୍ୟ ଦେବା ସଙ୍ଗେସଙ୍ଗେ, ଜଳ-ସଞ୍ଚୟକାରୀ ଦକ୍ଷତା ଏବଂ ସୁଗମ ଯାନ୍ତ୍ରିକୀକୁ ସେହି ଦିଗରେ ବିତରଣ କରିଛି ଯାହାର ପ୍ରସଙ୍ଗ ହେଉଛି "ଦି ପରଫେକ୍ଟ ଫ୍ଲୋ ଫର ଲାଇଫ" । ଏହି ନୂତନ ପୋର୍ଟଫୋଲିଓ ସହିତ, ୱାଟରଟେକ ଅତି ଦୃଢ଼ଭାବରେ ଏହାର ସମ୍ପୂର୍ଣ୍ଣ ଅବିରତ ସ୍ନାନାଗାରର ସମସ୍ତ ସମାଧାନକୁ ଯୋଗାଇବା ସହିତ ସମନ୍ୱିତ କାରୀ ଏକ ତ୍ରୁଟି ଶୂନ୍ୟ ପରି·ଳିତ ଉତ୍ପାଦନର ସାମଗ୍ରୀକ ଡ଼ିଜାଇନ ପ୍ରଦାନ କରିବା ସଙ୍ଗେସଙ୍ଗେ ସ୍ଥିର ଏବଂ ଉଦ୍ଧର୍ଗାମୀ ବ୍ୟବହାରକାରୀ ଅଭିଜ୍ଞତାକୁ ପ୍ରତ୍ୟେକ କେନ୍ଦ୍ରସ୍ଥଳରେ ଏହା ପହଞ୍ଚାଇବାରେ ସକ୍ଷମ ହୋଇପାରିଛି ।

# ଜିଲ୍ଲାସ୍ତରୀୟ ଭିବି ଜୀ-ରାମ-ଜୀ କର୍ମଶାଳା

କଟକ, (ସବ୍ୟୁ):ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ଜିଲ୍ଲାରେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ମିଶନ ଗ୍ରାମୀଣ (ଭିବି ଜୀ-ରାମ-ଜୀ) ର ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ୫ ଗୋଟି ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଏବଂ ଭିବି ଜୀ-ରାମ-ଜୀ ମଣ୍ଡଳ ସଂଯୋଜକମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସାଧାରଣ ସଂପାଦକ ସ୍ମୃତି ରଞ୍ଜନ ମିଶ୍ର ଅତିଥି ପରିଚୟ କରିଥିଲେ । ଜିଲ୍ଲା ପ୍ରଭାରୀ ଙ୍କ ଜ୍ଞାନଦେବ ବେଉରା, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବରିଷ୍ଠ ବିଜେପି ନେତା ହୃଷିକେଶ ଜେନା ଏବଂ ଲଲାଟେନ୍ଦୁ ବଡୁ ଜିଲ୍ଲାର ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରବର୍ତି ପର୍ଯ୍ୟାୟରେ ଭିବି ଜୀ-ରାମ-ଜୀର ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ପାଢ଼ୀ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିଥିବାବେଳେ, ଜିଲ୍ଲା ପ୍ରଭାରୀ ଙ୍କ ବେଉରା ପ୍ରତ୍ୟେକ ପଂଚାୟତ ଏବଂ ବୁଥ୍ ସ୍ତରରେ ସାଧାରଣ ଲୋକଙ୍କ ନିକଟରେ ଭିବି ଜୀ-ରାମ-ଜୀର ଉଦ୍ଦେଶ୍ୟ ଏବଂ ଲାଭ ସମ୍ବନ୍ଧରେ ପହଂଚାଇବା ମୂଳ ଲକ୍ଷ୍ୟ ହେଉ ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସଂପାଦକ ଇନ୍ଦ୍ରମଣି ମଲ୍ଲିକ, ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଜଗନ୍ନାଥ ପରିଡ଼ା, ସୁନୀଲ ଦ୍ୱିବେଦୀ, ବସନ୍ତ କୁମାର ଜେନା, ଦେବାଶିଷ ଘୋଷ, ସୁରେଶ ଚନ୍ଦ୍ର ଜେନା, ବିପ୍ଳବିନୀ ଦାସ, ଜିଲ୍ଲା ସଂପାଦକ ବୈରାଗୀ ଚରଣ ପ୍ରଧାନ, ସ୍ୱାଧୀନ ମହାନ୍ତି, ଲଲାଟେନ୍ଦୁ ଦାସ, ଅନୀତା ମିଶ୍ର, ସରୋଜ ସ୍ୱାଇଁ, ସରିତା ଶୁକ୍ଳ, ପ୍ରଭାତ କୁମାର ଜେନା, ସୁଜତା ନନ୍ଦ, କୋଷାଧ୍ୟକ୍ଷ ପ୍ରଭୋଦ କୁମାର ବଡ଼ପଣ୍ଡା, ସହ କୋଷାଧ୍ୟକ୍ଷ ମଙ୍ଗଳଚାନ୍ଦ ମିଶ୍ର, କାର୍ଯ୍ୟାଳୟ ସଂପାଦକ ପ୍ରଶାନ୍ତ ଦାସ, ସହ ସଂପାଦକ ଶୁଭମ ସ୍ୱାଇଁ, ସୁରଜ ଦାସ, ସୁଜତା ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ ।

## ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ

# ଓଡ଼ିଶାରେ ଯୁବ ବର୍ଗଙ୍କୁ ସଡ଼କ ସୁରକ୍ଷା ଶିକ୍ଷା ଉପରେ ନିୟୋଜିତ କଲା

ଭୁବନେଶ୍ୱର, (ସବ୍ୟୁ): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍ଏସଆଇ) ରାଷ୍ଟ୍ରବ୍ୟାପୀ ତାହାର ସଡ଼କ ସୁରକ୍ଷା ପ୍ରୟାସକୁ ଓଡ଼ିଶାରେ ଏକ ସଚେତନତାମୂଳକ ଅଭିଯାନ ସହିତ ଆଗେଇ ନେଇଛି । ଏହି ଅଭିଯାନରେ ନାରାୟଣା ଇ-ଟେକ୍ନୋ ସ୍କୁଲ (ଭୁବନେଶ୍ୱର) ଏବଂ ଡିଏଭି ପବ୍ଲିକ ସ୍କୁଲର (କଟକ) ୨୦୦୦ରୁ ଅଧିକ ଛାତ୍ର ଛାତ୍ରୀ ନିୟୋଜିତ ରହିବା ସହିତ ସଡ଼କ ବ୍ୟବହାର ସମ୍ପର୍କିତ ଶିକ୍ଷା, ଭାବ ବିନିମୟ ଏବଂ ସହଭାଗୀ ଦାୟିତ୍ୱ ଆଦି ବିଷୟରେ ସଚେତନ ହେବାକୁ ଏକ ମୁକ୍ତ ମଞ୍ଚ ସୃଷ୍ଟି କରିଥିଲା । ଏହି ଅଭିଯାନ ଅଂଶଗ୍ରହଣକାରୀଙ୍କ ନିମନ୍ତେ ନିରାପଦ ଗାଡିଚାଳନା ଅଭ୍ୟାସର ମୂଳ ବିଷୟଗୁଡ଼ିକ, ଟ୍ରାଫିକ ଶୃଙ୍ଖଳାର ଗୁରୁତ୍ୱ ଏବଂ ଦୈନନ୍ଦିନ ଗମନା ଗମନ କ୍ଷେତ୍ରରେ ସଚେତନତାର ଭୂମିକା ଆଦିର ମୂଳ ବିଷୟ ସମ୍ପର୍କରେ ଉତ୍ତମ ଭାବରେ ପ୍ରସ୍ତୁତ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ଅବଗତ ହେବା ଉପରେ ଦୃଷ୍ଟିନିବଦ୍ଧ କରିଥିଲା । ଏହି କାର୍ଯ୍ୟକ୍ରମଗୁଡିକ ଅଂଶଗ୍ରହଣକାରୀଙ୍କୁ ସଡ଼କ ସୁରକ୍ଷାକୁ କେବଳ କିଛି ନିୟମାବଳୀ ପରିବର୍ତ୍ତେ ବ୍ୟକ୍ତିଗତ ଏବଂ ସାମୂହିକ କଲ୍ୟାଣକୁ ପ୍ରଭାବିତ କରୁଥିବା ଏକ ନିତିଦିନିଆ ଅଭ୍ୟାସ ଭାବରେ ବିବେଚନା କରିବାକୁ ଉତ୍ସାହିତ କରିଥିଲା । କାର୍ଯ୍ୟକ୍ରମରେ ଆନ୍ତଃକ୍ରିୟାଶୀଳ ଶିକ୍ଷଣ ଢାଞ୍ଚାଗୁଡିକ ସ୍ଥାନ ପାଇଥିଲା ଯାହା ଅଂଶଗ୍ରହଣକାରୀଙ୍କୁ ସଡ଼କ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ସହିତ ସକ୍ରିୟ ଭାବରେ ନିୟୋଜିତ କରିବାର ସୁଯୋଗ ଦେଇଥିଲା । ନିରାପଦ ଗାଡି ଚାଳନା ସମ୍ପର୍କିତ ଲିଖିତ ଅଧିବେଶନଗୁଡିକ ଏହି ଅଭିଯାନର ମୂଳଦୁଆ ରହିଥିଲା, ଯାହା ଅଂଶଗ୍ରହଣକାରୀଙ୍କୁ ସହଜ ଭାବରେ ମୁଖ୍ୟ ବାର୍ତ୍ତାଗୁଡିକ ଗ୍ରହଣ କରିବାକୁ ସମର୍ଥ କରିଥିଲା । ଦୁଇ-ଚକିଆ ଗାଡିଗୁଡିକ ଏହି ଅଞ୍ଚଳରେ ଦୈନନ୍ଦିନ ପରିବହନରେ ଏକ ଅତ୍ୟାବଶ୍ୟକ ଅଂଶ ହୋଇଥିବାବେଳେ ଏହି ପ୍ରୟାସ ସାମ୍ପ୍ରତିକ ଏବଂ ଭବିଷ୍ୟତର ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନ ଏବଂ ଦାୟିତ୍ୱସମ୍ପନ୍ନ ଆଚରଣକୁ ସମର୍ଥନ କରିବା ଲକ୍ଷ୍ୟ ରଖିଥିଲା ।



# ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ କାର୍ଯ୍ୟକ୍ରମରେ ସୋଆ ଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର, (ସବ୍ୟୁ): 'ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ କମ୍ପ୍ୟୁଟର ସାଇନସ୍ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ଏବଂ ତଥା ଏନ୍ଏସଏସ୍ ସ୍ୱେଚ୍ଛାସେବୀ ଅଖିଳ କୁମାର ଦ୍ୱିବେଦୀ । ଭାରତକୁ ଏକ ବିକଶିତ ଜାତି ରୂପେ ଗଢି ତୋଳିବା ଲକ୍ଷ୍ୟ ନେଇ ନୂଆଦିଲ୍ଲୀରେ ଜାନୁଆରୀ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଜାତୀୟ ସ୍ତରର 'ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ' କାର୍ଯ୍ୟକ୍ରମରେ ସୋଆର ଛାତ୍ର ଦ୍ୱିବେଦୀ ସାମିଲ ହୋଇଥିଲେ ।

ଶ୍ରୀ ଦ୍ୱିବେଦୀ "ବିକଶିତ ଭାରତ ପାଇଁ ଭବିଷ୍ୟତ ପ୍ରସ୍ତୁତ କାର୍ମିକ ଶକ୍ତି ଗଢିବା" ଥିମାଟିକ୍ ଟ୍ରାକ୍ ଅଧୀନରେ ଅଂଶଗ୍ରହଣ କରିଥିଲେ । ଚୟନ ପ୍ରକ୍ରିୟା ଏକାଧିକ ପର୍ଯ୍ୟାୟରେ ହୋଇଥିଲା ଏବଂ ଏଥିରେ ଓଡିଶା ରାଜ୍ୟରୁ ୧୦,୦୦୦ରୁ ଅଧିକ ପ୍ରାର୍ଥୀ ଭାଗ ନେଇଥିଲେ । ଏହା କୁଇଜ୍ ରାଉଣ୍ଡରୁ ଆରମ୍ଭ ହୋଇଥିଲା, ଯାହାକୁ ସେ ସଫଳତାର ସହିତ ଉତୀର୍ଣ୍ଣ ହୋଇଥିଲେ । ପରବର୍ତୀ ପର୍ଯ୍ୟାୟରେ ରଚନା ରାଉଣ୍ଡରେ, ସେ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରି ମୂଳ ଦକ୍ଷତା, ଅନୁକୂଳ କ୍ଷମତା ଏବଂ ଦୀର୍ଘକାଳୀନ ନିଯୁକ୍ତି ଯୋଗ୍ୟତାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଏକ ସଂରଚିତ, ପ୍ରଯୁକ୍ତି - ଆଧାରିତ ଫ୍ରେମୱାର୍କ ପ୍ରସ୍ତାବ ଦେଇଥିଲେ ।

ତାଙ୍କ ରଚନା ପ୍ରସ୍ତୁତି (ପିପିଟି) ରାଉଣ୍ଡ ପାଇଁ ମନୋନୀତ ହୋଇଥିଲା, ଯେଉଁଠାରେ ସେ ନିଜ ଧାରଣାକୁ ସଂଗଠିତ ଏବଂ ବିଶ୍ଳେଷଣାତ୍ମକ ପ୍ରସ୍ତୁତି ମାଧ୍ୟମରେ ବିସ୍ତାରିତ କରିଥିଲେ । କୁଇଜ୍, ରଚନା ପ୍ରସ୍ତୁତି ଏବଂ ସାକ୍ଷାତାକାର – ଏହି ସମସ୍ତ ପର୍ଯ୍ୟାୟର ସମ୍ପୂର୍ଣ୍ଣ ମୂଲ୍ୟାୟନ ଆଧାରରେ, " ମୁଁ ବିକଶିତ ଭାରତ ପାଇଁ ଭବିଷ୍ୟତ - ପ୍ରସ୍ତୁତ କାର୍ମିକ ଶକ୍ତି ଗଢିବା" ଥିମାଟିକ୍ ଟ୍ରାକ୍ରେ ଶ୍ରୀ ଦ୍ୱିବେଦୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ନୂଆଦିଲ୍ଲୀରେ ଆୟୋଜିତ ଜାତୀୟସ୍ତରର କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗୀୟ ମନ୍ତ୍ରୀ ମନସୁଖ ମାଣ୍ଡବିୟ ଏବଂ ଭାରତର ଜାତୀୟ ସୁରକ୍ଷା (ଏନ୍ଏସ୍ଏ) ର ପରାମର୍ଶଦାତା ଅଜିତ ଡୋଭାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।



# ୧୮ ତାରିଖ ରେ ପୁରୀରେ ପହଞ୍ଚିବ ଶ୍ରୀରାମଙ୍କ ଧନୁ

ପୁରୀ, (ସବ୍ୟୁ): ଆସନ୍ତା ୧୮ ତାରିଖରେ ପୁରୀରେ ପହଞ୍ଚିବ ଶ୍ରୀରାମଙ୍କ ଧନୁ । ୧୯ ତାରିଖରେ ଉତ୍ତରପାର୍ଶ୍ୱିକ ମଠରୁ ପ୍ରୋସେସନ ବାହାରିବ । ଏହି ଧନୁ ଶ୍ରୀ ମନ୍ଦିର ଚତୁପାର୍ଶ୍ୱିକ ପରିକ୍ରମା କରି ଅଯୋଧ୍ୟା ଯିବ । ଏହି ଅବସରରେ ସେବାୟତ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଥିଲା । ସେବାୟତ ସଙ୍ଘ ସଭାପତି ଗୌରହରି ପ୍ରଧା ନ ଙ୍କ ଅଧକ୍ଷତାରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ସଦସ୍ୟ ରବି ନାରାୟଣ ଦାସ ଏବଂ ମଠ ମନ୍ଦିର ତରଫରୁ ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ମହାରାଜ( ନାରୁ ମହାରାଜ) ଉପସ୍ଥିତ ଥିଲେ ।

# ଚୀନରେ ନିରୋଭାଇରସ: ଶତାଧିକ ସଂକ୍ରମିତ

**ବେଜିଂ:** ଚୀନରେ ନିରୋଭାଇରସ ଆତଙ୍କ ଖେଳାଇ ଦେଇଛି। ଏହି ଭାଇରସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗୋଟିଏ ସ୍କୁଲରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଏହା ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି।ଦକ୍ଷିଣ ଚୀନ୍ର ଗୁଆଙ୍ଗଡୋଙ୍ଗ ପ୍ରଦେଶର ଫୋସାନ ସହରର ଏକ ସିନିୟର ହାଇସ୍କୁଲର ୧୦୩ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟ ନୋରୋଭାଇରସ ପଜିଟିଭ୍ ଆସିଛି।। ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଶନିବାର କହିଛନ୍ତି ଯେ, କୌଣସି ମାମଲା ଗୁରୁତର ନୁହେଁ। ଏନେଇ କୌଣସି ମୃତ୍ୟୁ ରିପୋର୍ଟ ହୋଇନାହିଁ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ଲକ୍ଷଣ ପ୍ରକାଶ ପାଇଥିଲା। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି। ସ୍କୁଲ କ୍ୟାମ୍ପସକୁ ପରିଷ୍କାର କରାଯାଇଛି। ସଂକ୍ରମଣକୁ ନେଇ ଏକ ମହାମାରୀ ସର୍ଭେ ଚାଲିଛି। ଗୁଆଙ୍ଗଡୋଙ୍ଗ ପ୍ରାଦେଶିକ ରୋଗ ନିୟନ୍ତ୍ରଣ ବିଭାଗ ଅନୁଯାୟୀ, ଏଠାରେ ନୋରୋଭାଇରସ୍ ପ୍ରକୋପ ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିଥାଏ ।



ନୋରୋଭାଇରସ୍ ଏକ ସାଧାରଣ ଭାଇରସ୍ ଯାହା ପେଟକୁ ପ୍ରଭାବିତ କରିଥାଏ। ଏହା ଯୋଗୁ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ସ୍ଥିତି ସୃଷ୍ଟି ହୋଇଥାଏ। ଶୀତଦିନେ ନୋରୋଭାଇରସ୍ ମାମଲା ସବୁଠାରୁ ଅଧିକ ଦେଖାଯାଇଥାଏ। ଏହା ଆମେରିକାରେ ଖାଦ୍ୟଜନିତ ରୋଗର ଏକ ନମ୍ବର କାରଣ।ପ୍ରତିବର୍ଷ, ସାରା ବିଶ୍ୱରେ ପ୍ରାୟ ୬୮୫ ନିୟୁତ ଲୋକ ନୋରୋଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୫ ବର୍ଷରୁ କମ୍ ବୟସର ୨୦୦ ନିୟୁତ ପିଲା ରହିଥାନ୍ତି।। ଏହି ଭାଇରସ୍ ଯୋଗୁ ପ୍ରତିବର୍ଷ ପ୍ରାୟ ୨୦୦,୦୦୦ ମୃତ୍ୟୁ ଘଟାଇଥାଏ। ମୃତକଙ୍କ ମଧ୍ୟରେ ପ୍ରାୟ ୫୦,୦୦୦ ପିଲା ମଧ୍ୟ ରହିଥାନ୍ତି। ଏହାର ପ୍ରଭାବ ଗରିବ ଦେଶଗୁଡ଼ିକରେ ବିଶେଷ ଭାବରେ ଗୁରୁତର ହୋଇଥାଏ।ଏହା ବିଶ୍ୱକୁ ପ୍ରାୟ ୬୦ ବିଲିୟନ ଡଲାର କ୍ଷତି ହଞ୍ଚାଇଥାଏ।ନୋରୋଭାଇରସର ପ୍ରଥମ ମାମଲା ୧୯୬୮ ମସିହାରେ ଆମେରିକାର ଓହାଇଓର ନରୱାକରେ ରିପୋର୍ଟ ହୋଇଥିଲା। ଯେହେତୁ ସଂକ୍ରମଣ ପ୍ରଥମେ ନରୱାକ୍ ସହରରେ ଚିହ୍ନଟ ହୋଇଥିଲା। ତେଣୁ ପ୍ରଥମେ ଏହି ଭାଇରସକୁ ନରୱାକ୍ ଭାଇରସ୍ କୁହାଯାଉଥିଲା। ପରେ, ଏହି ଭାଇରସ ନୋରୋଭାଇରସ୍ ଭାବରେ ଜଣାଶୁଣା ହୋଇଥିଲା।

# ଚାବାହାର ବନ୍ଦରରେ କାମ ବନ୍ଦ କଲା ଭାରତ

**ନୂଆଦିଲ୍ଲୀ:** ଭାରତ ଇରାନର ଚାବାହାର ବନ୍ଦରର ଶହିଦ ବେହେସ୍ତି ଟର୍ମିନାଲରେ କାମ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ୨୦୨୪ରେ, ଭାରତ ଇରାନ ସହିତ ୧୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହା ଅନ୍ତର୍ଗତ ଇଣ୍ଡିଆ ପୋର୍ଟସ ଗ୍ଲୋବାଲ ଲିମିଟେଡକୁ ଇରାନର ଚାବାହାର ବନ୍ଦରରେ ସହିଦ ବେହେସ୍ତି ଟର୍ମିନାଲ ପରିଚାଳନା ଏବଂ ବିକାଶ କରିବାର ଅଧିକାର ପ୍ରଦାନ କରାଯାଇଥିଲା। ଚାବାହାର ବନ୍ଦର ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ବନ୍ଦର ଭାରତ ସହିତ ଆଫଗାନିସ୍ତାନ, ମଧ୍ୟ ଏସିଆ, ରୁଷ ଓ ୟୁରୋପ ମଧ୍ୟରେ ସଂଯୋଗ ସ୍ଥାପନର ପ୍ରମୁଖ ମାଧ୍ୟମ। ଭାରତ ଏହି ପ୍ରକଳ୍ପରେ ପ୍ରାୟ ୪,୦୦୦କୋଟି ନିବେଶ କରିଛି। ସେପ୍ଟେମ୍ବର ୨୦୨୫ରେ, ଆମେରିକା ଇରାନ ଉପରେ ପୁନର୍ବାର କଡ଼ା କଟକଣା ଲାଗୁ କରିଥିଲା। ୨୦୧୮ ରେ କଟକଣାକୁ କୋହଳ କରାଯାଇଥିଲା। କିନ୍ତୁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏହାକୁ ରଦ୍ଦ କରିଥିଲେ।

## ଟ୍ରମ୍ପଙ୍କ ଶୁଳ୍କ ବୋମା ଧମକ

ଆମେରିକାର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ (ଓଏଫଏସି) ଭାରତକୁ ସମସ୍ତ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ଅକ୍ଟୋବର ୨୦୨୫ ରୁ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଛଅ ମାସର ସମୟ ସୀମା ପ୍ରଦାନ କରିଥିଲେ। ଇତିମଧ୍ୟରେ ସରକାରୀ ନିର୍ଦ୍ଦେଶକମାନେ ଆଇପିଜିଏଲ୍ର ବୋର୍ଡରୁ ସାମୂହିକ ଇସ୍ତଫା ଦେଇଛନ୍ତି।ଆମେରିକାର କଟକଣା ଏଡାଇବା ପାଇଁ କମ୍ପାନିର ୱେବସାଇଟ୍ ବନ୍ଦ କରିଦିଆଯାଇଛି। ଭାରତ ଋଣ ଏବଂ ଅନ୍ୟାନ୍ୟ ବକେୟା ଋଣ ପରିଶୋଧ ପାଇଁ ୧୨୦ ନିୟୁତ ଡଲାର ସ୍ଥାନାନ୍ତର ମଧ୍ୟ କରିଛି। ୧୨ ଜାନୁଆରି ୨୦୨୬ରେ, ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ, ଇରାନ ସହିତ ବାଣିଜ୍ୟ କରୁଥିବା ଦେଶ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରାଯିବ। ଟ୍ରମ୍ପଙ୍କ ଏଭଳି ଘୋଷଣା ଭାରତ ଉପରେ ଚାପ ବୃଦ୍ଧି କରିଥିଲା। ଆମେରିକା ସହିତ ଭାରତର ବହୁବିଧ ବଡ଼ ଧରଣର ବାଣିଜ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ଚାବାହର ବନ୍ଦରରେ କାମ ବନ୍ଦ କରାଯିବା ନିଷ୍ପତ୍ତି ଗ୍ରହଣ କରାଯାଇଛି।



ଭାରତର ଏଭଳି ପଦକ୍ଷେପକୁ ବିରୋଧୀ ଦଳଙ୍କ ପକ୍ଷରୁ ଆମେରିକା ନିକଟରେ ଆତ୍ମସମର୍ପଣ ଓ ଜାତୀୟ ସ୍ୱାର୍ଥକୁ ଅଣାଦେଖା କରାଯାଉଥିବା ଅଭିଯୋଗ ଅଣାଯାଇଛି। ତେବେ ସରକାର ଏହାକୁ ଏକ ବାସ୍ତବବାଦୀ ପଦକ୍ଷେପ ବୋଲି କୁହାଯାଇଛି। ଆମେରିକା ସହିତ ମୁକାବିଲା ଏଡାଇବା ଏବଂ ଅର୍ଥନୀତିକୁ ସୁରକ୍ଷା ଦେବା ପାଇଁ ଏଭଳି ଆବଶ୍ୟକ ପଦକ୍ଷେପ ସରକାର ଗ୍ରହଣ କରିଥିବା କହିଛନ୍ତି। ଚାବାହାର ଭାରତ ପାଇଁ ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ପାକିସ୍ତାନରେ ଚୀନ୍ ଦ୍ୱାରା ବିକଶିତ ଗ୍ୱାଦର ବନ୍ଦରର ଏକ ପ୍ରତିଦ୍ୱନ୍ଦ୍ୱି ଭାବେ କାର୍ଯ୍ୟ କରିଥାଏ। ଏହି ବନ୍ଦର ଆଫଗାନିସ୍ତାନକୁ ଖାଦ୍ୟଶସ୍ୟ ଓ ଔଷଧ ଭଳି ମାନବିକ ସହାୟତା ପାଇଁ ଏକ ସହଜ ଜଳ ପଥ। ତେବେ ବନ୍ଦରରେ କାମ ବନ୍ଦ କରିବା ନିଷ୍ପତ୍ତି ସହିତ ଭାରତ ଏବେ ବିକଳ୍ପ ପଥ ବିଷୟରେ ବିଚାର କରୁଛି।

# ଗଡ଼ିଲା ବନ୍ଦେ ଭାରତ ସ୍ଲିପର୍ ଟ୍ରେନ: ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**କୋଲକାତା:** ପଶ୍ଚିମବଙ୍ଗର ମାଲଦାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍ଟି ପଶ୍ଚିମବଙ୍ଗର ହାୱଡା ଏବଂ ଆସାମର ଗୁଆହାଟି (କାମାକ୍ଷା ) ମଧ୍ୟରେ ଚାଲିବ। ଏଥିପାଇଁ ପୂର୍ବରୁ ୧୭ ଘଣ୍ଟା ଲାଗୁଥିବାବେଳେ ଏବେ ଏହି ୯୫୮ କିଲୋମିଟର ଦୂରତା ଅତିକ୍ରମ କରିବାକୁ ୧୪ ଘଣ୍ଟା ଲାଗିବ। ଏହି ଟ୍ରେନ୍ରେ ମୋଟ ୧୬ଟି କୋଚ୍ ରହିବ।

ଯେଉଁଥିରେ ୧୧ ତୃତୀୟ ଏସି, ୪ ଦ୍ୱିତୀୟ ଏସି ଏବଂ ଗୋଟିଏ ପ୍ରଥମ ଏସି କୋଚ୍ ଅନ୍ତର୍ଭୁକ୍ତ। ରାଜଧାନୀ ଏକ୍ସପ୍ରେସ୍ ପରି ପ୍ରିମିୟମ୍ ଟ୍ରେନ୍ ତୁଳନାରେ ଏଥିରେ ଭଡ଼ା ଟିକିଏ ଅଧିକ ରହିବ। ଗୁଆହାଟିରୁ ହାୱଡା ପର୍ଯ୍ୟନ୍ତ ତୃତୀୟ ଏସି ଭଡ଼ା ପ୍ରାୟ ୨,୩୦୦ ଟଙ୍କା ରଖାଯାଇଛି। ଭାରତୀୟ ରେଳବାଇର ଇତିହାସରେ ବନ୍ଦେ ଭାରତ ସ୍ଲିପର ଟ୍ରେନ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଏପର୍ଯ୍ୟନ୍ତ ବନ୍ଦେ ଭାରତ ଟ୍ରେନ୍ଗୁଡ଼ିକ କେବଳ ଚେୟାର କାର୍ରେ ଚାଲିଥିଲା। ତେବେ ସ୍ଲିପର୍ ସଂସ୍କରଣର ପ୍ରଚଳନ ଦୀର୍ଘ ଦୂରତାର ରାତ୍ରୀକାଳୀନ ଯାତ୍ରାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବ ବୋଲି କୁହାଯାଉଛି।




ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀଙ୍କ ଆରାମକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି। ଏହାର ଭିତର ଭାଗ ଭାରତୀୟ ସଂସ୍କୃତି ଆଧାରରେ ଡିଜାଇନ୍ କରାଯାଇଛି। ଏହା ବିଳାସପୂର୍ଣ୍ଣ ଏବଂ ଆକର୍ଷଣୀୟ ପରିବେଶକୁ ସୁନିଶ୍ଚିତ କରିବ। ବର୍ଥ, ଆଲୋକ ଏବଂ କୋଚ୍ ଲେଆଉଟ୍ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେଭଳି ଲମ୍ବା ଯାତ୍ରା ଯୋଗୁ ଲୋକେ କ୍ଲାନ୍ତି ଅନୁଭବ କରିବେ ନାହିଁ। ଟ୍ରେନ୍ରେ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜୀବାଣୁନାଶକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ରେଳ ମନ୍ତ୍ରଣାଳୟ ଅନୁଯାୟୀ, କୋଚଗୁଡ଼ିକରେ ୟୁଭିସି ପ୍ରଯୁକ୍ତିବିଦ୍ୟାକୁ ସାମିଲ କରାଯାଇଛି। ଯାହା ବାୟୁରେ ଥିବା ଭୂତାଣୁ ଓ ଜୀବାଣୁକୁ ନଷ୍ଟ କରିବାରେ ସାହାଯ୍ୟ କରିବ। ଏହି ସିଷ୍ଟମ ବାୟୁକୁ ଫିଲ୍ଟର ଓ ସଫା କରିବା ପରେ ଶୁଦ୍ଧ ବାୟୁ ବାହାର କରିବ।

ଟ୍ରେନ୍ର ବାହ୍ୟ ଡିଜାଇନକୁ ଏରୋଡାଇନାମିକ୍ କରାଯାଇଛି। ଏହା କମ୍ ଶକ୍ତି ଖର୍ଚ୍ଚ ସୁନିଶ୍ଚିତ କରିବ। ଏହାର ଦ୍ୱାର ସମ୍ପୂର୍ଣ୍ଣ ସ୍ୱୟଂଚାଳିତ । ଷ୍ଟେସନରେ ପହଞ୍ଚିବା ସମୟରେ ଓ ଛାଡ଼ିବା ସମୟରେ ସ୍ୱୟଂଚାଳିତ ଭାବରେ ଖୋଲିବ ଏବଂ ବନ୍ଦ ହେବ।

ବନ୍ଦେ ଭାରତ ସ୍ଲିପର ଟ୍ରେନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୮୦ କିଲୋମିଟର ରହିଛି। ସାଧାରଣ କାର୍ଯ୍ୟ ସମୟରେ ଏହା ଘଣ୍ଟା ପ୍ରତି ପ୍ରାୟ ୧୩୦ କିଲୋମିଟର ବେଗରେ ଚାଲିବ। ଯାତ୍ରା ସମୟରେ ଯାତ୍ରୀମାନଙ୍କୁ ଉଚ୍ଚମାନର କମ୍ବଳ, କଭର ଏବଂ ଉନ୍ନତ ବେଡ୍ରୋଲ ଯୋଗାଇ ଦିଆଯିବ। ଖାଦ୍ୟ ପାନୀୟ ପାଇଁ କ୍ୟାଟରିଂ ସେବା ମଧ୍ୟ ଉପଲବ୍ଧ ହେବ। ଏହି ଟ୍ରେନ୍ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଉନ୍ନତ। ଏଥିରେ କବଚ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ ଅଛି, ଯାହା ନିରନ୍ତର ଟ୍ରେନ୍ ଗତି ଓ ସିଗନାଲିଂ ଉପରେ ନଜର ରଖିଥାଏ। ଫଳରେ ଦୁର୍ଘଟଣାର ଆଶଙ୍କାକୁ ଯଥେଷ୍ଟ କମ୍ ହେବ। ଏହା ସହିତ, ଏହା ଏକ ଜରୁରୀକାଳୀନ ଟକ୍-ବ୍ୟାକ୍ ୟୁନିଟ୍ ରହିଛି। ଯାହା ଯାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସିଧାସଳଖ ଟ୍ରେନ୍ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁମତି ଦେବ। ଡ୍ରାଇଭରଙ୍କ କ୍ୟାବିନ୍ରେ ମଧ୍ୟ ଆଧୁନିକ ନିୟନ୍ତ୍ରଣ ବ୍ୟବସ୍ଥା ଓ ସୁରକ୍ଷା ପ୍ରଣାଳୀ ରହିଛି।

## ଇରାନରୁ ସୁରକ୍ଷିତ ଫେରିଲେ ଭାରତୀୟ

**ନୂଆଦିଲ୍ଲୀ:** ଇରାନରେ ସୁରକ୍ଷା ପରିସ୍ଥିତି ବିଗିଡ଼ିବା ଏବଂ ଜନଆକ୍ରୋଶ ବୃଦ୍ଧି ପାଇବା ମଧ୍ୟରେ, ସେଠାରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମହାନ ଏୟାର ବିମାନର ବିମାନ ଡବ୍ଲୁ-୫-୦୭୧ ଯୋଗେ ପ୍ରଥମ ଭାରତୀୟ ଦଳ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି। ପରିବାର ସଦସ୍ୟମାନେ ବିମାନବନ୍ଦରରେ ସେମାନଙ୍କ ପ୍ରିୟଜନଙ୍କୁ ଭାବପ୍ରବଣ ଭାବରେ ସ୍ୱାଗତ କରିଥିଲେ। ଆର୍ଥିକ ସଙ୍କଟ ଏବଂ ସ୍ଥାନୀୟ ମୁଦ୍ରାର ମୂଲ୍ୟ ରେକର୍ଡ ସ୍ତରକୁ ଖସିବା ପରେ ଇରାନରେ ଆରମ୍ଭ ହୋଇଥିବା ବିରୋଧ ପ୍ରଦର୍ଶନ ଏବେ ହିଂସାତ୍ମକ ରୂପ ନେଇଛି। ଯାହାକୁ ଦୃଷ୍ଟିରେ ରଖି ଭାରତ ସରକାର ନିଜ ନାଗରିକମାନଙ୍କୁ ଯଥାଶୀଘ୍ର ଇରାନ ଛାଡିବାକୁ ପରାମର୍ଶ ଦେଇଥିଲେ। ଘରକୁ ଫେରିଥିବା ଭାରତୀୟମାନେ ଇରାନର ବର୍ତ୍ତମାନର ଭୟଙ୍କର ପରିସ୍ଥିତିକୁ ବଖାଣିଛନ୍ତି।



# ଇରାନରେ ବିକ୍ଷୋଭକାରୀଙ୍କ ନେତା ଗିରଫ

**ତେହେରାନ:** ଇରାନରେ ୧୯ ଦିନର ପ୍ରତିବାଦ ପରେ ଏବେ ଦେଶରେ ଶାନ୍ତି ଫେରୁଥିବା କୁହାଯାଉଛି । ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ । ଅର୍ଥନୈତିକ ସଙ୍କଟ ଯୋଗୁ ସୃଷ୍ଟି ହୋଇଥିବା ପ୍ରତିବାଦର ସ୍ୱର ସରକାରଙ୍କ ବିରୋଧରେ ଉଠିଥିଲା । ପ୍ରତିବାଦ ସମୟରେ ବହୁ ଲୋକଙ୍କ ମୃତ୍ୟୁ ହେବା ସହ ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଥିଲା । ଶନିବାର ଇରାନରେ ପ୍ରତିବାଦ କରୁଥିବାରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ପ୍ରତିବାଦକାରୀଙ୍କ ନେତୃତ୍ୱ ନେଉଥିବା ନାଜାନିନ୍ ବାରାଦରନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗୁଇନ୍ଦା ସୂଚନା ଆଧାରରେ ଆଇଆରଜିସି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଦାବି କରିଛି । ନାଜାନିନ୍ ବାରାଦରନ୍ଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି ଯେ, ସେ ପ୍ରତିବାଦ ପାଇଁ ହୋଇଥିବା ହିଂସାର ମୁଖ୍ୟ କାରଣ। ତାଙ୍କ ସମ୍ପର୍କରେ ଅଧିକ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ ଆମେରିକା ସ୍ଥିତ ମାନବାଧିକାର ସଂଗଠନ ଏଚ୍ଆର୍ଏଏନ୍ଏ କହିଛି, ଇତିମଧ୍ୟରେ ୨,୪୦୩ ପ୍ରଦର୍ଶନକାରୀ ଓ ୧୪୭ ସରକାରୀ ସମର୍ଥକଙ୍କୁ ହତ୍ୟା କରାଯାଇଛି । ସଂଗଠନ ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୧୮,୧୩୭ ଜଣଙ୍କୁ ଗିରଫ କରାଯାଇଛି। ଇରାନ ଗିରଫ ପ୍ରତିବାଦକାରୀଙ୍କୁ ମୃତ୍ୟୁଦଣ୍ଡ ଦେବ ବୋଲି ରିପୋର୍ଟ ହୋଇଥିଲା । ସମ୍ପ୍ରତି, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି କହିଛନ୍ତି ଯେ, ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର କୌଣସି ଯୋଜନା ନାହିଁ ।

## ଇଣ୍ଡିଗୋକୁ ୨୨ କୋଟି ଜରିମାନା

**ନୂଆଦିଲ୍ଲୀ:** ଅତ୍ୟଧିକ ଅନୁକୂଳିତ କାର୍ଯ୍ୟ ତାଲିକା, ଅପର୍ଯ୍ୟାପ୍ତ ଯୋଜନା ଏବଂ ଦୁର୍ବଳ ସଙ୍କଟ ପରିଚାଳନା, ବ୍ୟାପକ ଉଡ଼ାଣ ବିଳମ୍ବ ଏବଂ ବାତିଲକରଣର କାରଣରୁ ଇଣ୍ଡିଗୋକୁ ୨୨ କୋଟି ଟଙ୍କାର ଜରିମାନା କରାଯାଇଛି। ଏକ ବିସ୍ତୃତ ତଦନ୍ତ ପରେ ଜାରି କରାଯାଇଥିବା ଆଦେଶରେ, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କହିଛି ଯେ, ବିମାନ କର୍ମଚାରୀ ଏବଂ ନେଟୱାର୍କ ସମ୍ବଳର ସର୍ବାଧିକ ବ୍ୟବହାର ଉପରେ ଅଧିକ ଧ୍ୟାନ ଦେବା ଦ୍ୱାରା ବାଧା ସୃଷ୍ଟି ହୋଇଥିଲା, ଯାହା କାର୍ଯ୍ୟକ୍ଷମ ବଫର ମାର୍ଜିନକୁ ତୀବ୍ର ଭାବରେ ହ୍ରାସ କରିଥିଲା। ତଦନ୍ତ କମିଟି ଜାଣିପାରିଲା ଯେ କ୍ରୁ ରୋଷ୍ଟରଗୁଡ଼ିକୁ ଡ୍ୟୁଟି ଅବଧିକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିଲା, ଡେଡ୍-ହେଡିଂ, ଟେଲ୍ ସ୍ୱାପ୍, ବିସ୍ତାରିତ କାର୍ଯ୍ୟ ଢାଞ୍ଚା ଏବଂ ସର୍ବନିମ୍ନ ପୁନରୁଦ୍ଧାର ମାର୍ଜିନ ଉପରେ ନିର୍ଭରଶୀଳତା ବୃଦ୍ଧି କରିବା ସହିତ, ରୋଷ୍ଟର ଅଖଣ୍ଡତା ଏବଂ କାର୍ଯ୍ୟକ୍ଷମ ସ୍ଥିରତାକୁ ଆଘାତ କରିଥିଲା। ଏହି କାରଣରୁ ଇଣ୍ଡିଗୋକୁ ଏଭଳି ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବାଂଲାରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

**ଢ଼ାକା:** ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି । ମୃତ ବ୍ୟକ୍ତିଙ୍କ ନାଁ ରିପୋନ ଶାହା , ସେ ରାଜବାଡ଼ି ଜିଲ୍ଲା ଅଧୀନସ୍ଥ ଗୋଲାଣ୍ଡା ମୋଡ଼ର କରିମ ତେଲଟାଙ୍କିରେ କାମରେ ଥିବାବେଳେ ଏକ ଗାଡ଼ି ତେଲ ପକାଇବା ପାଇଁ ଆସିଥିଲା । ତେଲ ପକାଇବା ପରେ ଗାଡ଼ି ଡ୍ରାଇଭର ଟଙ୍କା ନଦେଇ ପଳାଉଥିଲା । ରିପୋନ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ ତାଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ରିପୋନଙ୍କର ମୃତ୍ୟୁ ହୋଇଯାଇଛି । ରାଜବାଡ଼ି ସଦର ପୁଲିସ ମୁଖ୍ୟ ଖୋନ୍ଦକୀ ଜିଆଉର ରେହମାନ କହିଛନ୍ତି, ଉକ୍ତ ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହେବ । ପୁଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏକ କଳା ଏସ୍ୟୁଭି ଶୁକ୍ରବାର ଭୋର୍ ପ୍ରାୟ ୪.୩୦ ସମୟରେ ତେଲ ପକାଇବାପାଇଁ ପହଞ୍ଚିଥିଲା ଏବଂ ପାଖାପାଖି ୩,୭୧୦ ଟଙ୍କାର ତେଲ ପକାଇଥିଲା । ଡ୍ରାଇଭର ଯେତେବେଳେ ଟଙ୍କା ନଦେଇ ସ୍ଥାନ ଛାଡ଼ି ପଳାଇଥିଲା ଶାହ ତାଙ୍କ ଗାଡ଼ି ଅଟକାଇବାକୁ ଚେଷ୍ଟା କରିଥିଲା । କିନ୍ତୁ କାର୍ଟି ତାଙ୍କ ଉପରେ ଅତି ଦ୍ରୁତ ଗତିରେ ମଡ଼ାଇ ପଳାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି । ପୁଲିସ ପରେ ଏହି ଗାଡ଼ିଟିକୁ ଜବତ କରିଛି ଏବଂ ଗାଡ଼ି ମାଲିକ ଅବୁ ହଶେମ ଓରଫ ସୁଜନ (୫୫) ଏବଂ ତାଙ୍କ ଡ୍ରାଇଭର କମଲ ହୋସେନ (୪୩)ଙ୍କୁ ଗିରଫ କରିଛି । ମିଳିଥିବା ସୂଚନାନୁଯାୟୀ ହଶେମ ହେଉଛି ବିଏନ୍ପି (ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି) ର ରାଜବାଡ଼ି ଜିଲ୍ଲାର ପୂର୍ବତନ କୋଷାଧକ୍ଷ ଏବଂ ସେ ଜିଲ୍ଲା ଯୁବ ଦଳର ପୂର୍ବତନ ସଭାପତି । ବୃତ୍ତିରେ ସେ ଜଣେ କଣ୍ଟ୍ରାକ୍ଟର ।




# ଆରବିଆଇ ଗଭର୍ଣ୍ଣରଙ୍କୁ ଭେଟିଲେ ଆମେରିକା ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ:** ଭାରତରେ ନବନିଯୁକ୍ତ ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ତାଙ୍କ ପ୍ରଥମ ମୁମ୍ବାଇ ଗସ୍ତ କରିଛନ୍ତି । ଏହି ଅବସରରେ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏବଂ ଟାଟା ସନ୍ସ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନଙ୍କୁ ଭେଟିଛନ୍ତି । ସେମାନଙ୍କ ସହ ଆଲୋଚନା ଗଠନମୂଳକ ରହିଛି ବୋଲି ଗୋର୍ କହିଛନ୍ତି । ବିଭିନ୍ନ ପ୍ରସଙ୍ଗରେ ମହାରାଷ୍ଟ୍ର ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଗୋର୍ ଫଡ଼ନାବିସ୍ଙ୍କ ସହ ଆଲୋଚନା କରିଛନ୍ତି ।

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ସହିତ ଗୋର୍ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଆମେରିକାର ଅତ୍ୟାଧୁନିକ ପ୍ରଯୁକ୍ତି ଉପରେ ମତ ବିନିମୟ କରିଛନ୍ତି । ଚନ୍ଦ୍ରଶେଖରନଙ୍କ ସହ ତାଙ୍କର ଆଲୋଚନା ଗଠନମୂଳକ ଥିଲା ବୋଲି ସେ ପୋଷ୍ଟ କରିଛନ୍ତି । ସଂପ୍ରତି ଭାରତ-ଆମେରିକା ଶୁଳ୍କ ବିବାଦ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଛି । ଅନ୍ୟପକ୍ଷରେ ଏଭଳି ପୃଷ୍ଠଭୂମିରେ ଭାରତୀୟ କଂପାନି ସହ ଆମେରିକା ରାଷ୍ଟ୍ରଦୂତଙ୍କ ଆଲୋଚନା ଶିଳ୍ପ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି ।

## ୧୧ ଯାତ୍ରୀଙ୍କ ସହ ଇଣ୍ଡୋନେସିଆ ବିମାନ ନିଖୋଜ

**ଜାକର୍ତ୍ତା:** ୧୧ ଜଣ ଯାତ୍ରୀଙ୍କୁ ଧରି ଉଡ଼ାଣ କରୁଥିବା ଇଣ୍ଡୋନେସିଆର ଏକ ଆଞ୍ଚଳିକ ଯାତ୍ରୀବାହୀ ବିମାନ ଆଜି ହଠାତ୍ ମଝି ଆକାଶରେ ନିଖୋଜ ହୋଇଯାଇଛି। ଦକ୍ଷିଣ ସୁଲାୱେସିର ଏକ ପାର୍ବତ୍ୟାଞ୍ଚଳରେ ବିମାନଟି ଉଡୁଥିବାବେଳେ ହଠାତ ଟ୍ରାଫିକ କଣ୍ଟ୍ରୋଲ୍ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଇଣ୍ଡୋନେସିଆ ଏୟାର ଟ୍ରାନ୍ସପୋର୍ଟ ଦ୍ୱାରା ପରିଚାଳିତ ଟର୍ବୋପ୍ରପ୍ ଏଟିଆର୍ ୪୨-୫୦୦ ଜାକର୍ତ୍ତାରୁ ଦକ୍ଷିଣ ସୁଲାୱେସିର ରାଜଧାନୀକୁ ଯାଉଥିବାବେଳେ ଏହା ମଝି ଆକାଶରୁ କୁଆଡ଼େ ନିଖୋଜ ହୋଇଯାଇଛି।



ପରିବହନ ମନ୍ତ୍ରାଳୟ ମୁଖପାତ୍ର ଏନଦା ପୁର୍ନମା ସାରି କହିଛନ୍ତି, ବିମାନଟିକୁ ଶେଷ ଥର ପାଇଁ ଆଜି ଅପରାହ୍ନ ୧.୧୭ରେ ମାରୋସ ଜିଲ୍ଲାର ଲିଙ୍ଗ-ଲିଙ୍ଗ ଅଞ୍ଚଳରେ ଟ୍ରାକ୍ କରାଯାଇଥିଲା। ବୁଲୁସାରାଉଙ୍ଗ ଜାତୀୟ ଉଦ୍ୟାନ ନିକଟରେ ଥିବା ଏକ ପାର୍ବତ୍ୟାଞ୍ଚଳରେ ଆଜି ଏହି ବିମାନ ନିଖୋଜ ହୋଇଛି। ବାୟୁସେନା ହେଲିକପ୍ଟର, ଡ୍ରୋନ୍ ଏବଂ ଗ୍ରାଉଣ୍ଡ ୟୁନିଟ୍ ଦ୍ୱାରା ଏବେ ଏହି ବିମାନକୁ ଖୋଜିବାପାଇଁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି।

# ଗୋଆରେ ଡବଲ ମର୍ଡର: ରୁଷ ନାଗରିକ ଗିରଫ

**ପାନାଜୀ:** ପ୍ରେମିକା ଏବଂ ଅନ୍ୟ ଜଣେ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ଗୋଆ ପୁଲିସ ଜଣେ ରୁଷ୍ ନାଗରିକଙ୍କୁ ଗିରଫ କରିଛି। ମୃତ ମହିଳା ଦ୍ୱୟ ରୁଷ୍ ନାଗରିକ ଥିଲେ। ଉତ୍ତର ଗୋଆରେ ଅଭିଯୁକ୍ତ ୩୭ ବର୍ଷୀୟ ଆଲେକ୍ସେଇ ଲିଓନୋଭଙ୍କୁ ଗିରଫ କରାଯାଇଥିବା ନେଇ ପୁଲିସ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛି। ଅଭିଯୁକ୍ତ ଗୁରୁବାର ରାତିରେ ଆରାମ୍ବୋଲଠାରେ ରହୁଥିବା ଭଡ଼ା ଘରେ ପ୍ରେମିକା ଏଲିନା କାଷ୍ଟାନୋଭା (୩୭)ଙ୍କ ଗଳାକାଟି ହତ୍ୟା କରିଥିଲେ।



ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲିଓନୋଭ କାଷ୍ଟାନୋଭାଙ୍କ ହାତ ଓ ଗୋଡ଼ ବାନ୍ଧି ତାଙ୍କୁ ସେହି ଘରେ ବନ୍ଦ କରି ରଖିବାକୁ ଚାହୁଁଥିଲେ। କିନ୍ତୁ ସେ ପଳାୟନ କରିବାକୁ ଚେଷ୍ଟା କରିବାରୁ ଲିଓନୋଭ ପ୍ରେମିକାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଘର ମାଲିକ ଉତ୍ତମ ନାୟକ ଗୋଆ ପୁଲିସକୁ ହତ୍ୟାକାଣ୍ଡ ସମ୍ପର୍କରେ ତୁରନ୍ତ ଖବର ଦେବା ପରେ ଅଭିଯୁକ୍ତଙ୍କୁ ସଙ୍ଗେ ସଙ୍ଗେ ଗିରଫ କରାଯାଇଥିଲା। ତାଙ୍କ ନାଁରେ ବିଏନ୍ଏସ୍ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି।

ଏହି ଘଟଣାର ଦିନକ ପୂର୍ବରୁ ଲିଓନୋଭ ଅନ୍ୟ ଜଣେ ରୁଷୀୟ ମହିଳା ଏଲିନା ଭାନିବା (୩୭)ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଜାନୁଆରି ୧୪ରେ ମୋର୍ଜିମ୍ବାରେ ଲିଓନୋଭ୍ ଛୁରିରେ ଭାନିବାଙ୍କ ବେକ କାଟି ହତ୍ୟା କରିଥିଲେ। ଭାନିବା ରହୁଥିବା ଘରର ମାଲିକ ଏନେଇ ପୁଲିସରେ ଅଭିଯୋଗ କରିଥିଲେ। ପ୍ରଥମ ହତ୍ୟାକାଣ୍ଡ ପରେ ଲିଓନୋଭ୍ ୮ କିମି ଦୂର ଆରମ୍ବୋଲଠାରେ ଦ୍ୱିତୀୟ ହତ୍ୟାକାଣ୍ଡ ଘଟାଇଥିଲେ। ପୁଲିସ ଶୁକ୍ରବାର ଉଭୟ ମୃତଦେହ ଜବତ କରିଛି। ମାଣ୍ଡ୍ରେମ ପୁଲିସ ଲିଓନୋଭଙ୍କୁ ଡବଲ ମର୍ଡର ମାମଲାରେ ଗିରଫ କରିବା ସହିତ ଅଧିକ ତଦନ୍ତ କରୁଛି।

# ଏଲ୍ଓସିରେ ବୁଲୁଛି ପାକିସ୍ତାନୀ ଡ୍ରୋନ

**ନୂଆଦିଲ୍ଲୀ:** ଆଠ ମାସ ପୂର୍ବେ ହୋଇଥିବା ଅପରେସନ ସିନ୍ଦୂର ପାକିସ୍ତାନର ଅଣ୍ଟା ଭାଙ୍ଗିଦେଇଥିଲା। କିନ୍ତୁ ନିଜର ବିବାଦୀୟ କାର୍ଯ୍ୟରୁ ପାକିସ୍ତାନ ବିରତ ହୋଇନାହିଁ। ଅଣ୍ଟା ସଳଖି ପାକିସ୍ତାନ ପୁଣି ଥରେ ସୀମା ପାର୍ ଡ୍ରୋନ୍ ପଠାଇ ଭାରତକୁ ଉସୁକାଇବା ଆରମ୍ଭ କରିଛି। ଜାନୁଆରି ୯ ତାରିଖରୁ ଜମ୍ମୁ-କାଶ୍ମୀର ସୀମାନ୍ତ ସେକ୍ଟରରେ ଅନେକ ପାକିସ୍ତାନୀ ଡ୍ରୋନ୍ ଦେଖାଯାଇଥିଲା। ଏହପରେ ଭାରତ ପକ୍ଷରୁ ଏଭଳି ଅନୁପ୍ରବେଶ ବନ୍ଦ କରିବାକୁ ଅନୁରୋଧ କରିଛି। କିନ୍ତୁ ଗୁରୁବାର ରାତିରେ ପୁଣି ଥରେ ଡ୍ରୋନ୍ ଦେଖାଯିବାରୁ ପାକିସ୍ତାନ ଯେ ଭାରତର କୌଣସି କଥା ଶୁଣୁନାହିଁ ତାହା ମନେ ହେଉଛି । କିନ୍ତୁ ପାକିସ୍ତାନ ହଠାତ୍ କାହିଁକି ସୀମା ପାର ଏହି ଡ୍ରୋନ୍ଗୁଡ଼ିକୁ ପଠାଉଛି? ଏହା ପଛରେ ଉଦ୍ଦେଶ୍ୟ କଦଣ? ଏଭଳି ଅନେକ ପ୍ରଶ୍ନ ଉଠିବାରେ ଲାଗିଛି।ପାକିସ୍ତାନ ଦ୍ୱାରା ପଠାଯାଉଥିବା ଡ୍ରୋନ୍ଗୁଡ଼ିକ ଗତ ବର୍ଷ ମେଦ ମାସରେ ଯୁଦ୍ଧ ସମୟରେ ନିୟୋଜିତ ହୋଇଥିବା କାମିକାଜେ-କ୍ଲାସ୍ ଡ୍ରୋନ୍ ନୁହେଁ। କାମିକାଜେ-କ୍ଲାସ୍ ଡ୍ରୋନ୍କୁ ଆତ୍ମଘାତକ ଡ୍ରୋନ୍ ମଧ୍ୟ କୁହାଯାଇଥାଏ। କିନ୍ତୁ ସମ୍ପ୍ରତି ସୀମା ପାର୍ରୁ ଆସିଥିବା ଡ୍ରୋନ୍ ମୁଖ୍ୟତଃ ଛୋଟ ଆକାରର ଗୁଇନ୍ଦା ଡ୍ରୋନ୍ ଯାହା ବହୁତ କମ୍ ଉଚ୍ଚତାରେ ଉଡୁଛି। ଏଗୁଡ଼ିକ ଆକ୍ରମଣ କରିବା ପୂର୍ବରୁ ଏକ ଅଞ୍ଚଳ ଉପରେ ଘୂରି ବୁଲିବା, ଉପଯୁକ୍ତ ଲକ୍ଷ୍ୟ ଖୋଜିବା ପାଇଁ ଡିଜାଇନ୍ କରାଯାଇଥିବା ଡ୍ରୋନ୍ ବୋଲି ଚଳିତ ସପ୍ତାହର ଆରମ୍ଭରେ ସେନା ଦିବସରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ତାଙ୍କ ଗଣମାଧ୍ୟମ ବ୍ରିଫିଂ ସମୟରେ ଏହା ଉଲ୍ଲେଖ କରିଥିଲେ । ପାକିସ୍ତାନ ବାରମ୍ବାର ଡ୍ରୋନ୍ କାର୍ଯ୍ୟକଳାପ ଆମେ ସତର୍କ ରହିଛୁ। ଯେକୌଣସି ଦୁଃସାହସିକ କାର୍ଯ୍ୟ ପରେ ଦୃଢ଼ ଜବାବ ଦିଆଯିବ। ଏସମ୍ପର୍କରେ ପାକିସ୍ତାନର ସାମରିକ ଅଭିଯାନ ମୁଖ୍ୟଙ୍କୁ ଜଣାଇ ଦିଆଯାଇଛି।

ଜେନେରାଲ ଦ୍ୱିବେଦୀ କହିଥିଲେ, ଦେଖାଯାଇଥିବା ଡ୍ରୋନ୍ଗୁଡ଼ିକ ଛୋଟ। ସେଗୁଡ଼ିକ ଲାଇଟ୍ ଜଳାଇ ଆସିଥିଲେ।

## ହକି ଇଣ୍ଡିଆ ଲିଗ୍

# କଳିଙ୍ଗରେ ବିଜୟଧାରା ଜାରି ରଖିଲା ଲାନସର୍ସ

ଭୁବନେଶ୍ୱର,୧୭।୧(ସବ୍ୟୁ): ତାରକା ଖଚିତ ବେଦା" କଳିଙ୍ଗ ଲାନସର୍ସ ହୋମ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମରେ ଜମାଣିଆ ଆରମ୍ଭ କରିଛି । ଏଥର ହକି ଇଣ୍ଡିଆ ଲିଗ୍ ୩ଟି ଭେନ୍ୟୁ ଯଥା ଚେନ୍ନାଇ, ଝାଡଖଣ୍ଡ ଓ କଳିଙ୍ଗଷ୍ଟାଡିୟମରେ ଖେଳାଯାଉଛି । ଚେନ୍ନାଇ ଓ ଝାଡଖଣ୍ଡ ଲେଗ୍ ଶେଷ କରି କଳିଙ୍ଗ ଷ୍ଟାଡିୟମ ଆସଛି । ଆଶା ଓ ବିଶ୍ୱାସର ସହ ଲାନସର୍ସ ଦିଲ୍ଲୀର ଏସଜି ପାଇପର୍ସକୁ ଭେଟିଥିଲା ।

ପ୍ରଥମ କ୍ୱାର୍ଟରରେ ଉଭୟ ଦଳର ଗୋଲ ଦେଖିବାକୁ ମିଳିଥିଲା । କଳିଙ୍ଗ ଲାନସର୍ସ ପକ୍ଷରୁ ୨ଟି ଓ ପାଇପର୍ସ ଗୋଟିଏ ଗୋଲ ହୋଇଥିଲା । ତେଣୁ ମ୍ୟାଚ୍ ୨-୧ ସ୍ଥିତିରେ ରହିଥିଲା । ଲାନସର୍ସର କୁପର ବୃନ୍ସ ୮ମ ମିନିଟରେ ମ୍ୟାଚର ପ୍ରଥମ ଗୋଲ ଦେଇଥିଲେ । ପୁଣି ୧୦ମ ମିନିଟରେ କ୍ରେଗ୍ ମାରାଇସ୍ ଆଉ ଏକ ଗୋଲ ଦେଇ ବ୍ୟବଧାନକୁ ୨-୦ କରିଥିଲେ । ଏହି ଗୋଲର ଠିକ୍ ଗୋଟିଏ ମିନିଟ ପରେ ପାଇପର୍ସ ଗୋଲ ସୁଝାଇବାକୁ ସକ୍ଷମ ହୋଇଥିଲା । କି ଓ୍ୱିଲଟୋ ୧୧ତମ ମିନିଟରେ ଗୋଲ ଦେଇ ବ୍ୟବଧାନକୁ ୨-୧ କରିଥିଲେ । ପୁଣି ୨୩ତମ ମିନିଟରେ କୁପର ବୃନ୍ସ ବ୍ୟକ୍ତିଗତ ୨ୟ ଗୋଲ ତଥା ଦଳ ପକ୍ଷରୁ ୩ୟ ଗୋଲ କରିଥିଲେ । ତେଣୁ ପ୍ରଥମାର୍ଦ୍ଧ ବିରତୀ ବେଳକୁ ବ୍ୟବଧାନ ୩-୧ ଗୋଲ ହୋଇଥିଲା ।

ଗୋଲ ପୋଷ୍ଟ ଅଦଳବଦଳ ସହ ପାଇପର୍ସ ଓ ଲାନସର୍ସ ପୁଣି ରଣାଙ୍ଗନକୁ ଓହ୍ଲାଇଥିଲେ । ୩୯ତମ ମିନିଟରେ ଆଲେକଜାଣ୍ଡାର ହେଣ୍ଡ୍ରିକ୍ସ ଗୋଲ ଦେବା ସହ ଲାନସର୍ସ ୪-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା । ଚତୁର୍ଥ କ୍ୱାର୍ଟରରେ ଲାନସର୍ସ ପକ୍ଷରୁ ୨ଟି ଗୋଲ ହୋଇଥିଲା । ୫୪ତମ ମିନିଟରେ ଅଙ୍ଗଦ ବୀର ସିଂ ଏବଂ ୫୬ତମ ମିନିଟରେ ଆଲେକ୍ସଜାଣ୍ଡାର ହେଣ୍ଡ୍ରିକ୍ସ (ବ୍ୟକ୍ତିଗତ୨ୟ) ଗୋଲ କରି ବ୍ୟବଧାନକୁ ୬-୧ ଗୋଲ କରିଥିଲେ । ଏଥିସହ ଲାନସର୍ସ ଚଳିତ ଏଚଆଇଏଲରେ ଅପରାଜୟ ରହିବା ସହ ୫ମ ବିଜୟ ହାସଲ କରିଛି ।







## ତୁଫାନ୍ସର ଗୋଲ ବର୍ଷା

ଦୀର୍ଘ ସମୟ ପ୍ରତିକ୍ଷାର ଅନ୍ତ ଘଟିଛି । କଳିଙ୍ଗ ଷ୍ଟାଡିୟମକୁ ଫେରିଛି ହକି ଇଣ୍ଡିଆ ଲିଗ୍ । ବେଙ୍ଗଲ ଟାଇଗର୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲାରେ ସହ ଚଳିତ ହକି ଇଣ୍ଡିଆ ଲିଗ୍ର ଶେଷ ପର୍ଯ୍ୟାୟ କଳିଙ୍ଗରେ ଆରମ୍ଭ ହୋଇଛି । ଏହି ମ୍ୟାଚ୍ ପୂର୍ବରୁ ପଏ ଟେବୁଲର ୬ଷ୍ଠ ସ୍ଥାନରେ ଥିବା ହାଇଦ୍ରାବାଦ୍ ତୁଫାନ୍ସ ଆରମ୍ଭରୁ ହିଁ ବେଲଙ୍ଗ ଟାଇଗର୍ସକୁ ଚାପରେ ରଖିବାକୁ ସଫଳ ହୋଇପାରିଥିଲା । ପ୍ରଥମାର୍ଦ୍ଧରେ ତୁଫାନ୍ସ ୩-୦ ଗୋଲରେ ଅଗ୍ରଣୀ ସହ ଦ୍ୱିତୀୟ ବିଜୟ ସନ୍ଧାନରେ ଆଗକୁ ବଢ଼ିଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ତୁଫାନ୍ସ ଟିମ୍ ବ୍ରାଣ୍ଡ ଓ ଜାଚେରୀଙ୍କ ହ୍ୟାଟ୍ରିକ ଗୋଲ ସହାୟତାରେ ୬-୦ ଗୋଲରେ ବିଜୟୀ ହୋଇଛି । ହାଇଦ୍ରାବାଦ୍ ତୁଫାନ୍ସର ଏହା ଦ୍ୱିତୀୟ ବିଜୟ । ଏଥିସହ ଦଳ ୪ର୍ଥ ସ୍ଥାନକ ଉଠିଛି ।

**ପ୍ରଥମାର୍ଦ୍ଧ:** ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଆରମ୍ଭ ହୋଇଥିଲା । ମାତ୍ର ୨ ମିନିଟରେ ତୁଫାନ୍ସକୁ ଗୋଲ ସ୍କୋରର ସୁବର୍ଣ୍ଣ ସୁଯୋଗ ରହିଥିଲା । ଜାଚେରୀ ୱାଲେସ୍ ଡି ଅଞ୍ଚଳରେ ଚମତ୍କାର ଗୋଲ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ପୁଣି ୧୨ତମ ମିନିଟରେ ଟିମ୍ ବ୍ରାଣ୍ଡ ଆଉ ଏକ ଗୋଲ ଦେବାରୁ ବ୍ୟବଧାନ ୨-୦ ହୋଇଥିଲା । ୧୭ତମ ମିନିଟରେ ଜାଚେରୀ ୱାଲେସ୍ ବ୍ୟକ୍ତିଗତ ଦ୍ୱିତୀୟ ତଥା ଦଳ ତରଫରୁ ତୃତୀୟ ଗୋଲ ସ୍କୋର କରିଥିଲେ । ପୁଣି ୩୦ତମ ମିନିଟରେ ଆଉ ଏକ ଗୋଲ କରି ହ୍ୟାଟ୍ରିକ୍ ପୁରଣ କରିଥିଲେ ଜାଚେରୀ ଓ୍ୱାଲେସ୍ । ତେଣୁ ତୁଫାନ୍ସ ପ୍ରଥମାର୍ଦ୍ଧ ବିରତୀ ସୁଦ୍ଧା ୪-୦ରେ ଅଗ୍ରଣୀ ହାସଲ କରି ବେଙ୍ଗଲ ଟାଇଗର୍ସକୁ ଚାପରେ ରଖିବାକୁ ସଫଳ ହୋଇଥିଲା ।

**ଦ୍ୱିତୀୟାର୍ଦ୍ଧ:** ମଧ୍ୟାନ୍ତର ବ୍ରେକ୍ ପରେ ପୁଣି ଚମକିଥିଲା ହାଇଦ୍ରାବାଦ୍ ତୁଫାନ୍ସ । ୧୨ତମ ମିନିଟରେ ଗୋଲ କରିଥିବା ଟିମ୍ ବ୍ରାଣ୍ଡ ଆଉ ଦୁଇଟି ଦେଇଥିଲେ । ୩୯ତମ ଓ ୪୬ତମ ମିନିଟରେ ଗୋଲ ସ୍କୋର କରି ନିଜର ହ୍ୟାଟ୍ରିକ ପୁରଣ କରିବା ସହ ଦଳକୁ ୬-୦ ଗୋଲରେ ଅଗ୍ରଣୀ କରାଇଥିଲେ । ଏହି ବ୍ୟବଧାନ ଶେଷ ପର୍ଯ୍ୟ" ଜାରି ରହିଥିଲା । ବେଙ୍ଗଲ ଟାଇଗର୍ସ ଗୋଟିଏ ବି ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇନଥିଲା ।

## ଟିଟିସି -ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲ

ପରଜଙ୍ଗ,୧୭।୧(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମ ଠାରେ ବୀର ବେନୁ ସ୍ମାରକୀ ଦ୍ୱିତୀୟ ବାର୍ଷିକ କ୍ରିକେଟ ମ୍ୟାଚ୍ର ଦ୍ୱିତୀୟ ସେମିଫାଇନାଲ ହୋଇଯାଇଛି । ଏହି ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟ କଟକ ସହୟୁନିୟନ ସ୍ପୋଟିଂ ଝାଡ଼ଖଣ୍ଡ ମଧ୍ୟରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ଯୋଗଦାନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ଚୈତନ୍ୟ କୁମାର ନାୟକ, ସୁଧିର କୁମାର ଦଳବେହେରା ଲୋକେଶ ଦଳବେହେରା, ମଳୟ ସାହୁ ଉର୍ଜା ଟ୍ରଷ୍ଟ ସଭାପତି ଦିପକ କୁମାର ଗୋଛାୟତ ଉପସ୍ଥିତ ଥିଲେ । ରାଇଜିଂ ଷ୍ଟୁଡେଣ୍ଟ କଟକ ଟସ୍ ଜିତି, ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲେ । ମୁଖ୍ୟ ଅତିଥି ମନୋରଞ୍ଜନ ସାହୁ ବ୍ୟାଟିଂ କରିଥିବା ବେଳେ ପରଜଙ୍ଗ କ୍ରିକେଟ କ୍ଲବର ପୂର୍ବତନ ଅଧିନାୟକ ସୁଧିର କୁମାର ଦଳବେହେରା ଫିଲଡିଙ୍ଗ କରି ଖେଳର ଶୁଭାରମ୍ଭ କରିଥିଲେ । ରାଇଜିଂ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ କଟକ ବ୍ୟାଟିଂ କରି ଦଳ ୯ ୱିକେଟ ହରାଇ ୨୦ ଓଭରରେ ୧୫୪ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିଂସରେ ୟୁନିୟନ ସ୍ପୋଟିଂ କ୍ଲବ ଝାଡ଼ଖଣ୍ଡ ବ୍ୟାଟିଙ୍ଗ କରି ହାତରେ ୩ ୱିକେଟ ଥାଇ ୨୦ ଓଭରରେ ୧୨୯ ରନ୍ ସଂଗ୍ରହ ରାଇଜିଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ କଟକ ଠାରୁ ପରାଜିତ ହୋଇଅଛି । ଫଳରେ ମେଗା ଫାଇନାଲ ମ୍ୟାଚ ଟି.ଟି.ସି ଭୁବନେଶ୍ୱର ସହ ରାଇଜିଂ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ କଟକର ହେବାକୁ ଅଛି । କ୍ରୀଡା ପରିଚାଳନା ଜୟକୃଷ୍ଣ ରାଉତ ଓ ସୋମନାଥ ସେଠୀ କରିଥିବା ବେଳେ ଧାରା ବିବରଣୀ ପ୍ରେମାନନ୍ଦ ମହାନ୍ତି ପ୍ରଦାନ କରିଥିଲେ ।

## ଆନ୍ତଃଜିଲ୍ଲା କ୍ରିକେଟ : ଆଦର୍ଶ କ୍ରିକେଟ ଏକାଡେମୀ ଚାମ୍ପିଅନ

ଖଇରା,୧୭।୧(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ବୁଧବାର ଦିନ ଉଦ୍ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲରେ ଆଦର୍ଶ କ୍ରିକେଟ ଏକାଡେମୀ ଉତ୍କଳିକା ସ୍ପୋଟିଂ ବାସୁଦେବପୁରକୁ ୫୫ରନରେ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଆଦର୍ଶ ଏକାଡେମୀ ୨୦ ଓଭରରେ ୬ ୱିକେଟ ହରାଇ ୨୭୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶାଳ ଦାସମାତ୍ର ୩୮ବଲରୁ ବିସ୍ଫୋରକ ୮୮ରନ କରି ଅପରାଜିତ ରହିଥିଲେ। ୨୭୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆ କୁ ଓହ୍ଲାଇଥିବା ଉତ୍କଳିକା ସ୍ପୋର୍ଟିଂ ୨୦ ଓଭରରେରେ ୯ ୱିକେଟ ହରାଇ ମାତ୍ର ୨୨୦ରନ କରି ପରାଜୟ ସ୍ୱୀକାର କରିଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଓ ଅଶୋକ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। କ୍ରିକେଟ କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ପଡିଆର ଉନ୍ନତିକରଣ ନୁତନ ଗୃହ ନିର୍ମାଣ ପାଇଁ ୮ଲକ୍ଷ ଟଙ୍କା ର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ମହାକୁଡ,ଆଇସିପିଏସ ଅଧ୍ୟକ୍ଷ ରାଜେଶ ମହାକୁଡ,ରାଧାକାନ୍ତ ରାଉଳ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଟିମକୁ ଟ୍ରଫି ସହ ୩୦ହଜାର ଓ ରନର୍ସ ଅପ ଟିମକୁ କପ ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଦର୍ଶ ଏକାଡେମୀର ମୁକେଶ କୁମାର ଓ ମ୍ୟାନ ଅଫ ଦି ସିରିଜ ଭାବେ ଉତ୍କଳିକା ସ୍ପୋର୍ଟିଂର ଚନ୍ଦ୍ର ଶେଖର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସମ୍ପାଦକ ଶିବ ସୁନ୍ଦର ଦାସ ବିବରଣୀ ପାଠ ଓ ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୋରର ଭାବେ କମଳାକାନ୍ତ ବେହେରା,ହେମନ୍ତ ଓ ଦିନେଶ,ଭାସ୍ୟକାର ଭାବେ ଉଦୟଭାନୁ ପତି ଓ ସୁବାସ ସାର ଦାୟିତ୍ୱ ତୁଲାଇଥିଲେ।

## କାଠପାଳ ପ୍ରିମିୟର ଲିଗ-୦୩ ମହାବୀର ଇଲେଭେନ କ୍ଲବ ଚାମ୍ପିଅନ

ନୀଳଗିରି,୧୭।୧(ସବ୍ୟୁ): ନୀଳଗିରି ନିର୍ବାଚନ ମଣ୍ଡଳୀର ମଛୁଆ ପଞ୍ଚାୟତର କାଠପାଳ ଗ୍ରାମରେ ଆୟୋଜିତ ହେଉଥିବା କାଠପାଳ ପ୍ରିମିୟର ଲିଗ - ୦୩ ର ଉଦଯାପନ ହୋଇଅଛି । ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଯୁବ ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ, ଆଇନଜିବୀ ତଥା ସମାଜସେବୀ ସୁଶାନ୍ତ ଖୁଣ୍ଟିଆ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଦୀର୍ଘ ୧୦ ଦିନ ଧରି ଏହି କାଠପାଳ ପ୍ରିମିୟର ଲିଗ -୦୩ ଜାନୁଆରୀ ୫ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖରେ ସମାପ୍ତ ହୋଇଅଛି । ଆଜିର ଫାଇନାଲ ମ୍ୟାଚରେ ମହାବୀର ଇଲେଭେନ କ୍ଲବ ମାରୁତି ଇଲେଭେନ କୁ ହରାଇ ଚାମ୍ପିୟନ ହୋଇଅଛି । ମୁଖ୍ୟ ଅତିଥି ଚନ୍ଦ୍ରବିନ୍ଦୁ ଦାସ ଆଜିର କାର୍ଯ୍ୟକ୍ରମରେ ଖେଳାଳୀ ଏବଂ ଆୟୋଜକ ମାନଙ୍କୁ ଉତ୍ସାହିତ କରିବା ସହିତ ଖେଳ ଏବଂ ଜୀବନ ସହିତ ଥିବା ସାମଞ୍ଜସ୍ୟକୁ ଚମକାର ଭାବେ ଉପସ୍ଥାପନ କରିଥିଲେ ।

## ରାଜ୍ୟ ଲନ ବଲ ଟୁର୍ଣ୍ଣାମେଣ୍ଟ: ବଲାଙ୍ଗିରକୁ ସ୍ୱର୍ଣ୍ଣ



ବଲାଙ୍ଗିର,୧୭।୧(ସବ୍ୟୁ): ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଚାଲିଥିବା ତୃତୀୟ ରାଜ୍ୟ ଲନ ବଲ ପ୍ରତିଯୋଗିତାରେ ସିନିୟର ପୁରୁଷ ବିଭାଗରେ ଫୌଶ ଇଭେଣ୍ଟରେ ବଲାଙ୍ଗିର ଜିଲ୍ଲା ସ୍ୱର୍ଣ୍ଣ ପଦକ ହାସଲ କରିଛି । ବଲାଙ୍ଗିର କ୍ଲବ ରୌପ୍ୟ ପଦକ ହାସଲ କରିଥିବା ବେଳେ ବ୍ରୋଞ୍ଜ ପଦକ ସୋନପୁର ଜିଲ୍ଲା ଏବଂ ଢେଙ୍କାନାଳ ହାସଲ କରିଛନ୍ତି । ସେହିପରି ମହିଳା ଫୌଶ ଇଭେଣ୍ଟରେ ସମ୍ବଲପୁର ଜିଲ୍ଲା ସର୍ଣ୍ଣ ପଦକ ହାସଲ କରିଥିବା ବେଳେ ରୌପ୍ୟ ପଦକ ହାସଲ କରିଛନ୍ତି । ବଲାଙ୍ଗିର ଜିଲ୍ଲା ଏବଂ ବ୍ରୋଞ୍ଜ ପଦକ ଢେଙ୍କାନାଳ ଜିଲ୍ଲା ଏବଂ ବଲାଙ୍ଗୀର କ୍ଲବ ହାସଲ କରିଛନ୍ତି, ମହିଳା ସିଙ୍ଗଲ ଇଭେଣ୍ଟ ରେ ବଲାଙ୍ଗୀର ଜିଲ୍ଲା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରୌପ୍ୟ ପଦକ ହାସଲ କରିଛନ୍ତି ସମ୍ବଲପୁର ଜିଲ୍ଲା ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୌଦ୍ଧ ଜିଲ୍ଲା ଏବଂ ବଲାଙ୍ଗୀର କ୍ଲବ ।

ସେହିପରି ପୁରୁଷ ସିଙ୍ଗଲରେ ଢେଙ୍କାନାଳ ଜିଲ୍ଲା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରୋପ୍ୟ ପଦକ ହାସଲ କରିଛନ୍ତି ସମ୍ବଲପୁର ଜିଲ୍ଲା ସେହିପରି ବଲାଙ୍ଗିର ଜିଲ୍ଲା ଏବଂ ଭୁବନେଶ୍ୱର ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏନେଇ ଶନିବାର ଖେଳାଳି ମାନଙ୍କୁ ସମ୍ମାନିତ କରିଥିଲେ ବଲାଙ୍ଗିର ଅତିରିକ୍ତ ଏସ. ପି ଗୁଣନିଧି ମଲ୍ଲିକ ।ଅନ୍ୟତମ ଅତିଥି ଭାବେ ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୁଇଁତଲା ତହସିଲଦାର ଗୌରବ କୁମାର ବର୍ଗେ, ଜେ ଆଇ ଟି ଏମ କଲେଜ ପ୍ରତିଷ୍ଠାତା ପ୍ରଦୀପ କୁମାର ଷଡ଼ଙ୍ଗୀ, ରାଜ୍ୟ ଲନ ବଲ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦର ସେଠ, ବିଭୁତି ସ୍ୱାଇଁ ଉପସ୍ଥିତ ଥିଲେ ।

## ରାଜ୍ୟ ସ୍ତରୀୟ ସତ୍ୟନାରାୟଣ କପ: ଯାଜପୁର ବିଜୟୀ



ଚଣ୍ଡିଖୋଲ ୧୭/୧(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ନିଶିମଳା ଖେଳପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ୪୨ ତମ ସତ୍ୟନାରାୟଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଦିନ ଏକ ମହିଳା ଟି ଟୋଣ୍ଟି ମ୍ୟାଚରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କେନ୍ଦ୍ରାପଡ଼ାକୁ ୮ ଉଇକେଟରେ ହରାଇ ଯାଜପୁର ମହିଳା ଟିମ ବିଜୟୀ ହୋଇଥିଲା। କେନ୍ଦ୍ରାପଡ଼ା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯୮ରନ ହାସଲ କରିଥିଲେ। ଦ୍ୱିତୀୟ ପାଳିରେ ଯାଜପୁର ଟିମ ବ୍ୟାଟିଂ କରି ୧୨ ଓଭରରେ ୯୯ରନ କରି ବିଜୟ ହାସଲ କରିଥିଲେ। ଚଣ୍ଡିଖୋଲ ବଜାର କମିଟିର ସମ୍ପାଦକ ରବୀନ୍ଦ୍ରରାଉତ ଏହି ମ୍ୟାଚକୁ ଉଦଘାଟନ କରିଥିଲା ବେଳେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ ଯୋଗ ଦେଇ ବିଜୟୀ ଯାଜପୁର ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୂଚନା ଅଧିକାରୀ କର୍ମୀ ସର୍ବେଶ୍ୱର ବେହୁରା କେନ୍ଦ୍ରାପଡ଼ା ଦଳକୁ ରନସ୍ପ ଅଫ ଟ୍ରଫି ପ୍ରଦାନ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଅଜୟ ଜେନା,ଇପ୍ସିତା ପରିଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରିଥିଲେ ଓ ଯାଜପୁର ଜିଲ୍ଲା ଯୁବ ବିଜେପି ସାଧାରଣ ସମ୍ପାଦକ ପ୍ରୀତମକୁମାର ନାୟକ, ଆଦ୍ୟାସା ସାହୁଙ୍କୁ ବେଷ୍ଟ ବୋଲର ଭାବେ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଟିମ ପରିଚାଳକ ବିକାଶକୁମାର ଦାସ, ସମ୍ପାଦକ ଶ୍ୱେତରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।ମହେଶ୍ୱର ବେହେରା ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିବା ବେଳେ ଅନିନ୍ଦ୍ୟ ସାମଲ, ଅବିନାଶ ଜେନା, ଦୁଷ୍ମନ୍ତ ଖିଲାର, ରାକେଶ ବିଶ୍ୱାଳ,ଜିତୁ,ସୋମ୍ୟ, ଅଭି,ଜିଲୁ,ପ୍ରମୁଖ ସହଯୋଗ କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ହ୍ୱାଟସଆପ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।

## କ୍ରୀଡ଼ା ବିକାଶ: ସିଡନୀ ୟୁନିଭରସିଟି -କିଟ୍ ଏମଓୟୁ



ଭୁବନେଶ୍ୱର,୧୭।୧(ସବ୍ୟୁ): କ୍ରୀଡ଼ାର ବିକାଶ ନେଇ ଅଷ୍ଟ୍ରେଲିଆର ସିଡନୀ ୟୁନିଭରସିଟି ସ୍ପୋର୍ଟ ଏବଂ ଫିଟନେସ୍ ଲିମିଟେଡ୍ (ସିଡନୀ ୟୁନିଭରସିଟି ସ୍ପୋର୍ଟ) ଓ କିଟ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଯାଇଛି। କିଟ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ସିଡନୀ ୟୁନିଭରସିଟି ସ୍ପୋର୍ଟ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଡୱାର୍ଡ ସ୍ମିଥ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ଏହି ବୁଝାମଣାପତ୍ର ଅନୁସାରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରଦର୍ଶନକୁ ବୃଦ୍ଧି କରିବା, ବୃତ୍ତିଗତ ବିନିମୟ, ପ୍ରଶିକ୍ଷକ ଶିକ୍ଷା, କ୍ରୀଡା ବିଜ୍ଞାନ କ୍ଷମତା ଓ କ୍ରୀଡାବିତ ବିକାଶ ଦିଗରେ ଉଭୟ ବିଶ୍ୱବିଦ୍ୟାଳୟ ପରସ୍ପରକୁ ସହଯୋଗ କରିବେ। ଏହା ସହ ପ୍ରୟୋଗିକ ଜ୍ଞାନ ବିନିମୟ ମାଧ୍ୟମରେ ଉଚ୍ଚ-ପ୍ରଦର୍ଶିତ କ୍ରୀଡାରେ ଆନୁଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଉଭୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବେ। ଏଥିରେ ସ୍ୱଳ୍ପକାଳୀନ ପ୍ରଶିକ୍ଷକ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ସିଡନୀ ୟୁନିଭର୍ସିଟି ସ୍ପୋର୍ଟର ପ୍ରଶିକ୍ଷକମାନେ ଉପଲବ୍ଧ ଅଣ-ପ୍ରତିଯୋଗିତା କିମ୍ବା ନିର୍ଦ୍ଦିଷ୍ଟ ତାଲିମ ସପ୍ତାହ ସମୟରେ କିଟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି କିଟ ପ୍ରଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଅଧିବେଶନ, ପରାମର୍ଶ ଓ ବୃତ୍ତିଗତ ବିକାଶ କର୍ମଶାଳା ପରିଚାଳନା କରିବେ। ଏହି କାର୍ଯ୍ୟଗୁଡ଼ିକ ବ୍ୟବହାରିକ ପ୍ରଶିକ୍ଷଣ ପଦ୍ଧତି, ଆଧୁନିକ ତାଲିମ ପଦ୍ଧତି ଓ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ସମନ୍ୱିତ କ୍ରୀଡ଼ା-ନିର୍ଦ୍ଦିଷ୍ଟ ଦକ୍ଷତା ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି ଆଶା କରାଯାଉଛି।

ସେହିପରି କିଟ ଏହାର ପ୍ରଶିକ୍ଷକମାନଙ୍କୁ ଅଷ୍ଟ୍ରେଲିଆରେ ସିଡନୀ ୟୁନିଭର୍ସିଟି ସ୍ପୋର୍ଟ ପରିଦର୍ଶନ କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଫଳରେ ସେମାନଙ୍କୁ ଉନ୍ନତ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିବେଶରେ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ସହିତ କାର୍ଯ୍ୟ କରି ସିଧାସଳଖ ଅଭିଜ୍ଞତା ହାସଲ କରିବାକୁ ସକ୍ଷମ କରିବ। ଏଭଳି ପ୍ରୟାସକୁ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିବା ସହ କହିଛନ୍ତି, ଏହିପରି ବିନିମୟ ଲକ୍ଷ୍ୟ କୋଚିଂ ଦକ୍ଷତା ବୃଦ୍ଧି କରିବା, ବୃତ୍ତିଗତ ଦୃଷ୍ଟିକୋଣକୁ ବ୍ୟାପକ କରିବା ଏବଂ ଆଥଲେଟ ପ୍ରସ୍ତୁତି, ତାଲିମ ଡିଜାଇନ୍ ଏବଂ କାର୍ଯ୍ୟଦକ୍ଷତା ପରିଚାଳନାରେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଗ୍ରହଣକୁ ପ୍ରୋତ୍ସାହିତ କରିବ।

କିଟ ଓ କିସ ଆରମ୍ଭରୁ ଶିକ୍ଷା ସହ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଆସୁଛି। କିଟରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଥିବାରୁ ଏଠାରେ ବର୍ଷ ତମାମ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ହୋଇଥାଏ। ଫଳରେ ଏହା ଅନ୍ତର୍ଜାତୀୟ କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି